

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର, ୧୫ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 15 MAY 2022
Vol.No. 33 ■ No. 126 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


## ବିଦେଶକୁ ଗହମ ରପ୍ତାନୀ ଉପରେ ଲାଗିଲା ରୋକ୍



ନୂଆଦିଲ୍ଲୀ, ୧୪/୦୫ : ଗହମ ରପ୍ତାନୀ ଉପରେ ରୋକ ଲଗାଇଛନ୍ତି କେନ୍ଦ୍ର ସରକାର । ସରକାରଙ୍କ ବିନା ଅନୁମତିରେ ଅନ୍ୟ ଦେଶମାନଙ୍କୁ ଏଣିକି ଗହମ ଦେଶ ବାହାରକୁ ପଠାଯାଇ ପାରିବନି । ଅର୍ନ୍ତଜାତୀୟ ବଜାରରେ ଦିନକୁ ଦିନ ଗହମର ଅଭାବ ଦେଖାଯିବା ପରେ ମୂଲ୍ୟ ବି ଆକାଶଛୁଆଁ ହୋଇଛି । ଏଭଳି ସ୍ଥିତିକୁ ନଜରରେ ରଖି ସରକାର ଅସ୍ଥାୟୀ କଟକଣା ଲଗାଇଛନ୍ତି । ତେବେ ମେ ୧୩ ପୂର୍ବରୁ ଗହମ ରପ୍ତାନୀ ପାଇଁ ଯେଉଁ ଅର୍ଡର ରହିଛି, ସେଥିରେ ଏହି କଟକଣା ଲାଗିବ ନାହିଁ । ରୁଷ-ୟୁକ୍ରେନ ମଧ୍ୟରେ ଚାଲଥିବା ଯୁଦ୍ଧର ପ୍ରଭାବ ଅର୍ନ୍ତଜାତୀୟ ବଜାରରେ ଉପରେ ପଡୁଛି । ବିଶ୍ୱ ବଜାରକୁ ଉଭୟ ରୁଷ ଓ ୟୁକ୍ରେନ ଗହମର ଏକ ବଡ ପ୍ରତିଶତ ଯୋଗାଉଥିବାବେଳେ ଏବେ ତାହା ବନ୍ଦ ରହିଛି । ଏପଟେ ଭାରତରେ ପ୍ରବଳ ଗ୍ରୀଷ୍ମ ପ୍ରଭାବ ଯୋଗୁଁ ଗହମ ଫସଲ ଉପରେ ପ୍ରଭାବ ପକାଇଛି । ଦରବୃଦ୍ଧି ନିୟନ୍ତ୍ରଣ ଓ ଖାଦ୍ୟ ସୁରକ୍ଷା ଯୋଜନାରେ ଗହମ ଯୋଗାଣକୁ ଦୃଷ୍ଟିରେ ରଖି ଏବେ ରପ୍ତାନୀ ଉପରେ ରୋକ ଲଗାଇଛନ୍ତି କେନ୍ଦ୍ର ସରକାର । ଭାରତର ଏପରି ନିଷ୍ପତିର ସମାଲୋଚନା କରିଛନ୍ତି ଜି-୭ ରାଷ୍ଟ୍ର ସମୂହ । ବିଶେଷ କରି ରୁଷ-ୟୁକ୍ରେନ ଯୁଦ୍ଧ ଯୋଗୁଁ ବିଶ୍ୱରେ ଗହମ ଅଭାବ ଦେଖା ଦେଇଥିବା ବେଳେ ଭାରତର ଏପରି ନିଷ୍ପତି ଆହୁରି ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି କୁହାଯାଇଛି । ଜି-୭ ରାଷ୍ଟ୍ରର କୃଷିମନ୍ତ୍ରୀଙ୍କ ବୈଠକରେ ଏହି ନିଷ୍ପତି ଉପରେ ଭାରତ ପୁନର୍ବିଚାର କରୁ ବୋଲି ମତ ପ୍ରକାଶ ପାଇଛି । ଆସନ୍ତା ମାସରେ ଥିବା ଜି-୭ ବୈଠକରେ ଏହା ଉପରେ ଆଲୋଚନା କରିବାକୁ ମତ ପାଇଛି । ଏହି ବୈଠକରେ ଯୋଗ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରାଯାଇଛି ।

## ଦିଲ୍ଲୀ ଅଗ୍ନିକାଣ୍ଡରେ ଗଲା ୨୭ ଜଣଙ୍କ ଜୀବନ



ନୂଆଦିଲ୍ଲୀ, ୧୪/୦୫ : ଦିଲ୍ଲୀରେ ୪ ମହଲା ବିଶିଷ୍ଟ ବ୍ୟବସାୟିକ ପ୍ରତିଷ୍ଠାନ ନିଆଁ ଲାଗିବା ଫଳରେ ୨୭ ଜଣଙ୍କର ମୃତ୍ୟୁ ହୋଇଛି । ଅଗ୍ନିକାଣ୍ଡରେ ଏକାଧିକ ଲୋକ ଗୁରୁତର ଆହତ ମଧ ହୋଇଥିବା ସୂଚନା ଆସୁଛି । ୩୦ଟି ଦମକଳ ବାହିନୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ଜଣାପଡିଛି । ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ପରିଖିଛନ୍ତି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ । ତେବେ କେଉଁ କାରଣରୁ ନିଆଁ ଲାଗିଲା ତାକୁ ନେଇ ଛାନଭିନ୍ ଆରମ୍ଭ କରିଛି ପୁଲିସ । ଦିଲ୍ଲୀରେ ୪ ମହଲା ବିଶିଷ୍ଟ ଏକ ବ୍ୟବସାୟିକ ପ୍ରତିଷ୍ଠାନରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଦିଲ୍ଲୀର ମୁଣ୍ଡକା ମେଟ୍ରୋ ଷ୍ଟେସନ ନିକଟରେ ଏହି ଅଘଟଣ ଘଟିଛି । ବିଲଡିଂରେ ଲାଗିଥିବା ନିଆଁ ଦେଖି ଆତଙ୍କିତ ଅବସ୍ଥାରେ ସ୍ଥାନୀୟ ବାସିନ୍ଦା । ବିଲଡିଂରୁ ନିର୍ଗତ ହେଉଥିବା ଧୂଆଁ ସାରା ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି । ଘଟଣାରେ ଆହତ ବ୍ୟକ୍ତିଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି । ଦମକଳ ବାହିନୀ ନିଆଁକୁ ଆୟତ୍ତ କରିବା ସହ ଉଦ୍ଧାରକାର୍ଯ୍ୟ ଜାରି ରଖିଛି । ସେପଟେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ଉପ-ମୁଖ୍ୟମନ୍ତ୍ରୀ ମନିଶ ସିସୋଦିଆ ଘଟଣା ସ୍ଥଳରେ ପହଞ୍ଚ ଘଟଣା ସ୍ଥିତି ପରଖିଛନ୍ତି । ଦିଲ୍ଲୀ ମୁଣ୍ଡକା ମେଟ୍ରୋ ଷ୍ଟେସନ ନିକଟରେ ଥିବା ଏକ ୪ ମହଲା ବିଲଡିଂ । ଯେଉଠି ନିଆଁ ଲାଗିବା ପରେ ସାରା ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା । ବିଲଡିଂରେ ଉପସ୍ଥିତ ଲୋକେ ଜୀବନ ବଞ୍ଚାଇବାକୁ ଆପ୍ରାଣ ଉଦ୍ୟମ କରୁଥିଲେ । ଏହି ସମୟରେ ଝରକା ଫାଙ୍କରୁ ଡେଉଁଥିବା ଜଣେ ଲୋକ ଗଳିପଡିବାର ଦୃଶ୍ୟ କ୍ୟାମେରାରେ କଏଦ ହୋଇଥିଲା । ଦ୍ୱିତୀୟ ମହଲାରୁ ୨୭ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ୪୦ ଜଣ ଆହତଙ୍କୁ ବିଲଡିଂ ଭିତରୁ ବାହାର କରାଯାଇଛି । ଘଟଣା ପରେ ବିଲଡିଂ ମାଲିକଙ୍କୁ ଗିରଫ କରାଯାଇଥିବା ଜଣାପଡିଛି । ଏ ଘଟଣାରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଦୁଃଖପ୍ରକାଶ କରିଛନ୍ତି । ସେହିପରି ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଦିଲ୍ଲୀ ସରକାର ମଧ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଏବଂ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଘୋଷଣା କରିଛନ୍ତି ।

### ଦିଲ୍ଲୀରେ ଅଗ୍ନିକାଣ୍ଡ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ

ଭୁବନେଶ୍ୱର, ୧୪/୦୫ (ନି.ପ୍ର): ଦିଲ୍ଲୀର ମୁଣ୍ଡକା ଠାରେ ହୋଇଥିବା ଭୀଷଣ ଅଗ୍ନିକାଣ୍ଡ ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସେ ଟ୍ୱିଟ କରି କହିଛନ୍ତି ଯେ ଦିଲ୍ଲୀରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ଏତେ ଜଣଙ୍କର ଜୀବନହାନୀ ସୂଚନା ଶୁଣି ମୁଁ ଦୁଃଖିତ । ଏଥିରେ ମୃତ୍ୟୁବରଣ କରିଥିବା ଲୋକ ମାନଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଆହତ ମାନଙ୍କର ଆଶୁ ଆରୋଗ୍ୟ କାମନା କରୁଛି ।

### ପୁରୀରୁ ୩କୋଟି ଟଙ୍କାର ବ୍ରାଉନସୁଗାର ଜବତ : ମାଷ୍ଟରମାଇଣ୍ଡ ସୁଶାନ୍ତ ସମେତ ୩ଜଣ ଗିରଫ

ପୁରୀ, ୧୪/୦୫ (ନି.ପ୍ର): ପୁରୀ ମଙ୍ଗଳାଘାଟ ଅଞ୍ଚଳରୁ ୩ କିଲୋର ବ୍ରାଉନ ସୁଗାର ଜବତ ଘଟଣା । ଏହି ଘଟଣାରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଛି ପୋଲିସ । ଗିରଫ ହୋଇଥିବା ୩ଜଣ କଣାସ ଅଞ୍ଚଳର ହୋଇଥିବା ବେଳେ ଏମାନେ ବ୍ରାଉନସୁଗାର କାରବାରରେ ସମ୍ପୃକ୍ତ ଥିଲେ । ୩ଜଣଙ୍କ ଭିତରୁ ନଣ୍ଡା ଓରଫ ସୁଶାନ୍ତ ଏହି ଘଟଣାର ମାଷ୍ଟରମାଇଣ୍ଡ । ଏନେଇ ପୁରୀ ଏସପି ସାମ୍ବାଦିକ ସମ୍ମିଳନୀରେ ସୁଚନା ଦେଇଛନ୍ତି । ଅଧିକ ତଦନ୍ତ ପାଇଁ ନଣ୍ଡାକୁ ରିମାଣ୍ଡରେ ଆଣିବ ପୋଲିସ । ତେବେ ଜବତ ହୋଇଥିବା ବ୍ରାଉନସୁଗାରର ଆନୁମାନିକ ମୁଲ୍ୟ ୩ କୋଟି ଟଙ୍କା ହେବ ।

### ନିଖୋଜ ବିଧାୟକଙ୍କ ମିଳୁନି ପତ୍ତା

ଭୁବନେଶ୍ୱର, ୧୪/୦୫ (ନି.ପ୍ର): ନିଖୋଜ ହେବାର ଦୁଇ ଦିନ ପରେ ବି ଆସିକାର ପୂର୍ବତନ ବିଧାୟକ ସରୋଜ ପାଢୀଙ୍କ ପତ୍ତା ମିଳୁନି । ଘଟଣାକୁ ୪୮ ଘଣ୍ଟାରୁ ଅଧିକ ସମୟ ବିତି ଯାଇଥିଲେ ବି ଏ ଯାଏଁ ତାଙ୍କର କୌଣସି ପତ୍ତା ମିଳିନାହିଁ । ପୁଅ ସଙ୍ଗୀତ ପାଢ଼ୀଙ୍କ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଛି ପୋଲିସ । ସୂଚନା

▶▶ପୃଷ୍ଠା ୭

## ଗିରଫ ହେଲେ ଭିଜିଲାନ୍ସ ଇନ୍ସପେକ୍ଟର ମାନସୀ ଜେନା



ଭୁବନେଶ୍ୱର, ୧୪/୦୫ (ନି.ପ୍ର): ଗିରଫ ହେଲେ ଭିଜିଲାନ୍ସ ଇନ୍ସପେକ୍ଟର ମାନସୀ ଜେନା । ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ମାମଲାରେ ତାଙ୍କୁ ଗିରଫ କରାଯାଇଛି । ଖାଲି ସେତିକି ନୁହେଁ ମାନସୀଙ୍କ ସହଯୋଗୀ ମୁକେଶ ସାହୁ ମଧ ଗିରଫ ହେଇଛନ୍ତି । ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର ୟୁନିଟ୍ ତାଙ୍କୁ ଗିରଫ କରିଥିବା ନେଇ ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ, ସମ୍ବଲପୁର ଭିଜିଲାନ୍ସ ଡିଭିଜନର ମହିଳା ଇନ୍ସିପେକ୍ଟର ଲାଞ୍ଚ ନେଉଥିବା ଅଭିଯୋଗରେ ଧରାପଡ଼ିଥିଲେ । ତାଙ୍କୁ ନିଜ ବିଭାଗର ଅଧିକାରୀ ହିଁ ଧରିଥିଲେ । ମହିଳା ଇନ୍ସିପେକ୍ଟର ମାନସୀ ଜେନାଙ୍କ ବିରୋଧରେ ଲାଞ୍ଚ ନେଉଥିବା ଅଭିଯୋଗ ବାରମ୍ବାର ଆସୁଥିଲା । ତାଙ୍କ ଉପରେ ସତର୍କ ନଜର ରଖିଥିଲେ ବିଭାଗୀୟ ଭିଜିଲାନ୍ସ ୟୁନିଟ । ବରଗଡ଼ର ଜଣେ ଦଲାଲ ମୁକେଶ ସାହୁଙ୍କ ଜରିଆରେ ସେ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ପ୍ରଥମେ ମୁକେଶ ସାହୁଙ୍କୁ ଧରିଥିଲା ଭିଜିଲାନ୍ସ । ଜଣେ ସରକାରୀ କର୍ମଚାରୀଙ୍କ ମାମଲା ଦଫାରଫା ପାଇଁ ସେ ଏହି ଲାଞ୍ଚ ନେଉଥିବା ଜଣାପଡିବା ପରେ ସଂପୃକ୍ତ ମହିଳା ଇନ୍ସପେକ୍ଟର ମାନସୀ ଜେନାଙ୍କ ନିକଟରେ ପହଁଚିଥିଲେ ଭିଜିଲାନ୍ସ ଅଧିକାରୀ । ବିଭିନ୍ନ ଦିଗକୁ ନେଇ ଛାନଭିନ୍ ଆରମ୍ଭ ହୋଇଛି । ଉଭୟ ମାନସୀ ଜେନା ଓ ମୁକେଶ ସାହୁଙ୍କ ବିଭିନ୍ନ ଠିକଣାରେ ଚଢ଼ାଉ କରିଥିଲା ଭିଜିଲାନ୍ସ ।

## ନିୟମକାନୁନ ପରିଧିରେ ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟକରଣ ହେଉ : ଧର୍ମେନ୍ଦ୍ର ପ୍ରଧାନ



ଅନୁଗୋଳ/ଭୁବନେଶ୍ୱର, ୧୪/୦୫ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ବିଭିନ୍ନ ଖବର ଆସୁଥିବା ବେଳେ ନିୟମକାନୁନର ପରିଧି ଭିତରେ ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟକରଣ ହେବା ଉଚିତ୍ ବୋଲି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ସଂସ୍କୃତି ସମ୍ପନ୍ନ ରାଜ୍ୟ ଓଡ଼ିଶାରେ ମଠ, ମନ୍ଦିରର ଐତିହ୍ୟ ଓ ପରମ୍ପରା ଦୃଷ୍ଟିକୋଣରୁ ବିଶେଷ ମହତ୍ୱ ରହିଛି। ଏ ସବୁର ସୁରକ୍ଷା ପାଇଁ ଭାରତ ସରକାରଙ୍କ ବ୍ୟବସ୍ଥିତ ନିୟମ ରହିଛି। ରାଜ୍ୟ ସରକାରମାନେ ଏହାକୁ ପାଳନ କରିବା ଉଚିତ୍। ଶ୍ରୀମନ୍ଦିରର ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟୀକରଣ ନେଇ କାହାର ଆପତି ନାହିଁ । ମାତ୍ର ବିଗତ କିଛି ଦିନ ମଧ୍ୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ଆସୁଥିବା ଖବର ଚିନ୍ତାଜନକ। ଶ୍ରୀମନ୍ଦିର ପାର୍ଶ୍ୱବର୍ତୀ ଅଂଚଳରୁ ଯେଉଁଭଳି ହଜାର ହଜାର ବର୍ଷ ତଳର ପୁରାତନ ମୂର୍ତି ଓ ଅନ୍ୟାନ୍ୟ କୀର୍ତିରାଜି ମିଳୁଛି, ସେ ସବୁ ଅଣଦେଖା କରି ପରିକ୍ରମା ଯୋଜନାରେ ଆଧୁନିକୀକରଣ କହିବା ଉଚିତ୍ ନୁହେଁ । ଜଣେ ଜଗନ୍ନାଥ ଭକ୍ତ ଓ ଓଡ଼ିଆ ସଂସ୍କୃତିର ଅନୁଯାୟୀ ଭାବେ ପ୍ରବନ୍ଧକ ମାନଙ୍କ ଠାରୁ ନିୟମକାନୁନ ପରିଧିରେ ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟୀକରଣ ହେବା ମୋର ଅପେକ୍ଷା ରହିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସ୍ଥଗିତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଇନଟାକର ଚିଠି

ଭୁବନେଶ୍ୱର, ୧୪/୦୫ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ନ୍ୟାୟଳୟରେ ବିଚାରାଧୀନ ରହିଛି । ତେଣୁ ଏହାର ନିର୍ମାଣ କାର୍ଯ୍ୟକୁ ସ୍ଥଗିତ ରଖା ଯାଉ । ଇନଟାକ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଏହି ଅନୁରୋଧ କରାଯାଇଛି । ଇନଟାକର ଓଡ଼ିଶା ଆବାହକ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଅମୀୟଭୂଷଣ ତ୍ରିପାଠୀ ଏହି ଚିଠିରେ ଲେଖିଛନ୍ତି ଯେ ଏଏସଆଇର ଅନୁମତି ନିଆ ନଯାଇ ଶ୍ରୀମନ୍ଦିରର ନିଷିଦ୍ଧାଞ୍ଚଳର ଶହେ ଫୁଟ୍ ଦୂରତା ଭିତରେ ନିର୍ମାଣ କାର୍ଯ୍ୟ ହେଉଛି। ଏହାକୁ ନେଇ ରାଜନୈତିକ ବାଦପ୍ରତିବାଦ ଲାଗି ରହିଛି। ଏହାକୁ ନେଇ ଜଗନ୍ନାଥଙ୍କ ଭକ୍ତମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ସେ ଚିଠିରେ ଉଲ୍ଲେଖ ରହିଛି ଯେ ଶ୍ରୀମନ୍ଦିର ୧୦୦ ମିଟର ପରିଧି ମଧ୍ୟରେ ନିର୍ମାଣ କାର୍ଯ୍ୟ ହେଲେ ମେଘନାଦ ପଚେରୀ ଉପରେ ପ୍ରଭାବ ପଡ଼ିବ। ପ୍ରକଳ୍ପ ଆରମ୍ଭରୁ ଆମସର ଆକ୍ଟ ଯାହା ଉଲଂଘନ ହୋଇଛି । ୯ ତାରିଖରେ ହାଇକୋର୍ଟ ଏଏସଆଇକୁ ଆଉ ଏକ ରିପୋର୍ଟ ମାଗିଛନ୍ତି। ତେଣୁ ଏ ଏସ ଆଇ ପରବର୍ତ୍ତୀ ରିପୋର୍ଟ ଦେବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖାଯାଉ ବୋଲି ଏଥିରେ ଅପିଲ କରାଯାଇଛି ।

## ମାନିକ ଶାହା ହେବେ ତ୍ରିପୁରାର ନୂଆ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ, ୧୪/୦୫ : ମାନିକ ଶାହା ହେବେ ତ୍ରିପୁରାର ନୂଆ ମୁଖ୍ୟମନ୍ତ୍ରୀ । ବିପ୍ଳବଙ୍କ ପରେ ତ୍ରିପୁରା ସରକାରର ମଙ୍ଗ ଧରିବେ ମାନିକ ଶାହା । ଆଜି ରାଜ୍ୟ ବିଜେପି ବିଧାୟକ ଦଳର ନେତା ଭାବେ ସେ ନିର୍ବାଚିତ ହୋଇଛନ୍ତି । ତେବେ ଏହା ପୂର୍ବରୁ ବିପ୍ଳବ ଦେବ ତ୍ରିପୁରା ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ରାଜ୍ୟପାଳଙ୍କୁ ଭେଟି ସେ ତାଙ୍କର ଇସ୍ତଫା ପତ୍ର ପ୍ରଦାନ କରିଥିଲେ । ଆଉ ଏହାର ମାତ୍ର କିଛି ଘଣ୍ଟା ପରେ ମାନିକ ଶାହାଙ୍କୁ ତ୍ରିପୁରାର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କରିଛି ବିଜେପି । ଅନ୍ୟପଟେ ବିପଲ୍ଭ ଦେବ ମୁଖ୍ୟମନ୍ତ୍ରୀ ପଦରୁ ହଟିବା ପରେ ଏବେ ତ୍ରିପୁରା ରାଜ୍ୟ ବିଜେପିର ମଙ୍ଗ ଧରିପାରନ୍ତି ବୋଲି ଚର୍ଚ୍ଚା ହେଉଛି । ତାଙ୍କୁ ଦଳର ରାଜ୍ୟ ସଭାପତି ଭାବେ ଦାୟିତ୍ୱ ମିଳିପାରେ ବୋଲି ଚର୍ଚ୍ଚା ହେଉଛି । ତେବେ ଆଗକୁ ତ୍ରିପୁରାରେ ନିର୍ବାଚନ ହେବାକୁ ଥିବାରୁ ବିଜେପି ଏହି ଗୋଟିଚାଳନା କରୁଥିବା କୁହାଯାଉଛି । ସୂଚନାଯୋଗ୍ୟ ଯେ, ବିପ୍ଳବ ଦେବ ଗତ ଶୁକ୍ରବାର ଦିଲ୍ଲୀ ଆସି ଗୃହମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଅମିତ ଶାହାଙ୍କୁ ଭେଟିଥିଲେ । ଆଜି ସେ ଦିଲ୍ଲୀରୁ ଫେରିବା ପରେ ଇସ୍ତଫା ଦେଇଥିବାରୁ ତାଙ୍କ ଇସ୍ତଫା ଦେବା ପାଇଁ କୁହାଯାଇଥିବା ଅନୁମାନ କରାଯାଉଛି । ତେବେ ଇସ୍ତଫା ଦେବା ପରେ ବିପ୍ଳବ ଦେବ କହିଛନ୍ତି, ଦଳର ନିଷ୍ପତି ସର୍ବୋପରି, ସେ ସଙ୍ଗଠନ ପାଇଁ କାର୍ଯ୍ୟ ଜାରି ରଖିବେ । ୨୦୧୮ରେ ବିଜେପି ତ୍ରିପୁରାରେ ନିର୍ବାଚନ ଜିତିବା ପରେ ବିପ୍ଳବ ଦେବ ମୁଖ୍ୟମନ୍ତ୍ରୀ ହୋଇଥିଲେ । ଏହାପୂର୍ବରୁ ପ୍ରାୟ ୨୫ବର୍ଷ ଧରି ଥିବା ବାମପନ୍ଥୀ ସରକାରଙ୍କୁ ଗାଦିଚ୍ୟୁତ କରିବା ପରେ ବିଜେପି ସରକାର ଗଢିଥିଲା ।

## ଅବକାରୀ ଅଧୀକ୍ଷକ ଗାଡ଼ିରୁ ବାହାରିଲା ୬ ଲକ୍ଷ : ବାନ୍ଧିଲା ଭିଜିଲାନ୍ସ



ଭୁବନେଶ୍ୱର, ୧୪/୦୫ (ନି.ପ୍ର): ଗାଡ଼ିରେ ଏତେ ଟଙ୍କା ଧରି ଆସିବା ପଡ଼ିଲା ମହଙ୍ଗା । ଭିଜିଲାନ୍ସ ହାତରେ ଧରା ପଡ଼ିଲେ ରାୟଗଡ଼ା ଅବକାରୀ ଅଧୀକ୍ଷକ ନିନା ବେଉରା । ଗତକାଲି ତାଙ୍କ ଗାଡ଼ିରୁ ୬ ଲକ୍ଷ ଟଙ୍କା ଜବତ କରିଥିଲା ଭିଜିଲାନ୍ସ। ଏତେ ଟଙ୍କା କେଉଁଠୁ ଆଣିଲେ ତାର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ରାୟଗଡ଼ା ଅବକାରୀ ଅଧୀକ୍ଷକ ନିନା ବେଉରାଙ୍କୁ ଗିରଫ କରିଛି ଭିଜିଲାନ୍ସ। ରାୟଗଡ଼ା ଅବକାରୀ ଅଧୀକ୍ଷକ ଟଙ୍କା ନେଇ ଗାଡ଼ିରେ ଆସୁଥିବା ଭିଜିଲାନ୍ସ କୌଣସି ସୂତ୍ରରୁ ଖବର ପାଇଥିଲା। ଖୋର୍ଦ୍ଧା ନିକଟରେ ଭିଜିଲାନ୍ସ ଟିମ୍ ତାଙ୍କ ଗାଡ଼ିକୁ ଅଟକାଇଥିଲା। ଗାଡ଼ି ଯାଞ୍ଚ କରିବାରୁ ୬ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ଏତେ ଟଙ୍କା ଅବକାରୀ ଅଧୀକ୍ଷକ କେଉଁଠି ଆଣିଲେ ବୋଲି ଭିଜିଲାନ୍ସ ଅଧିକାରୀ ତାଙ୍କୁ ପଚରାଉଚରା କରିଥିଲା। ହେଲେ ସେ ସନ୍ତୋଷଜନକ ଉତ୍ତର ଦେଇ ପାରି ନଥିଲେ। ପରେ ତାଙ୍କୁ ଗିରଫ କରାଯାଇଥିଲା। ରାୟଗଡ଼ା ଅବକାରୀ ଅଧୀକ୍ଷକ ବାସଭବନ ଓ ତାଙ୍କ ସମ୍ପର୍କୀୟଙ୍କ ଘରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ନିନାଙ୍କ ସ୍ୱାମୀ ନିହାର ରଂଜନ ମହାନ୍ତି ମାହାଙ୍ଗା ଥାନାରେ ଆଇଆଇସି ଭାବେ କାର୍ଯ୍ୟ କରନ୍ତି। ଭିଜିଲାନ୍ସ ମାହାଙ୍ଗା ସ୍ଥିତ ବାସଭବନ ରେଡ୍ ବେଳେ ବାଧା ଦେଖାଦେଇଥିଲା।

## ବାଲେଶ୍ୱରରେ ଧଳା ଜହର ବିକ୍ରି ବେଳେ ଧରାପଡିଲେ ଦଲାଲ



ବାଲେଶ୍ୱର, ୧୪/୦୫ (ନି.ପ୍ର): ସାମ୍ନାକୁ ଆସିଲା ଧଳା ଜହରର କଳା କାହାଣୀ । ବାଲେଶ୍ୱର ଭୋଗରାଇ ଥାନା ଉଦୟପୁର ଅଞ୍ଚଳରୁ ଦୁଇ ଜଣ ଧଳା ଜହର ବେପାରୀଙ୍କୁ କାବୁ କରି ପୋଲିସର ଜିମା ଦେଇଛନ୍ତି ଗ୍ରାମବାସୀ । ସେମାନଙ୍କ ଠାରୁ ୫ଲକ୍ଷ ଟଙ୍କାର ଧଳା ଜହର ଜବତ କରାଯାଇଛି । ସେପଟେ ପୁରୀ ମଙ୍ଗଳାଘାଟ ଅଞ୍ଚଳରୁ ୩ କିଲୋରୁ ଅଧିକ ବ୍ରାଉନ ସୁଗାର ଜବତ କରାଯାଇଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୩ କୋଟି ଟଙ୍କା ହେବ ବୋଲି ଜଣାପଡିଛି । ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଉଦୟପୁରରୁ ଦୁଇ ବେପାରୀଙ୍କୁ କାବୁ କରିଛନ୍ତି ସ୍ଥାନୀୟ ବାସିନ୍ଦା । ଖୁଣ୍ଟରେ ଦୁଇ ବେପାରୀଙ୍କୁ ବାନ୍ଧି ଦିଆଯାଇଛି । ସ୍ଥାନୀୟ ଯୁବକ ତାଙ୍କ ପକେଟ ଅଣ୍ଡାଳିବା ପରେ ପକେଟରୁ ବାହାରିଛି ବ୍ରାଉନ ସୁଗାର ପୁଡିଆ । ଆଉ ଧରାପଡିବା ପରେ ସେମାନେ ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରୁଛନ୍ତି । ତେବେ ଦୁଇ ବ୍ରାଉନସୁଗାର ବେପାରୀଙ୍କୁ କାବୁ କରିବା ପରେ ପୁଲିସରେ ଜିମା ଦେଇଛନ୍ତି ଗ୍ରାମବାସୀ । ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି, ପଶ୍ଚିମବଙ୍ଗ ଦୀଘା ଥାନା ବିଲାମୁଣ୍ଡା ଗାଁର ଦେବୁ ସିଟ, ଦିପୁ ସିଟ । ସେମାନଙ୍କ ପାଖରୁ ୧୮ଟି ବ୍ରାଉନସୁଗାର ପୁଡିଆ ଜବତ ହୋଇଛି, ଯାହାର ବଜାର ମୂଲ୍ୟ ୫ଲକ୍ଷ ଟଙ୍କା । ସକାଳେ ଦୁଇ ଯୁବକ ଏକ ଟାଟା ମ୍ୟାଜିକ ଗାଡିରେ ଦୀଘାରୁ ଉଦୟପୁରଆସି ଧଳା ଜହର ବିକ୍ରି କରୁଥିଲା ବେଳେ ଲୋକଙ୍କ ହାତରେ ଧରାପଡିଥିଲେ । ଅନ୍ୟପଟେ ପୁରୀ ମଙ୍ଗଳାଘାଟ ଅଞ୍ଚଳରୁ ୩ କିଲୋରୁ ଅଧିକ ଓଜନର ବ୍ରାଉନ ସୁଗାର ଜବତ କରିଛି ପୁଲିସ । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୩ କୋଟି ଟଙ୍କା ହେବ । ଘଟଣାରେ ସମ୍ପୃକ୍ତ କିଙ୍ଗପିନ୍ ଲଣ୍ଡା ଓରଫ ସୁଶାନ୍ତ ପଟ୍ଟନାୟକଙ୍କ ସମେତ ୩ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି । ଅଧିକ ତଦନ୍ତ ପାଇଁ ନଣ୍ଡାକୁ ରିମାଣ୍ଡରେ ଆଣିବାକୁ ପୁରୀ ପୁଲିସ ଯୋଜନା କରିଛି । ପୁରୀରେ ବ୍ରାଉନସୁଗାର କାରାବାରରେ ଗିରଫ ୩ ଅଭିଯୁକ୍ତଙ୍କ ଘର କଣାସ ଅଞ୍ଚଳର । ସେମାନେ ପୁରୀ ସମେତ ଖୋର୍ଦ୍ଧା, ନୟାଗଡ, କଟକ ଓ ଭୁବନେଶ୍ୱରରେ ବ୍ରାଉନସୁଗାର ବିକ୍ରି କରୁଥିଲେ ବୋଲି ପୁରୀ ପୁଲିସ କହିଛି । ଶନିବାର ବାଲେଶ୍ୱର ଭୋଗରାଇ ଓ ପୁରୀରୁ ୩ କୋଟି ୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ହୋଇଛି ।

## ଡ୍ରପ୍ ଆଉଟ୍ ଛାତ୍ରଛାତ୍ରୀଙ୍କୁ ସ୍କୁଲ ଫେରାଇ ଅଣାଯିବ

ଭୁବନେଶ୍ୱର, ୧୪/୦୫ (ନି.ପ୍ର): ଡ୍ରପ୍ ଆଉଟ୍ ଛାତ୍ରଛାତ୍ରୀଙ୍କୁ ସ୍କୁଲ ଫେରାଇ ଆଣିବାକୁ ପଦକ୍ଷେପ ନେବ ଗଣଶିକ୍ଷା ବିଭାଗ। ଚଳିତବର୍ଷ ୭୦ ପ୍ରତିଶତ ଛାତ୍ରଛାତ୍ରୀ ସ୍କୁଲ ଆସିଥିବା ବେଳେ ୩୦ ପ୍ରତିଶତ ପିଲା ପ୍ରାୟ ୧୮ ଲକ୍ଷ ଛାତ୍ରଛାତ୍ରୀ ସ୍କୁଲ ଆସିନାହାନ୍ତି। ୧୦୦ ପ୍ରତିଶତ ସ୍କୁଲ ଉପସ୍ଥାନ ସଂଖ୍ୟା ରଖିବାକୁ ସ୍କୁଲର ଶିକ୍ଷକ, ଶିକ୍ଷୟତ୍ରୀ ଏ ବାବଦରେ ଧ୍ୟାନ ଦେବା ସହ ସ୍କୁଲ କର୍ତୃପକ୍ଷ ଅଭିଭାବକଙ୍କ ସହ ଯୋଗାଯୋଗରେ ରହିବେ। ସେହିପରି ଗାଁର ସରପଂଚ, ଏସଏଚଜିର ମହିଳାମାନଙ୍କ ସହ ଆଲୋଚନା କରି କେଉଁ ଗାଁରେ କେତେ ଛାତ୍ରଛାତ୍ରୀ ସ୍କୁଲ ଆସୁନାହାନ୍ତି ତାର ତଦାରଖ ରଖିବେ। ଆସନ୍ତା ସେସନରେ ସବୁ ପିଲା କେମିତି ଉପସ୍ଥିତ ରହିବେ ତା ଉପରେ ଧ୍ୟାନ ଦିଆଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ସୂଚନା ଦେଇଛନ୍ତି। ସେହିପରି ମାଟ୍ରିକ ପରୀକ୍ଷାରେ ୪୩,୪୮୯ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିବା ପ୍ରସଙ୍ଗରେ ସ୍କୁଲ ଦ୍ୱାରି ରିପୋର୍ଟ ମଗାଯାଇଛି। ଏଥିପାଇଁ ୧୦ ଦିନ ସମୟ ଦିଆଯାଇଛି। ବର୍ତ୍ତମାନ ରିପୋର୍ଟ ଆସିବା ଆରମ୍ଭ ହୋଇଛି, କିଛି ସମୟ ଲାଗିବ ତଥ୍ୟ ଆସିବାକୁ। ଆସିଲା ପରେ ବାସ୍ତବ କାରଣ ଜଣାପଡିବ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି। ଅପରପକ୍ଷରେ ଆସନ୍ତା ବୁଦ୍ଧ ପୂର୍ଣ୍ଣିମା ଓ ସାବିତ୍ରୀ ଅମାବାସ୍ୟାକୁ ଦୃଷ୍ଟିରେ ରଖି ଚଳିତ ମାସ ୧୬ ଏବଂ ୩୦ ତାରିଖ ସ୍କୁଲ ଛୁଟି ଘୋଷଣା କରଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଅଣୁଗଳ୍ପ ପୁସ୍ତକ 'ଜୀବନର ସ୍ୱାଦ' ଲୋକାର୍ପିତ

ଜୟପୁର,୧୪/୦୫ (ନି.ପ୍ର): ଆଜି ଜୟପୁର ଏନକେଟି ରୋଡସ୍ଥିତ ଫ୍ଲୋରେନସ ନାଇଟିଙ୍ଗେଲ ଏଏନ ଏମ୍ ଟ୍ରେନିଂ ସ୍କୁଲରେ ତ୍ରିସଖା ସାହିତ୍ୟ ସଂସଦ, ଶ୍ରୀରାମ ନଗର,ଜୟପୁର ତରଫରୁ ଗାଳ୍ପିକ ଶ୍ରୀ କୃଷ୍ଣଚନ୍ଦ୍ର ହୋତାଙ୍କ ଅଣୁଗଳ୍ପ ପୁସ୍ତକ 'ଜୀବନର ସ୍ୱାଦ' ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଡ଼ଃ ସୁରେଶ ଦାସ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ନଳିନୀ ରଞ୍ଜନ ମିଶ୍ର, ମୁଖ୍ୟ ବକ୍ତା ସାହିତ୍ୟ ଏକାଡେମୀର ସଦସ୍ୟ ଲକ୍ଷ୍ମୀକାନ୍ତ ପାଢୀ, ସମ୍ମାନୀୟ ଅତିଥି ଡ଼ଃ ପ୍ରଦୀପ ମିଶ୍ର, ଅବସରପ୍ରାପ୍ତ ଶିକ୍ଷାବିତ ମନମୋହନ ଆଚାର୍ଯ୍ୟ, ଅଧ୍ୟାପକ ଶ୍ରୀ ପ୍ରେମାନନ୍ଦ ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥି ଆମନ୍ତ୍ରଣ ଓ ସ୍ୱାଗତଭାଷଣ ଯଜ୍ଞେଶ୍ୱର ପଣ୍ଡା ଦେଇଥିବାବେଳେ,କବୟତ୍ରୀ କବିତା ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ ଓ ଅଶୋକ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। କୃଷ୍ଣଚନ୍ଦ୍ର ହୋତା 'ଜୀବନର ସ୍ୱାଦ' ଅଣୁଗଳ୍ପ ପୁସ୍ତକ ବିଷୟରେ ଆଲୋକପାତ କରିଥିଲେ। ଅତିଥି ବୃନ୍ଦ ଅଣୁଗଳ୍ପ ପୁସ୍ତକ 'ଜୀବନର ସ୍ୱାଦ'ରେ ଥିବା ୫୨ଟି ଗଳ୍ପ ବିଷୟରେ ସୁନ୍ଦର ଭାବେ ସମୀକ୍ଷା କରିଥିଲେ। ଗଳ୍ପ ପୁସ୍ତକର ପ୍ରଚ୍ଛଦପ୍ରଚ୍ଛ,ଗାଳ୍ପିକଙ୍କ ଦୃଷ୍ଟିଭଙ୍ଗୀ, ଗଳ୍ପରେ ଥିବା ସାମାଜିକ ବାର୍ତ୍ତା ଓ ପାଠକୀୟ ଆଦୃତ୍ତି ଉପରେ ଆଲୋକପାତ କରିଥିଲେ। ମାତୃଭାଷା ଦିନକୁ ଦିନ ଦୁର୍ବଳ ହୋଇଚାଲିଥିବା ସମୟରେ ମାତୃଭାଷାକୁ ବଞ୍ଚାଇବାର ପ୍ରୟାସ ଏହି ଅଣୁଗଳ୍ପ ପୁସ୍ତକ ମାଧ୍ୟମରେ କରାଯାଇଥିବା ସମସ୍ତ ଅତିଥି, ଉପସ୍ଥିତ କବିଗଣ ଓ ବୁଦ୍ଧିଜୀବୀଙ୍କ ମତ ପ୍ରକାଶ ପାଇଥିଲା। ସ୍ୱର୍ଗତ ଡ଼ଃ ରଜତ କରଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଲୋକାର୍ପଣ କାର୍ଯ୍ୟକ୍ରମରେ କବି ପ୍ରକାଶ ମହାନନ୍ଦିଆ, ସମ୍ପାଦକ ଚନ୍ଦ୍ରକାନ୍ତ ସୁତାର, ସାମ୍ବାଦିକ ସନ୍ତୋଷ ପାତ୍ର, ପ୍ରଶାନ୍ତ ମହାନ୍ତି, ଆଇନଜୀବୀ ମଦନ ନାୟକଙ୍କ ସହ ବହୁ କବି କବୟତ୍ରୀ ଉପସ୍ଥିତ ଥିଲେ। ଶେଷରେ ଡ଼ ଦେବୀପ୍ରସାଦ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷି ଜିଲ୍ଲାସ୍ତରୀୟ କୃଷକ ମେଳା ଅନୁଷ୍ଠିତ

ମାଲକାନଗିରି,୧୪/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲା ର କାଲିମେଳା କୃଷି ଜିଲ୍ଲା ଅନ୍ତର୍ଗତ କାଲିମେଳା ଓ ପଡିଆ ବ୍ଲକ ର କୃଷକ ମାନଙ୍କୁ ନେଇ ଆଜି କୃଷି ଜିଲ୍ଲା ସ୍ତ ରୀୟ କୃଷକ ମେଳା ଅନୁଷ୍ଠିତ ହୋଇଯାଇଛି ! କାଲିମେଳା କୃଷି ଜିଲ୍ଲା ଅଧିକାରୀ କେ.ମାଧବ ରାଓ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କୃଷି ମେଳାରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢୀ,ମୁଖ୍ୟ ବକ୍ତା ଭାବେ ମାଲକାନଗିରି କୃଷି ଜିଲ୍ଲା ଅଧିକାରୀ ସଂଜୀବ କୁମାର ମହାନ୍ତି ,ସ୍ମମାନି ତ ଅତିଥି ଭାବେ କାଲିମେଳା ତହସିଲଦାର ଦୁର୍ଗା ପ୍ରସାଦ ଦୋରା, କାଲିମେଳା ବ୍ଲକ ଅଧକ୍ଷା ସୁଭାସିନି ସୋଢୀ,ପଡିଆ ବ୍ଲକ ଅଧକ୍ଷା ଯମୁନା ମୁସୁକି ,ପୂର୍ବତନ ବିଧାୟକ ମୁକୁନ୍ଦ ସୋଢୀ,ଜିଲ୍ଲା ପରିଷଦ ସଭ୍ୟା ମମତା ପଡିଆମୀ, ସାଂସଦ ପ୍ରତିନିଧି ଇ.ଭେଙ୍କଟ ରାଓ,ଓ ବିଧାୟକ ପ୍ରତିନିଧି ଭବାନୀ ଶଙ୍କର ମୁଖାର୍ଜୀ ପ୍ରମୁଖ ଯୋଗ ଦେଇ ରାଜ୍ୟ ଓ କେଂନ୍ଦ୍ର ସରକାର ଙ୍କ ଦ୍ୱାରା କୃଷକ ମାନଙ୍କ ଉନ୍ନତି ନିମନ୍ତେ କରଯାଇଥିବା ବିଭିନ୍ନ ଯୋଜନା ସଂପର୍କରେ ଆଲୋଚନା କରିଥିଲେ। ଏହିଅବସରରେ ୫ଜଣ ଚାଷୀ ଙ୍କୁ ଅତିଥି ଙ୍କ ଦ୍ୱାରା ପୁରଷ୍କାର ପ୍ରଦାନ କରାଯିବା ସହ ୫ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ୧୦ହଜାର ଟଙ୍କା ଓ ୧୦ଜଣଙ୍କୁ ମୃତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା ! ସଭାକାର୍ଯ୍ୟ କୁ ଅବସର ପ୍ରାପ୍ତ ଶିକ୍ଷକ ଜୟନ୍ତ କୁମାର ସାମଲ ପରିଚାଳନା କରିଥିଲେ !କୃଷକ ମାନଙ୍କ ସୁଚନା ନିମନ୍ତେ କୃଷି ଓ ଆନୁଷଙ୍ଗିକ ବିଭାଗର ୧୦ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା ! ପ୍ରଦର୍ଶିତ ଷ୍ଟଲ ଗୁଡିକ ମଧ୍ୟରୁ ଜଳ ବିଭାଜିକା ର ଷ୍ଟଲ ପ୍ରଥମ ହୋଇଥିଲା। କୃଷି ମେଳା ରେ କାଲିମେଳା ବ୍ଲକ କୃଷି ଅଧିକାରୀ ସଂଜୟ ସୋରେନ,ସହକାରୀ କୃଷି ଅଧିକାରୀ ସୁକାନ୍ତି ବାକା, କାଲିମେଳା ବ୍ଲକ ର ମତ୍ସ୍ୟ ବିଭାଗ, ଉଦ୍ୟାନ ବିଭାଗ, ପଶୁ ସଂପଦ ବିଭାଗ, ମୃତିକା ସଂରକ୍ଷଣ ବିଭାଗର ଅଧିକାରୀ ଏବଂ କାଲିମେଳା ଓ ପଡିଆ ବ୍ଲକ ର ଭିଏଡବ୍ଲ୍ୟୁ ଙ୍କ ସହ ପ୍ରାୟ ୭୦୦ଜଣ କୃଷକ ଉପସ୍ଥିତ ଥିଲେ।

# ସମ୍ବଲପୁର ରେଳ ମଣ୍ଡଳରେ ଆନ୍ତର୍ଜାତୀୟ ନର୍ସ ଦିବସ ଆୟୋଜିତ

ସମ୍ବଲପୁର,୧୪/୦୫ (ନି.ପ୍ର): ସମ୍ବଲପୁର ରେଳ ମଣ୍ଡଳର ଚିକିତ୍ସା ବିଭାଗ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ପାଇଁ ଆଧୁନିକ ନର୍ସିଂର ପ୍ରତିଷ୍ଠାତା "ଫ୍ଲୋରେନ୍ସ ନାଇଟିଙ୍ଗେଲ"ଙ୍କର ଜନ୍ମବାର୍ଷିକୀକୁ ସ୍ମରଣ କରିବା ପାଇଁ ଆନ୍ତର୍ଜାତୀୟ ନର୍ସଦିବସ ପାଳନ କରିଅଛି। ୧୨.୦୫.୨୦୨୨ରେ ମଣ୍ଡଳ ରେଳବାଇ ଚିକିତ୍ସାଳୟ ସମ୍ବଲପୁର ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଚଳିତ ବର୍ଷର ବିଷୟବସ୍ତୁ : "ନର୍ସିଂ ଏ ଭଏସ୍ ଟୁ ଲିଡ୍- ଇନ୍‌ଭେଷ୍ଟ ଇନ୍ ନର୍ସିଂ ଏଣ୍ଡ ରେସପେକ୍ଟ ରାଇଟସ୍ ଟୁ ସିକ୍ୟୋର ଗ୍ଲୋବାଲ ହେଲ୍‌ଥ' ଉପରେ ହୋଇଥିଲା। ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନର ଅଧକ୍ଷା ଶ୍ରୀମତୀ ଇଷା ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନର୍ସିଂ କର୍ମଚାରୀଙ୍କ ଭୂମିକାକୁ ପ୍ରଶଂସା କରିଥିଲେ ଏବଂ ରୋଗୀସେବାରେ ସେମାନଙ୍କର ଅବଦାନକୁ ପ୍ରଶଂସା କରିବା ସହ ସମୃଦ୍ଧ ସମାଜ ପାଇଁ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା କହିଛନ୍ତି। ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁରର ଅଧକ୍ଷା ରେଳବାଇ ଚିକିତ୍ସାଳୟର ନର୍ସିଂ କର୍ମଚାରୀଙ୍କୁ ଉପହାର ମଧ ବଂଟନ କରିଥିଲେ। ଡକ୍ଟର ପି. ରାଜକୁମାରୀ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଘସିପୁରା ବସଷ୍ଟାଣ୍ଡ ଶୌଚାଳୟରେ ସଫେଇ ହେଉନି : ଦୁର୍ଗନ୍ଧରେ ବ୍ୟବସାୟୀ ଓ ଯାତ୍ରୀ ଅତିଷ୍ଠ

ଘସିପୁରା,୧୪/୦୫ (ନି.ପ୍ର): ଘସିପୁରା ବସଷ୍ଟାଣ୍ଡରେ ସ୍ୱଚ୍ଛ ଭାରତ ଅଭିଯାନ ଫେଲ ମାରିଥିବା ଦେଖିବାକୁ ମିଳିଛି । ଶୌଚାଳୟ ସଫେଇ ହେଉନି, ଫଳରେ ମଇଳା ପାଣି ବାହାରକୁ ବାହାରି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି । ନିକଟରେ ଥିବା ଦୋକାନୀ ଭାଇମାନେ ଦୁର୍ଗନ୍ଧରେ ଅତିଷ୍ଠ ହୋଇପଡୁଛନ୍ତି। ଏଭଳି ଦୁର୍ଗନ୍ଧ ଯୋଗୁ ଯାତ୍ରୀ ମଧ ହନ୍ତସନ୍ତ ହେଉଥିବା ଦେଖାଯାଉଛି। ଦୀର୍ଘ ଦିନ ହେଲା ଶୌଚାଳୟକୁ ଜଳ ଯୋଗାଣ ଠିକ୍ ଭାବରେ ହେଉନଥିବା ଓ ଅଗଭୀର ଟାଙ୍ଗି ଓ ସକ୍ ପିଟ ଠିକ୍ ଭାବରେ ହୋଇ ନ ଥିବାରୁ ବାରମ୍ବାର ଟାଙ୍କି ପୁରିଯାଇ ମଇଳା ପାଣି ବାହରକୁ ବାହାରି ଆସୁଛି। ଫଳରେ ଯାତ୍ରୀ ଓ ସାଧାରଣ ଜନତା ଦୁର୍ଗନ୍ଧରେ ଅତିଷ୍ଠ ହୋଇପଡିବା ସହ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି।

# ମାର୍ଥାପୁର ବାଲିଘାଟରୁ ଦୈନିକ ଲକ୍ଷଲକ୍ଷ ଟଙ୍କାର ବାଲି ଚୋରାଚାଲାଣ

ଭୁବନ,୧୪/୦୫ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ପ୍ରଶାସନର ବଟିଖିଆ ନୀତି ଯୋଗୁ ସମଗ୍ର ଜିଲ୍ଲାରେ ଖଣିଜ ଦ୍ରବ୍ୟର ଚୋରାଚାଲାଣ ଦିନକୁ ଦିନ ବଢ଼ି ଚାଲିଥିବାବେଳେ ମାଫିଆ ରାଜ ମଧ ବୃଦ୍ଧି ପାଇବାରେ ଲାଗିଛି। ନିକଟରେ ଚଢ଼ାଉ ପାଇଁ ଯାଇଥିବା ଜନୈକ ପ୍ରୋବେସନର ଆଇଏଏସ୍ ମାଫିଆଙ୍କ ରୋଷର ଶୀକାର ହେବା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି କ୍ରମରେ ଭୁବନ ତହସିଲ ଅଧିନରେ ଥିବା ବିଭିନ୍ନ ବାଲିଘାଟରେ ମଧ ମାଫିଆ ରାଜ ଚାଲିଛି ଓ ସ୍ଥାନୀୟ ତହସିଲ ପ୍ରଶାସନ ପିସି(ବଟି) ନେଇ ନିଦାବିଷ୍ଟ ସାଜିଛି। ଅନୁସନ୍ଧାନରୁ ପ୍ରକାଶ ଯେ, ଭୁବନ ତହସିଲ ଅଧିନରେ ସମୁଦାୟ ୧୧ ଗୋଟି ବାଲିଘାଟ ଦୀର୍ଘମିଆଦି ସୂତ୍ରରେ ଲିଜ୍ ଦିଆଯାଇଛି। ୧୧ଟି ବାଲିଘାଟ ମଧ୍ୟରୁ ସବୁଠାରୁ ଅଧିକ ଲାଭ ହେଉଥିବା ଘାଟ ହେଉଛି ମାର୍ଥାପୁର ଓ ମାର୍ଥାପୁର-୧ ବାଲିଘାଟ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଶହଶହ ଘର ତିଆରି ହେଉଥିବାବେଳେ ବାଲି ଟ୍ରାକ୍ଟର ପିଛା ୧୫୦୦ରୁ ୧୭୦୦ ଟଙ୍କା ପଡୁଛି। ତହସିଲ ପକ୍ଷରୁ ନିଲାମଧାରୀମାନଙ୍କୁ ରୟାଲଟି ବହି ଦିଆଯାଇ ନଥିବାରୁ ପ୍ରତି ଟ୍ରାକ୍ଟର ପିଛା ୫୦୦ରୁ ୭୦୦ ଟଙ୍କା ଆଦାୟ କରୁଛନ୍ତି। ରଡ଼, ସିମେଂଟ ଦର ବୃଦ୍ଧି ସାଙ୍ଗକୁ ବାଲି ଅମୂଲମୂଲ ହେଉଥିବାରୁ ଗୃହ ନିର୍ମାଣ କରୁଥିବା ଲୋକମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ୫୩ ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ ସାଙ୍ଗକୁ ଯାଜପୁର ଜିଲ୍ଲା ସୁକିନ୍ଦା ଖଣି ଉପତ୍ୟକାର ବିରାଟ ଗର୍ତ୍ତ ପୋତିବାକୁ ଭୁବନରୁ ଦୈନିକ ଲକ୍ଷଲକ୍ଷ ଟଙ୍କାର ବାଲି ଚୋରାଚାଲାଣ ହେଉଛି। ତହସିଲ ପ୍ରଶାସନ ସବୁ ଜାଣି ନିଦାବିଷ୍ଟ ସାଜିଛି। ମାର୍ଥାପୁର ଓ ମାର୍ଥାପୁର-୧ ବାଲିଘାଟ ନିଲାମଧାରୀଙ୍କୁ ଜାଗା ଚିହ୍ନଟ କରାଯାଇ ନଥିବାରୁ ଦୀର୍ଘ ବର୍ଷେ ହେଲା ନିଲାମଧାରୀମାନେ ଆବଶ୍ୟକତା ଠାରୁ ଢେର ଅଧିକ ଜାଗାରୁ ବାଲି ଉତୋଳନ କରି ଚୋରାଚାଲାଣ କରୁଛନ୍ତି। ଦୈନିକ ଲକ୍ଷଲକ୍ଷ ଟଙ୍କା ରାଜସ୍ୱ ହାନୀ ହେଉଥିବାବେଳେ ତହସିଲ ପ୍ରଶାସନ ବାଲି ଚୋରାଚାଲାଣକୁ ପ୍ରୋତ୍ସାହନ ଦେଇ ନିଜସ୍ୱ ଆୟ ବୃଦ୍ଧି କରୁଛି। ମାର୍ଥାପୁର-୧ ବାଲିଘାଟରୁ ଯାଜପୁର ଜିଲ୍ଲା ସୁକିନ୍ଦା ଖଣି ଉପତ୍ୟକାର ଇମ୍ପା ଭୂତଳ ଖଣିପୋତା ଯିବାକୁ ଦୈନିକ ଶତାଧିକ ହାଇୱା ଯୋଗେ ବାଲି ଚାଲାଣ ହେଉଛି। ଗତବର୍ଷ ମାର୍ଚ୍ଚ ମାସରୁ ଚଳିତ ବର୍ଷ ଅପ୍ରେଲ ମାସ ମଧରେ ଯେତିକି ବାଲି ଚାଲାଣ ହୋଇଛି ତାହା ନିଲାମଧାରୀଙ୍କ ୫ ବର୍ଷ ସମୟ ମଧରେ ଢେର ଅଧିକ ହେବ। ଏହି ହାଇୱା ଗାଡ଼ିଗୁଡ଼ିକ ମାର୍ଥାପୁରରୁ ଯମୁନା କୋଟ, ଭୁବନ, ମଙ୍ଗଳପୁର ଦେଇ ଯିବାକୁ ନିୟମ ଥିଲାବେଳେ ଗାଡ଼ିଗୁଡ଼ିକ ଗୋଡ଼ା ଛକରୁ ବାରୁଆଁ, ଓଡ଼ିଶା ଦେଇ ଯାଉଥିବାରୁ ଗ୍ରାମ୍ୟ ରାସ୍ତା ଖରାପ ହେଉଛି ଓ ସମୟେ ସମୟେ ଦୁର୍ଘଟଣା ମଧ ହେଉଛି। ଗତ ମାର୍ଚ୍ଚମାସ ୧୧ ତାରିଖ ଦିନ ଚଢ଼ାଉ ସମୟରେ ଜଣାପଡ଼ିଥିଲା ଯେ, ବାଲି ସପ୍ଲାଇ ହେଉଥିବା ୱାଇ ଫର୍ମ ନଂ-୨୨୯୧୪୯ ଏବଂ ଗାଡ଼ି ନଂ ଓଡି୦୬ ଏଚ୍-୩୮୩୦ ଏକ ମୋଟର ସାଇକେଲ ନମ୍ବର ଓ ତାହା ଛାୟାକାନ୍ତ ନାୟକଙ୍କ ନାମରେ ଅଛି। ମୋଟରସାଇକେଲ ନମ୍ବରରେ ବାଲି ଚୋରାଚାଲାଣ ହେଉଥିବା ସ୍ପଷ୍ଟ ହୋଇଛି। କାମାକ୍ଷାନଗର ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ସାହୁ ଏହି ଘଟଣାର ତଦନ୍ତ କରୁଛନ୍ତି। ଦୈନିକ ଲକ୍ଷଲକ୍ଷ ଟଙ୍କାର ବାଲି ଚୋରାଚାଲାଣର ଭିଜିଲାନ୍ସ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ଓ ବାଲି ଚୋରାଚାଲାଣର ମୁଖ୍ୟ କାର୍ପଟଦାର ଇମ୍ପା କମ୍ପାନୀ ଓ ବାଲି ସପ୍ଲାୟର ମୁଖା ଖୋଲିବବୋଲି କୁହାଯାଉଛି।

## ବାଲ୍ୟ ବିବାହ ନିଷେଧ ସଚେତନତା ଶିବିର

ଖୋର୍ଦ୍ଧା,୧୪/୦୫ (ନି.ପ୍ର): ଗୁରୁବାର ଖୋର୍ଦ୍ଧା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ନେହେରୁ ଯୁବ କେନ୍ଦ୍ର, ଖୋର୍ଦ୍ଧାର ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ବାଲ୍ୟ ବିବାହ ନିଷେଧ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ ଅନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ତାଙ୍କ ବକ୍ତବ୍ୟରେ ସମାଜରେ ଚାଲିଥିବା ବାଲ୍ୟ ବିବାହକୁ ସମ୍ପୂର୍ଣ ନିଷେଧ କରିବା ଦିଗରେ ସ୍ୱେଚ୍ଛାସେବୀଙ୍କ ଦାୟୀତ୍ୱ ଓ କର୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଏପରିକି ଶିଶୁ ଯଦି ସୁରକ୍ଷିତ ରୁହେ ତେବେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଶିଶୁ ମଙ୍ଗଳ ସମିତିର ଅଧକ୍ଷ ନୀଳକଣ୍ଠ ତ୍ରିପାଠୀ ବାଲ୍ୟ ବିବାହ ନିଷେଧ ଆଇନ ଉପରେ ସ୍ୱେଚ୍ଛାସେବୀ ମାନଙ୍କୁ ସଚେତନ କରାଇଥିଲେ । ଏହି ଶିବିରକୁ ଅନୁପ କୁମାର ବେହେରା ପରିଚାଳନା କରିଥିଲେ ।

## ନିଖୋଜ ନାବାଳିକା ଉଦ୍ଧାର

ଗଞ୍ଜାମ,୧୪/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ରାମନଗର ଅଂଚଳରୁ ଗତ କିଛି ଦିନ ହେଲା ଜଣେ ନାବାଳିକା ନିଖୋଜ ଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା । ନାବାଳିକାଙ୍କ ପିତାମାତା ଦୃଷ୍ଟିହୀନ ବୋଲି ଜଣାପଡିଛି । ବୈଦ୍ୟନାଥପୁର ପୋଲିସ ଘଟଣାର ତଦନ୍ତ କରି ନାବାଳିକା ଜଣକ ଢ଼େଙ୍କାନାଳ ଜିଲ୍ଲାର ପଣ୍ଡୁଆ ଠାରେ ଥିବା ସୂଚନା ପାଇଥିଲା । ସେଠାରୁ ପୋଲିସ ତାଙ୍କୁ ଉଦ୍ଧାର କରି ଆଜି ତାର ପିତା ମାତାଙ୍କୁ ହସ୍ତାନ୍ତର କରିଛନ୍ତି ।

# କନ୍ଧମାଳ ଜିଲ୍ଲା ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟିତ

କନ୍ଧମାଳ ,୧୪/୦୫ (ନି.ପ୍ର): କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ପଲ୍ଲୀଶ୍ରୀ ମେଳା ଓ ସାଂସ୍କୃତିକ ସଂନ୍ଧ୍ୟା, କନ୍ଧମାଳ ଜିଲ୍ଲା ର କଳା, ସଂସ୍କୃତି ଓ ପରମ୍ପରାର ପ୍ରଦର୍ଶନୀ ନିମନ୍ତେ ଏକ ୫ଦିନିଆ କାର୍ଯ୍ୟକ୍ରମ ର ଶୁଭାରମ୍ଭ ହୋଇଯାଇଛି। ପ୍ରଥମ ଦିନର ସଂନ୍ଧ୍ୟା ରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ନନ୍ଦିନୀ ମଲ୍ଲିକ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରି ରାଜ୍ୟ ସରକାରଙ୍କ ଦ୍ୱାରା କରାଇଥିବା ମିଶନଶକ୍ତି ଜରିଆରେ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପଦକ୍ଷେପ କୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମ ରେ କନ୍ଧମାଳ ଜିଲ୍ଲାପାଳ ଡ. ବୃନ୍ଦା ଡି ଅଧ୍ୟକ୍ଷତା କରି, ପଲ୍ଲୀଶ୍ରୀ ମେଳା ପ୍ରତିବର୍ଷ କନ୍ଧମାଳ ମହୋତ୍ସବ ସହିତ ପାଳନ କରାଯାଉଥିଲା କୋଭିଡ୍ ସଂକ୍ରମଣ ଯୋଗୁଁ ଏହି କାର୍ଯ୍ୟକ୍ରମ ବନ୍ଦ ରହିଥିଲା ଚଳିତ ବର୍ଷ ଏହା ଆରମ୍ଭ ହୋଇଛି । ଏହି ମେଳା ଜରିଆରେ ମହିଳା ମାନେ ସେମାନଙ୍କର ହାତ ତିଆରି ଜିନିଷ ଗୁଡିକ ବିକ୍ରି କରି ସେମାନଙ୍କ ଆର୍ଥିକ ସ୍ଥିତିକୁ ଉନ୍ନତି କରି ପାରିବେ ବୋଲି କହିଥିଲେ। ଅବସରରେ ଅନ୍ୟତମ ଅତିଥି ଭାବେ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରୱାଲ ଯୋଗଦେଇ ପଲ୍ଲୀଶ୍ରୀ ମେଳା ର ଆୟୋଜକ ମାନଙ୍କୁ ଅତି କମ ସମୟ ରେ ଏତେ ସୁନ୍ଦର ଭାବରେ ସାଧୁବାଦ ଦେଇଥିଲେ । କାର୍ଯ୍ୟକ୍ରମ ର ପ୍ରାରମ୍ଭିକ ସଙ୍ଗୀତ ଫୁଲବାଣୀ କୋମଳଗାନ୍ଧାର ସାଂସ୍କୃତିକ ଅନୁଷ୍ଠାନ ର କଳାକାର ମାନେ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ର ନିମନ୍ତ୍ରିତ ଅତିଥି ଭାବରେ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ, ବସନ୍ତ କୁମାର ସାହୁ,ଜିଲ୍ଲା ପରିଷଦ ଉପାଧକ୍ଷା ସାଧବାଣୀ ନାୟକ, ଫୁଲବାଣୀ ଉପ-ଜିଲ୍ଲାପାଳ ଶେଷଦେବ ମିଶ୍ର,ବାଲିଗୁଡା ଉପ-ଜିଲ୍ଲାପାଳ ଦୀନବନ୍ଧୁ ନାୟକ, ଫୁଲବାଣୀ ଆଇ. ଟି. ଡି. ଏ ପ୍ରକଳ୍ପ ପ୍ରଶାସକ ବିରେନ୍ଦ୍ର କୁମାର ଦାସ ଓ ବାଲିଗୁଡା ଆଇ. ଟି.ଡି.ଏ ପ୍ରକଳ୍ପ ପ୍ରଶାସକ ମଧୁସୂଦନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଓରମାସର ଡେପୁଟୀ ସିଇଓ ଦୁର୍ଗାପ୍ରସାଦ ଭୂୟାଁ ଧନ୍ୟବାଦ୍ ଅର୍ପଣ କରିଥିଲେ। ମେଳା ରେ ସମୁଦାୟ ୧୧୬ ଟି ଷ୍ଟଲ ରେ କନ୍ଧମାଳ ଏବଂ ଜିଲ୍ଲା ବାହାରର ବିଭିନ୍ନ ଗ୍ରାମାଂଚଳର ଉତ୍ପାଦିତ ଜିନିଷ ସମେତ ବିଭିନ୍ନ ହାତ ତିଆରି ସାମଗ୍ରୀ ଗୁଡିକର ବିପଣୀ ଖୋଲିଛି। ଏହି ମେଳା ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବେଳେ କନ୍ଧମାଳ ଜିଲ୍ଲା ଏବଂ ଜିଲ୍ଲା ବାହାରର ପାରମ୍ପରିକ କଳାକାର ମାନେ ସେମାନଙ୍କ ନୃତ୍ୟ ଓ କଳା ପ୍ରଦର୍ଶନ କରିଥିଲେ।

# ଟୁରେକେଲା ରେଲୱେ ଷ୍ଟେସନ ପକ୍ଷରେ ବନବିଭାଗର ଚଢ଼ାଉ ଶାଗୁଆନ୍ କାଠପଟା

ବଲାଙ୍ଗିର ,୧୪/୦୫ (ନି.ପ୍ର): ଆଜି ଦିନ ପ୍ରାୟ ୧୧ ଟା ବେଳେ କଣ୍ଟାବାଞ୍ଜି ରେଞ୍ଜ ର ମହୁଲ ପାଟି ସେକ୍ସନ୍ ର ଆଉ ବଲାଙ୍ଗିର ଡିଭିଜନ ର ଭ୍ରାମ୍ୟମାଣ ଦଳ ମିଳିତ ଭବରେ ଟୁରେକେଲା ରେଲୱେ ଷ୍ଟେସନ ପାଖରେ ୧୭ ଖଣ୍ଡ ଶାଗୁଆନ୍ ପଟା ୧୦ ଖଣ୍ଡ ହାତ କରତା ସାଇଜ କାଠ, ଅର୍ଦ୍ଧ ନିର୍ମିତ ପଲଙ୍କ ୨ ଟି କଡ ଖଣ୍ଡ,୨ ଟି ଆଗ ଫାଲ, ୨ ଟି ପଛ ଫାଲ ଜବତ କରିଛନ୍ତି। ମହନିଲହ ଗ୍ରାମର ଫକିର ମୋହନ ଓ ରାଉତମୁଣ୍ଡା ଗ୍ରାମର ନୂଆ ଛତ୍ରିଆ ଙ୍କୁ ଏସମ୍ପର୍କରେ ଗିରଫ କରାଯାଇଛି। ଜିନିଷ ଗୁଡିକ ଜବତ କରି ରେଞ୍ଜ ଅଫିସ କୁ ଅଣାଯାଇଛି ଓ ତଦନ୍ତ ଚାଲୁରହିଛି। ଫରେଷ୍ଟର ଅଶୋକ କୁମାର ନାୟକ, ସୁଧୀର ଜେନା, ନବ କିଶୋର ଦାଶ ସମେତ ଫାରେସଟ୍ଟ ଗାର୍ଡ ଶ୍ରୀମତୀ ଚନ୍ଦନା ସାହୁ , ରାଜେଶ୍ୱରୀ ନାଗ ଶ୍ରୀମତୀ ମୋନାଲିସା ନନ୍ଦ ଶ୍ରୀମତୀ ଚନ୍ଦ୍ରକାନ୍ତି ଖମାରି ମୋବାଇଲ ସ୍କ୍ୱାର୍ଡ ର ଥିଲାବେଳେ ମହୁଲପାଟି ର ଫରେଷ୍ଟର ନୃତମଣି ମହାନନ୍ଦ ସହିତ ୩ ଏପିଆର୍ କଣ୍ଟାବାଞ୍ଜି ରେଞ୍ଜ ର ଏହି ଚଢ଼ାଉ କରି ଥିଲେ।

## ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜିଲ୍ଲା ଅମଲା ସଂଘର ଚିଠି

ଜୟପୁର ,୧୪/୦୫ (ନି.ପ୍ର): ଆଜି କୋରାପୁଟ ଜିଲ୍ଲା ଅମଲା ସଂଘ ସମ୍ପାଦକ ଶଶୀ ଭୂଷଣ ଦାଶ୍ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏକ ଚିଠି ଲେଖିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଜଣେ କନିଷ୍ଠ ସହକାରୀ ବାରମ୍ବାର ବଦଳି ନିମନ୍ତେ ଆବେଦନ କରିଥିଲେ । ତାଙ୍କ ବଦଳି ନିମନ୍ତେ ସ୍ଥାନୀୟ ମନ୍ତ୍ରୀ ସୁପାରିଶ କରିଥିଲେ ସୁଦ୍ଧା ତାଙ୍କର ବଦଳି କରାଯାଉନାହିଁ ଯାହା ଫଳରେ ସେ ମାନସିକ ଚାପରେ ଅଛନ୍ତି । ତାଙ୍କର କାର୍ଯ୍ୟରେ ଅବହେଳା ପ୍ରଦର୍ଶନ ହେଉଛି ଏଥିନେଇ ଗୋଷ୍ଠୀ ଶିକ୍ଷକ ସଂଘ ଓ ଜିଲ୍ଲା ଶିକ୍ଷକ ସଂଘ ବାରମ୍ବାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଅପର ପକ୍ଷରେ କର୍ମଚାରୀଙ୍କ ଦରମା ମାସର ଶେଷ ଦିବସରେ ପ୍ରଦାନ କରିବା ନିମନ୍ତେ ସରକାରଙ୍କ କଡ଼ା ନିର୍ଦ୍ଦେଶ ଥିବା ସତ୍ତ୍ୱେ ଏହାର ପୁରାପୁରି ଉଲଂଘନ ହେଉଛି ଉଚ୍ଚ ବିଦ୍ୟାଳୟ ମାନଙ୍କରେ କାର୍ଯ୍ୟରତ ଅମଲା ମାନେ ପ୍ରତି ମାସରେ ଦରମା ପାଇବାରେ ବହୁତ ବିଳମ୍ବ ହେଉଛି । ସେମାନଙ୍କ ପ୍ରାପ୍ୟ ଗୁଡ଼ିକ ଦିର୍ଘ ଦିନ ଧରି ବକେୟା ରହିଛି ତେଣୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ଅମଲା ମାନଙ୍କ ପ୍ରତି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବୈମାତୃକ ମନୋଭାବକୁ ସେ ନିନ୍ଦା କରିଛନ୍ତି।

# ଚିତ୍ରକୋଣ୍ଡା ବ୍ଲକସ୍ତରୀୟ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ସମୀକ୍ଷା ବୈଠକ

ମାଲକାନଗିରି,୧୪/୦୫ (ନି.ପ୍ର): ଚିତ୍ରକୋଣ୍ଡା ଟେମ୍ପରାରି କଲୋନି ସ୍ଥିତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚିତ୍ରକୋଣ୍ଡା ବ୍ଲକ ସ୍ତରୀୟ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଚିତ୍ରକୋଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ବ୍ଲକ୍ର୧୪ଟି କ୍ଲଷ୍ଟରର ଆଂଚଳିକ ସାଧନ ସଂଯୋଜକ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ମାଲକାନଗିରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ ଯୋଗଦେଇ ଚିତ୍ରକୋଣ୍ଡା ବ୍ଲକ୍ ତଥା ସ୍ୱାଭିମାନ ଅଞ୍ଚଳରେ ଶିକ୍ଷାର ଅଗ୍ରଗତି ସହ ବିକାଶ ନିମନ୍ତେ ଗୁରୁତ୍ୱାରୋପ କରିଥିଲେ। ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଅଞ୍ଜନ ଚୌଧୁରୀ ଚିତ୍ରକୋଣ୍ଡା ବ୍ଲକ ଅଧୀନରେ ଥିବା ୧୮ ଟି ପଚାଂୟତ ସ୍ତରୀୟ ଷ୍ଟାଣ୍ଡିଂ ଶିକ୍ଷା କମିଟି ଗଠନ ନିମନ୍ତେ ଓଡ଼ିଶାସରକାରଙ୍କ ଗାଇଡ୍ ଲାଇନ୍ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ଚିଠି ସଂଖ୍ୟା ୯୧୫୩/୨୧ ତାରିଖ ୨୮/୯/୨୧ ସଂପର୍କରେ ଅବଗତ କରାଇ ତାଲିମ ପ୍ରଦାନ କରାଯାଇଥିଲା । ମୌଳିକ ସାକ୍ଷରତା ଓ ଗାଣିତିକ ସଂଖ୍ୟା ଗଣନା, ଛାତ୍ରଛାତ୍ରୀଙ୍କ ସ୍କୁଲ ପ୍ରବେଶ, ମଧ୍ୟାହ୍ନ ଭୋଜନ, ଶିକ୍ଷକଙ୍କ ନିୟମିତ ବିଦ୍ୟାଳୟରେ ଉପସ୍ଥାନ, ଚତୁର୍ଥ ଓ ପଚଂମ ଶ୍ରେଣୀରେ ଗଣିତ ପାଠକ୍ରମର ପୁନରାବୃତି, ବାଲ୍ୟବିବାହ ବନ୍ଦ କରିବା , ଆଶୀର୍ବାଦ ଯୋଜନା, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟରେ ପ୍ରବେଶ ଉପରେ ଚର୍ଚ୍ଚା କରାଯାଇ ବିଭିନ୍ନ ପ୍ରୋତ୍ସାହନ ରାଶି ପ୍ରଦାନ ବିଷୟରେ ଆଲୋଚନା କରାଯାଇଥିଲା। ଏମ.ଆଇ.ଏସ.ନୀଳମାଧବ ପାତ୍ର ଶିକ୍ଷକ ପ୍ରୋଫାଇଲ ସମ୍ପର୍କରେ ଆଲୋଚନା କରିଥିବା ବେଳେ କୋଷାଧ୍ୟକ୍ଷ ହରିଶ୍ଚନ୍ଦ୍ର ଗୌଡ଼ ଉପସ୍ଥିତ ସାଧନ କେନ୍ଦ୍ର ସଂଯୋଜକ ମାନଙ୍କୁ ସରକାରୀ ଅନୁଦାନର ସଠିକ ବିନିଯୋଗ ବିଷୟରେ ବୁଝାଇଥିଲେ। ଟେମ୍ପରାରି କଲୋନୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ସେଠି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିମିଳିପାଳ କଲେଜ ଅଫ ନର୍ସିଂ ପରିସରରେ ବିଶ୍ୱ ସେବିକା ଦିବସ ପାଳିତ

ରାଇରଙ୍ଗପୁର,୧୪/୦୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାମନଘାଟିଉପଖଣ୍ଡ ଅଧିନସ୍ଥ ଶିମିଳିପାଳ କଲେଜ ଅଫ ନର୍ସିଂ ପରିସରରେ ମହାନ୍ ସେବିକା ଫ୍ଲରେନ୍ସ ନାଇଟ୍‌ଏଙ୍ଗଲଙ୍କ ଜନ୍ମ ତିଥି ଉପଲକ୍ଷେ ବିଶ୍ୱ ସେବିକା ଦିବସ ପାଳିତ ହୋଇଯାଇଛି । କଲେଜର ଅଧକ୍ଷା ଶୁଭଶ୍ରୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଉକ୍ତ ସଭା କାର୍ଯ୍ୟରେ ଟେକ୍ନୱାଲ୍ଡ କଲେଜର ଅଧକ୍ଷ ଲଳିତ ମୋହନ ପ୍ରଧାନ ଯୋଗଦେଇ ନର୍ସିଂ ଛାତ୍ରଛାତ୍ରୀ ମାନଙ୍କୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେବା ମନୋଭାବ ନେଇ କର୍ତବ୍ୟ ପାଳନ କରିବା ସହ ନିଜକୁ ମାର୍ଜିତ କରିବା ପାଇଁ ଉପଦେଶ ଦେଇଥିଲେ । ମୁଖ୍ୟ ବକ୍ତା ରୂପେ ଶ୍ରୀମତି ଜ୍ୟୋସ୍ନାରାଣୀ ନାୟକ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଆଜିର ଦିନକୁ କାହିଁକି ବିଶ୍ୱ ସେବିକା ଦିବସ ପାଳନ କରାଯାଇଥାଏ, ଏହି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇ ଥିଲେ । ସମ୍ମାନିତ ଅତିଥି ରୂପେ ବଡ଼ ପାହାଡ଼ ଏଜୁକେଶନାଲ ଟ୍ରଷ୍ଟର ଟ୍ରଷ୍ଟି ମେମ୍ବର ଇଂ. ଉମାକାନ୍ତ ମହାନ୍ତ, ରାଇରଙ୍ଗପୁର କଲେଜର ଦାରସିଂ ମହାନ୍ତ, ଆଇନଜୀବୀ ଭବାନୀ ଶଙ୍କର ମହାନ୍ତି, ଇଂ. ଗୌରାଙ୍ଗ ମହାନ୍ତ, ଇଞ୍ଜିନିୟର ଅର୍ଚିସମାନ ବେହେରା, ଅଜିତ୍ ମହାନ୍ତ, ପ୍ରଦ୍ୟୁମ୍ନ ଦତ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ସେବିକା ଦିବସର ଉପାଦେୟ ତଥ୍ୟ ବଖାଣି ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କଲେଜର ଅଧାପିକା ନିହାରିକା ମୁଦୁଲି, ଅଧାପକ ରଜତ ମହାନ୍ତ ଛାତ୍ରୀ ମାନଙ୍କ ମଧ୍ୟରେ ଝରଣା ମହାନ୍ତ, ପୂଜା ବୋରା, ଆର୍ସୁ ମୁର୍ମୁ, ବୈଜୟନ୍ତୀ ହେମ୍ବ୍ରମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କେନ୍ଦ୍ରାପଡା ପୌରସଂସ୍ଥାର ଦ୍ୱିତୀୟ ସାଧାରଣ ବୈଠକ

କେନ୍ଦ୍ରାପଡ଼ା,୧୪/୦୫ (ନି.ପ୍ର): କେନ୍ଦ୍ରାପଡା ପୌରସଂସ୍ଥାର ଦ୍ୱିତୀୟ ସାଧାରଣ ବୈଠକ ପୌର ଅଧକ୍ଷା ସରିତା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଧାୟକ ଶ୍ରୀ ଶଶି ଭୂଷଣ ବେହେରା ଯୋଗ ଦେଇ ପୌରସଂସ୍ଥାର ବିଭିନ୍ନ ଉନ୍ନତି ସଂପର୍କରେ ଆଲୋଚନା କରିଥିଲେ । ପୌରାଂଚଳରେ ମୁଖ୍ୟ ଚିକିତ୍ସାଳୟ ନିକଟରେ ଥରବା ମହାଭୋଇ ପୋଖରୀର ଉନ୍ନତିକରଣ ପାଇଁ ଶିଘ୍ର ଟେଣ୍ଡର ବ୍ୟବସ୍ଥା କରିବା । ପୌରସଂସ୍ଥାର ନୂତନ ଅଫିସ କାର୍ଯ୍ୟାଳୟ ନିର୍ମାଣ ଉପରେ ଆଲୋଚନା, ପୁରୁଣା ବସଷ୍ଟାଣ୍ଡର ଉନ୍ନତିକରଣ ସହିତ ପୌରାଂଚଳ ରେ ଥିବା ବିଭିନ୍ନ ଛକ ମାନଙ୍କର ଉନ୍ନତିକରଣ, ବର୍ଷାଋତୁ ପୂର୍ବରୁ ପ୍ରତ୍ୟେକ ୱାର୍ଡରେ ଥିବା ଡ୍ରେନ ଗୁଡିକୁ ସଫା କରିବା, ମୁକ୍ତା ଯୋଜନାରେ ସ୍ୱୟଂ ସହାୟକଜ ଗୋଷ୍ଠୀ ମହିଳା ମାନଙ୍କ ଦ୍ୱାରା ବର୍ଷାଜଳ ସଂରକ୍ଷଣ ଉପରେ ଆଲୋଚନା କରାଯାଇ ଥିଲା । ଏଥି ସହିତ ବିଭିନ୍ନ ୱାର୍ଡରେ ବକେୟା ଥିବା କାର୍ଯ୍ୟ ଗୁଡିକୁ ସମାପ୍ତ କରିବା ଓ ନୂତନ ରାସ୍ତା ତିଆରି କରିବା ଉପରେ ଗୁରୁତ୍ୱ ଦିଆଯାଇ ଥିଲା । ଆୟୋଜିତ ଏହି ବୈଠକରେ ପୌର ଉପାଧକ୍ଷା ଆକରବରୀ ଖାତୁନ, ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ଏମଇ ଦିଲିପ କୁମାର ସେଠୀଙ୍କ ସହ ୱାର୍ଡ କାଉନସିଲର ଫରଜାନା ଖାତୁନ, ନିରାକାର ସ୍ୱାଇଁ, ଉମେଶ ଚନ୍ଦ୍ର ନାୟକଙ୍କ ସହ ଅନ୍ୟ କାଉନସିଲର ମାନେ ଉପସ୍ଥିତ ଥିଲେ ।

# ଧର୍ମଶାଳା ପଂଚାୟତ ସମିତି ପ୍ରଥମ ସାଧାରଣ ଅଧିବେଶନ

ଧର୍ମଶାଳା,୧୪/୦୫ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ପଂଚାୟତ ସମିତିର ପ୍ରଥମ ସାଧାରଣ ଅଧିବେଶନ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ପଂଚାୟତ ସମିତି ସଭାଗୃହ ପରିସରରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ଅଧ୍ୟକ୍ଷତାରେ ଏହି ସଭାରେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗ ଦେଇ ସରକାରଙ୍କ ଜନହିତକାରୀ ଯୋଜନା କିପରି ସଫଳ ରୂପାୟନ ହେବ ଏନେଇ ପଂଚାୟତର ନିର୍ବାଚିତ ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ ।

## ଆନିମିୟା ରୋଗୀଙ୍କୁ ରକ୍ତଦାନ କଲେ ଦୁଇ ଯୁବକ

ମାଲକାନଗିରି,୧୪/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ପଦ୍ମପୁର ଗ୍ରାମର ଛଙ୍କି ବଡନାୟକ (ବୟସ ୬୫) ଓ ମାଲକାନଗିରି ସଦର ଡି ଏନ୍ କେ ର ବାସନ୍ତୀ କୁଲଦୀପ (ବୟସ ୬୨) ଆନିମିୟା ରୋଗରେ ପୀଡିତ ହୋଇ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ତେବେ ସେମାନଙ୍କୁ ଚିକିତ୍ସାଧୀନ ଅବସ୍ଥାରେ ରକ୍ତର ଆବଶ୍ୟକତା ଥିବାବେଳେ ଏହି ଖବର ପାଇ ମାଲକାନଗିରି ଜ଼ିଲ୍ଲା ହାବିଲଦାର ଓ କନେଷ୍ଟବଳ ସଂଘ ସମ୍ପାଦକ ଗୁପ୍ତ ପ୍ରସାଦ ମାଝୀ ଓ ମାଲକାନଗିରି ଜ଼ିଲ୍ଲା ମା ଗୃହ ଶାନ୍ତି ସେନାର ସଭାପତି ଅଞ୍ଜୁ କୁଲଦୀପ ତୁରନ୍ତ ବିଜୁ ଜନତା ଦଳର କର୍ମି ତଥା ସମାଜସେବୀ କେ.ରାହୁଲଙ୍କୁ ରକ୍ତଦାତା ଯୋଗାଡ଼ କରିବାକୁ ଯୋଗାଯୋଗ କରିଥିଲେ। ତୁରନ୍ତ ସମାଜସେବୀ ଶ୍ରୀ ରାହୁଲ ୧୧୯ କଲୋନୀର ରମିୟ ବାଘ ନାମକ ଜଣେ ଯୁବକ ଓ ଜ଼ିଲ୍ଲା ଛାତ୍ର ସମ୍ପାଦକ ସି.ଏଚ.ପ୍ରକାଶ କୁମାରଙ୍କୁ ଯୋଗାଯୋଗ କରି ରକ୍ତଦାନ କରିଥିଲେ ।
ଏହିଅବସର ରେ ଗୁପ୍ତ ପ୍ରସାଦ ମାଝୀ ଓ ବି. ବିଭୁତି ଭୁଷଣ ଉପସ୍ଥିତ ରହି ରକ୍ତଦାତାଙ୍କ ମନୋବଳ ବଢ଼ାଇଥିଲେ ।

## ଧାରାବାହିକ : ଜୀବନାନୁଭୂତି

ଭାଗ-୭୪

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

୧୯୩୨ ମସିହା ଜାନୁଆରୀ ମାସରେ କୃପାସିନ୍ଧୁକୁ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଓ ଅନୁପମା, ଶ୍ୟାମା ଛଡ଼ା ସବୁ ଝିଅଙ୍କୁ ବାଳିକା ସ୍କୁଲରେ ଦେଇଦେଲି । ଅନୁପମାର ତ ବିବାହ ହୋଇଯାଇଥିଲା। ସେ ସମ୍ବଲପୁର ବାଳିକା ସ୍କୁଲରୁ ମଧ ଓଡ଼ିଆ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲା । ୧୯୨୯ ମସିହାରେ ବାଲ୍ୟବିବାହ ନିରୋଧ ଆଇନ୍ (ସାରଦା ଆଇନ୍) ଜାରି ହେବା ପୂର୍ବେ ତାହାର ଦଶବର୍ଷ ବୟସରେ ବିବାହ ହୋଇଯାଇଥିଲା। ଦୁଇବର୍ଷ ପରେ ଶାଶୁଘରକୁ ଯିବ। ଆଉ ପଢ଼ିବା ଦରକାର କ'ଣ? ନିରୁପମା ଓ ସୁଷମା ସମ୍ବଲପୁର ମଧ ଓଡ଼ିଆ ସ୍କୁଲର ଷଷ୍ଠ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇଥିଲେ । ଏ ଦୁହିଁଙ୍କୁ ସପ୍ତମ ଶ୍ରେଣୀରେ ଓ ସୁରମା, ନୀଳିମା ଉମାଙ୍କୁ ନିମ୍ନଶ୍ରେଣୀରେ ଭର୍ତ୍ତି କରିବାକୁ ସ୍କୁଲକୁ ନେଇଗଲି। ବାଳିକା ସ୍କୁଲ ସମ୍ମୁଖରେ ମୋର ବସାଘର । ସ୍କୁଲଟି ଆମେରିକାନ୍ ମିଶନ୍ ଦ୍ୱାରା ପରିଚାଳିତ। ସେକ୍ରେଟାରୀ ମିସ୍ ଇଥେଲ କ୍ରଙ୍କାଇଟ୍ (Miss Ethel Chronkite) ସୁରମା, ନୀଳିମା ଓ ଉମାକୁ ନିମ୍ନ ଶ୍ରେଣୀମାନଙ୍କରେ ନେଇଗଲେ; କିନ୍ତୁ ନିରୁପମା ଓ ସୁଷମାକୁ ୭ମ ଶ୍ରେଣୀରେ ନେବାକୁ ମନାକଲେ । କାରଣ, ଏହା ମଧ ଇଂରାଜୀ ସ୍କୁଲ, ଏହି ସ୍କୁଲରେ ଚତୁର୍ଥ ଶ୍ରେଣୀରୁ ଇଂରେଜୀ ଶିକ୍ଷା ଆରମ୍ଭ ହୁଏ । ଏମାନେ ଇଂରେଜୀ ପଢ଼ିନାହାଁନ୍ତି । ସୁତରାଂ ଏମାନଙ୍କୁ ଯଦି ଏହି ସ୍କୁଲରେ ରଖିବାକୁ ହୁଏ ତାହାହେଲେ ଏମାନଙ୍କୁ ଚତୁର୍ଥ ଶ୍ରେଣୀରେ ଭର୍ତ୍ତି କରିବାକୁ ହେବ ବୋଲି ମିସ୍ କ୍ରଙ୍କାଇଟ୍ କହିଲେ । ମୁଁ ବଡ଼ ଅଡୁଆରେ ପଡ଼ିଲି । ତିନିବର୍ଷ କ୍ଷତି । ପୁଣି ସୁଷମା ଅପରପ୍ରାଇମେରୀ ବୃତ୍ତି ଲାଭକରି ବର୍ଷେ ପାଇସାରିଅଛି । ଆଉ ବର୍ଷେ ପୁଣି ଭୋଗକରିବ । ସପ୍ତମ ଶ୍ରେଣୀରେ ନରହିଲେ ଏହା ତାହାକୁ ହରାଇବାକୁ ହେବ । ମନେ ମନେ ଭାବିଲି, ଏମାନଙ୍କୁ ଇଂରେଜୀ ପଢ଼ାଇବାରେ ଲାଭ କଣ? ଝିଅ ଗୋଟିଏ ଜନ୍ମ ହେଲା ଦିନରୁ ମୁଁ ତାହାର ବରପାତ୍ର ଯୋଗାଡ଼ରେ ଲାଗିଯାଏ । ଏମାନଙ୍କ ଦୁଇତିନିବର୍ଷ ବୟସରେ ବରପାତ୍ର ଯୋଗାଡ଼ ହୋଇଯାଇଅଛି । ଚଉଦବର୍ଷର ହେଲା ମାତ୍ରକେ ଏମାନଙ୍କ ବିବାହ ହୋଇଯିବ । ଇଂରେଜୀ ପଢ଼ିଲେ ମଧ ଏତେ ଅଳ୍ପ ପଢ଼ା ହୋଇଥିବ ଯେ, ତାହା ନପଢ଼ାଇଲେ ମଧ କ୍ଷତି ନାହିଁ । ମଧ ଭର୍ଣ୍ଣାକୁଲର ଓ ମଧ ଇଂରେଜୀ ସ୍କୁଲରେ ପ୍ରଭେଦ ଏହି ଯେ, ଉଭୟ ସ୍କୁଲରେ ଇଂରେଜୀ ଛଡ଼ା ସମସ୍ତ ବିଷୟ ସମାନ । କେବଳ ଇଂରେଜୀ ମଧ ଇଂରେଜୀ ସ୍କୁଲରେ ଏକ ଅତିରିକ୍ତ ବିଷୟ । ମିସ୍ କ୍ରଙ୍କାଇଟ୍‌ଙ୍କୁ କହିଲି ଯେ, ଏମାନେ କେବଳ ଓଡ଼ିଆ ବିଷୟମାନ ପଢ଼ିବେ, ଇଂରେଜୀ ପଢ଼ିବେ ନାହିଁ ଓ ଏମାନଙ୍କୁ ସପ୍ତମଶ୍ରେଣୀରେ ନାମ ଲେଖିବାକୁ ଅନୁରୋଧ କଲି । ପ୍ରଥମେ ସେ ସମ୍ମତ ହେଲେ ନାହିଁ । କହିଲେ ଯେ, ଇଂରେଜୀ ସ୍କୁଲରେ ସମସ୍ତଙ୍କୁ ଇଂରେଜୀ ପଢ଼ିବାକୁ ହେବ । କିନ୍ତୁ ବହୁ ଅନୁରୋଧ ପରେ, ସେମାନଙ୍କ ନାମ ଲେଖିଲେ। ୧୯୩୨ ମସିହା ଜାନୁୟାରୀ ମାସ ୨ ତାରିଖରେ ସମସ୍ତଙ୍କ ନାମ ଲେଖା ହୋଇଗଲା। ନାମ ଲେଖାହେବା ଚାରି ଛଅ ଦିନ ଉତ୍ତାରେ ଯେତେବେଳେ ମିସ୍ କ୍ରଙ୍କାଇଟ୍‌ଙ୍କ ସଙ୍ଗେ ଦେଖାହୁଏ, ସେ କହନ୍ତି ଯେ, ମୋର କନ୍ୟାଦ୍ୱୟ (ନିରୂପମା ଓ ସୁଷମା) ନିତାନ୍ତ ମୂର୍ଖ ଓ ଘରେ ସେମାନଙ୍କ ପଢ଼ିବାରେ ଯତ୍ନ ନକଲେ ସେମାନଙ୍କୁ ସ୍କୁଲରୁ ବାହାର କରିଦେବାକୁ ସେ ବାଧ ହେବେ । ତାଙ୍କ ସହ କଥାବାର୍ତ୍ତାରୁ ମୁଁ ବୁଝିଲି, ଇଂରେଜୀ ଆଦୌ ପଢ଼ିନଥିବା ଛାତ୍ରୀଙ୍କୁ ସ୍କୁଲର ସର୍ବୋଚ୍ଚ ସପ୍ତମଶ୍ରେଣୀରେ ରଖିବା ତାଙ୍କର ଇଚ୍ଛାନୁହେଁ । ଦିନେ ସେ ପ୍ରକାଶ୍ୟ ଭାବରେ କହିଲେ ଯେ, ତାଙ୍କ ସ୍କୁଲର ଶିକ୍ଷୟିତ୍ରୀମାନେ ସେମାନଙ୍କୁ ସପ୍ତମଶ୍ରେଣୀରେ ରଖିବା ପାଇଁ ଆପତ୍ତି କରୁଅଛନ୍ତି । ମୁଁ କହିଲି, ସେମାନଙ୍କୁ ଘରେ ପଢ଼ାଇବା ପାଇଁ ବିଶେଷ ଯତ୍ନ କରିବି ।

ନିଜେ ପଢ଼ାଇବା ଆରମ୍ଭ କଲି । ଇତିପୂର୍ବେ ଦୁଃଖୁ ଓ କୃପାସିନ୍ଧୁକୁ ଘରେ ପଢ଼ାଉଥିଲି ଓ ପିଲାମାନଙ୍କୁ ପଢ଼ାଇବାରେ ମୋର କିଛି ଅଭିଜ୍ଞତା ହୋଇଯାଇଥିଲା । ପ୍ରତ୍ୟହ ସକାଳେ ଓ ରାତ୍ରରେ ଦୁଇଘଣ୍ଟା ଲେଖାଏଁ ଅତିବାହିତ କରିବା ଆରମ୍ଭ କରିଦେଲି। ଦେଖିଲି, ଉଭୟେ ପାଠ ବୁଝୁଛନ୍ତି । ଘରେ ମୁଁ ନିଜେ ପଢ଼ାଉଥିବା କଥା ମିସ୍ କ୍ରଙ୍କାଇଟ୍‌ଙ୍କୁ ଜଣାଇଦେଲି। ଦେଖିଲି, ଶିକ୍ଷୟିତ୍ରୀମାନେ ବାଳିକାଦ୍ୱୟଙ୍କ ବିଷୟରେ ତାଙ୍କ ମନରେ ଯେଉଁ ଧାରଣା ଜନ୍ମାଇଛନ୍ତି ତାହା ନୁହେଁ ।

ଦିନେ ଗୋଟିଏ ଭାବ ମୋ ମନରେ ଉଦିତ ହେଲା । ଏମାନେ ସ୍କୁଲରେ ଇଂରେଜୀ ପଢୁନଥିଲେ ମଧ ଘରେ ଏହା ଆରମ୍ଭ କଲେ ଅଳ୍ପ କିଛି ହେଲେ ବିବାହ ପୂର୍ବରୁ ଏମାନଙ୍କର ଇଂରେଜୀ ଜ୍ଞାନ ହୋଇଯାଇଥିବ । ସେହିବର୍ଷ ଜାନୁୟାରୀ ପନ୍ଦର ତାରିଖରେ ଉମା ଛଡ଼ା ସମସ୍ତଙ୍କ ଇଂରେଜୀ ଅ, ଇ, ଈ, ଉ ଆରମ୍ଭ କରିଦେଲି । ଉମାର ତ ବୟସ ସେତେବେଳେ ଛଅବର୍ଷ ମାତ୍ର । ଅନୁପମା ମଧ ଏମାନଙ୍କ ସଙ୍ଗେ ପଢିବସିଲା ।

ସୁରମା ଓ ନୀଳିମା ମଧ ଅତି ଅଳ୍ପବୟସ୍କା । ଯଥାକ୍ରମେ ନଅ ଓ ଆଠ ବର୍ଷ ମାତ୍ର । ଦୁହେଁ ସ୍କୁଲରେ ଇଂରେଜୀ ପଢ଼ନ୍ତି । ଦୁହେଁ ଚତୁର୍ଥ ଶ୍ରେଣୀରେ । ନିରୂପମା ଓ ସୁଷମାକୁ ପଢ଼ାଇବାରେ ସମଧିକ ଯତ୍ନ କଲି । ବର୍ଣ୍ଣମାଳାରୁ ଆରମ୍ଭ କରି ବ୍ୟାକରଣ ପର୍ଯ୍ୟନ୍ତ ଓଡ଼ିଆ ମାଧମରେ ଇଂରେଜୀ ଶିକ୍ଷା ଆରମ୍ଭ କଲି । ଓଡ଼ିଆ ବର୍ଣ୍ଣମାଳାର ୪୮ଟି ଅକ୍ଷରକୁ କିପରି ଇଂରେଜୀ ବର୍ଣ୍ଣମାଳାର ୨୬ଟି ଅକ୍ଷରରେ ପ୍ରକାଶ କରିବାକୁ ହେବ, ପୁଣି ଯୁକ୍ତାକ୍ଷର ଆଦି ଓଡ଼ିଆ ବ୍ୟାକରଣର ସୂତ୍ର ସହିତ ଇଂରାଜୀ ବ୍ୟାକରଣର ସୂତ୍ର ମିଳାଇବାକୁ ହେବ, ଏପରି ଉପାୟରେ ମିଳାଇ ମିଳାଇ ପଢ଼ାଇବାକୁ ଲାଗିଲି । ଏଥିରେ ଆଶାତୀତ ଫଳ ହେବାକୁ ଲାଗିଲା । ଦେଖିଲି, ପଢ଼ିବାରେ ଏମାନଙ୍କର ଅତ୍ୟନ୍ତ ଆଗ୍ରହ । ପ୍ରଥମ ଦୁଇମାସ ମଧରେ ଇଂରେଜୀ ବର୍ଣ୍ଣଶିକ୍ଷା ଆରମ୍ଭକରି ପ୍ରଥମ ପୁସ୍ତକ ଶେଷ କରି ପକାଇଲି । ତତ୍‌ପରେ ପ୍ରତ୍ୟେକ ଦୁଇ ଦୁଇ ମାସରେ ପରବର୍ତ୍ତୀ ପୁସ୍ତକମାନ ଶେଷକରି ବ୍ୟାକରଣ ପ୍ରାଥମିକ ସୂତ୍ରମାନ ଆୟତ୍ତ କଲେ । ଓଡ଼ିଆରୁ ଇଂରେଜୀ ଓ ଇଂରେଜୀରୁ ଓଡ଼ିଆ ଅନୁବାଦ ମଧ ଶିକ୍ଷାକଲେ । ଅଗଷ୍ଟମାସ ଆଡ଼କୁ ଏମାନେ ଏତେ ଉନ୍ନତି କଲେ ଯେ, ମୋର ବିଶ୍ୱାସ ହେଲା ସେହି ବର୍ଷ ମଧ ଇଂରେଜୀ ପରୀକ୍ଷା ଦେଲେ ହୁଏତ ଦୁହେଁ ପାଶ୍ କରିପାରିବେ । ଏହି ବିଶ୍ୱାସର ବଶବର୍ତ୍ତୀ ହୋଇ ମୁଁ ସେମାନଙ୍କୁ ପଢ଼ାଇବାରେ ଆହୁରି ଯତ୍ନ କଲି । କେବଳ କଚେରୀ କାମ କରିବା ଛଡ଼ା ଆଉ କୌଣସି କାର୍ଯ୍ୟରେ ସମୟ କ୍ଷେପଣ ନକରି ସକାଳେ ଓ ରାତିରେ ଏମାନଙ୍କୁ କେବଳ ପଢ଼ାଇବାରେ ମନୋନିବେଶ କଲି । ଭୋର୍ ଚାରିଟା ବେଳେ ଶଯ୍ୟା ତ୍ୟାଗ କରିବା ମୋର ଅଭ୍ୟାସ । ନିତ୍ୟକର୍ମ ସମାପନ କରି ୫ଟାରୁ ୭ଟା ପର୍ଯ୍ୟନ୍ତ ନିରୂପମା ଓ ସୁଷମାକୁ; ୭ଟାରୁ ୯ଟା ପର୍ଯ୍ୟନ୍ତ ସୁରମା, ନୀଳିମା ଓ କୃପାସିନ୍ଧୁକୁ ପଢ଼ାଏ । ରାତ୍ରିରେ ୭ଟାରୁ ୯ଟା ପର୍ଯ୍ୟନ୍ତ ସମୟ ବଣ୍ଟନ କରି ପଢ଼ାଇବାର ଦୁଇଘଣ୍ଟା ଅତିବାହିତ ହୋଇଯାଏ ।

ସେପ୍ଟେମ୍ବର ମାସ ଆଡ଼କୁ ମୋର ସାହସ ହେଲା, ନିରୂପମା ଓ ସୁଷମା ମଧ ଇଂରେଜୀ ପରୀକ୍ଷା ଦେଇପାରିବେ । ଏହି ପରୀକ୍ଷା ସମଗ୍ର ଓଡ଼ିଶା ପରୀକ୍ଷା ପରିଷଦ (Examination Board) ଦ୍ୱାରା ପରିଚାଳିତ । ସମଗ୍ର ଓଡ଼ିଶାର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସମାନ ପ୍ରଶ୍ନ କାଗଜ ଦ୍ୱାରା ପରୀକ୍ଷା ଦେବାକୁ ହୁଏ ।

ମୋର କନ୍ୟାଦ୍ୱୟ ଇଂରେଜୀ ସହିତ ପରୀକ୍ଷା ଦେବେ ବୋଲି ମିସ୍ କ୍ରଙ୍କାଇଟ୍‌ଙ୍କୁ ଦିନେ ଯାଇ କହିଲି । ସେ ମୋ କଥାକୁ ଆଦୌ ବିଶ୍ୱାସ କଲେ ନାହିଁ, ହସରେ ଉଡ଼ାଇଦେଲେ । ଏହାର ଦୁଇଚାରିଦିନ ପରେ କଚେରୀରୁ ଫେରିବା ବାଟରେ ସ୍କୁଲରେ ତାଙ୍କ ସହିତ ସାକ୍ଷାତ କଲି ଓ ଦୁହିଁଙ୍କୁ ପରୀକ୍ଷା କରି ସେମାନଙ୍କ ଯୋଗ୍ୟତା ବା ଅଯୋଗ୍ୟତା ସମ୍ବନ୍ଧରେ ମତ ସ୍ଥିର କରିବାକୁ ଅନୁରୋଧ କଲି । ସେତେବେଳେ ସ୍କୁଲରେ କେତେକ ଶିକ୍ଷୟିତ୍ରୀ ତାଙ୍କ ପାଖରେ ବସିଥିଲେ । ମିସ୍ କ୍ରଙ୍କାଇଟ୍ ମୋତେ ବିଦ୍ରୂପ କଲାପରି ମୋ ପ୍ରସ୍ତାବ ସେମାନଙ୍କୁ ଜଣାଇଲେ । ସମସ୍ତେ ସମସ୍ୱରରେ ମତ ପ୍ରକାଶ କଲେ ଯେ ମୋର କନ୍ୟାଦ୍ୱୟ କୌଣସି ଓଡ଼ିଆ ବିଷୟରେ ସୁଦ୍ଧା ଭଲ ପାରନ୍ତି ନାହିଁ; ଇଂରେଜୀ ତ ସାମାନ୍ୟ ପଢ଼ନ୍ତି ନାହିଁ; ସେମାନଙ୍କୁ ପରୀକ୍ଷା ସକାଶେ ପଠାଇବା ଅସମ୍ଭବ । ମିସ୍ କ୍ରଙ୍କାଇଟ୍ କହିଲେ ଯେ, ଫେଲ୍ ସଂଖ୍ୟା ବୃଦ୍ଧି କରି ତାଙ୍କୁ ସ୍କୁଲର ଦୁର୍ନାମ ବୃଦ୍ଧି କରିବାକୁ ସେସ ଚାହାଁନ୍ତି ନାହିଁ । ବ୍ୟଥିତ ହୋଇ ମୁଁ ଚାଲିଆସିଲି । କିନ୍ତୁ ପରୀକ୍ଷା ଦେଲେ ସେମାନେ ନିଶ୍ଚୟ ପାଶ୍ କରିବେ ଏହି ବିଶ୍ୱାସସ ମୋର ହୃଦୟରେ ଦୃଢ଼ବଦ୍ଧ ରହିଥାଏ ।

ଘରକୁ ଆସିଲି ଓ ସେହି ରାତ୍ରିରେ ଓ ପରଦିନ ସକାଳେ ଉଭୟଙ୍କୁ ପ୍ରତ୍ୟେକ ବିଷୟ- ସାହିତ୍ୟ, ଗଣିତ, ଭୂଗୋଳ, ଇତିହାସ, ଇଂରେଜୀ ପୁଙ୍ଖାନୁପୁଙ୍ଖ ଭାବରେ ପରୀକ୍ଷା କଲି । ସେମାନେ ପରୀକ୍ଷା ଦେଲେ କୃତିତ୍ୱ ସହକାରେ ପାଶ୍ କରିବେ ମୋର ଏହି ବିଶ୍ୱାସ ଦ୍ୱିଗୁଣିତ ହେବାକୁ ଲାଗିଲା । ବିଶେଷତ୍ୱ ସୁଷମା ଯେ ବିଶେଷ କୃତିତ୍ୱ ପ୍ରଦର୍ଶନ କରିପାରିବ ଏଥିରେ ମୋର ସନ୍ଦେହ ରହିଲା ନାହିଁ । (କ୍ରମଶଃ)

## ପର୍ଦ୍ଦା ପଛର କଥା

**ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୯୦ଟିରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।**



ଭାଗ- ୪୮

### ॥ ଫ୍ୟାମିଲି ନଂ-ୱାନ୍ ॥

୨୦୧୧ ମସିହାର ଶେଷ ଚଳଚ୍ଚିତ୍ରମାନଙ୍କ ସମ୍ପର୍କରେ ଆଲୋଚନା କରିବା ପୂର୍ବରୁ ଆଉ ଗୋଟିଏ ଚଳଚ୍ଚିତ୍ର ଫ୍ୟାମିଲି ନଂ-ୱାନ ବିଷୟରେ ଆଲୋଚନା କରିବା ନିହାତି ଜରୁରୀ । ୨୦୧୦ବେଳକୁ ଓଡ଼ିଆ ଚଳଚ୍ଚିତ୍ର ଭଳି କ୍ୟାସେଟ୍ ଇଣ୍ଡଷ୍ଟ୍ରି ମଧ ଶୀର୍ଷରେ । ସମଗ୍ର ଭାରତବର୍ଷରେ ଆଲ୍‌ବମ୍ ପ୍ରଯୋଜନାରେ ପଞ୍ଜାବ ଥିଲା ଶୀର୍ଷରେ । ଠିକ୍ ୨ୟ ସ୍ଥାନରେ ଥିଲା ଓଡ଼ିଶା । ସଂଖ୍ୟାଧିକ କ୍ୟାସେଟ୍ କଂପାନୀ, ଗାଁ ସହର ଗଳି କନ୍ଦିରେ କ୍ୟାସେଟ୍ ଦୋକାନ । ଭଳିକିଭଳି ସଂଗୀତର ପରୀକ୍ଷା ନିରୀକ୍ଷା ଭିତରେ ଗାୟକ ଗାୟିକା ତଥା ନବାଗତ ନାୟକ ନାୟିକାମାନଙ୍କ ଭିଡ଼ । ଏହି ଭିଡ଼ରୁ ବହୁ ଚିହ୍ନା ମୁହଁ ପରବର୍ତ୍ତୀ କାଳରେ ଓଡ଼ିଆ ଫିଲ୍ମ ଦୁନିଆରେ ବେଶ୍ ପ୍ରତିଷ୍ଠା ଅର୍ଜନ କରିପାରିଛନ୍ତି । ଆଲ୍‌ବମ୍ ଷ୍ଟାର୍‌ମାନଙ୍କର ମଧ ବେଶ୍ ଭାଉ । କ୍ଲବ ଆଦି ସାଂସ୍କୃତିକ ଅନୁଷ୍ଠାନମାନଙ୍କରେ ଫିଲ୍ମଷ୍ଟାରଙ୍କ ଭଳି ସ୍ୱତନ୍ତ୍ର କ୍ରେଜ୍ । ଶ୍ରୁତିମଧୁର ସଂଗୀତ ହେଲେ ଚାହିଦା ଖୁବ୍ । ଏମିତି ଜଣେ ଆଲ୍‌ବମ୍ ନିର୍ମାତା ରୁବୁ ମହାନ୍ତିଙ୍କ ସାଙ୍ଗରେ ମୋର ପରିଚୟ । ରୁବୁବାବୁ ନିଜ ଅଭିନୀତ ଏକ କ୍ୟାସେଟ୍ ୨୦୦୦ ମାର୍କେଟ୍‌କୁ ଛାଡ଼ିଲେ । କ୍ୟାସେଟ୍‌ଟି ସାଂଘାତିକ ଭାବରେ ଫ୍ଲପ୍ ହେଲା । ଦୋକାନମାନଙ୍କରୁ ନିଜ କ୍ୟାସେଟ୍ ଫେରାଇ ଆଣିଲେ । ଫେରାଇବାର ସଂଖ୍ୟା ଥିଲା ୨୫୦୦ । ଅର୍ଥାତ୍ ୫୦୦ ଥିଲା ଡୁପ୍ଲିକେଟ୍ । ଆଲ୍‌ବମ୍ ପାଇରାସି ଚାଲିଥିଲା ଖୁବ୍ । ନାମୀଦାମୀ କଂପାନୀ ଗୁଡ଼ିକ ଏଥିପାଇଁ ପୁଲିସ୍ କେଶ୍ କରିଥିବାର ନଜିର ଅଛି ।

ତେବେ ସେଇ ରୁବୁ ମହାନ୍ତି ମତେ ଥରେ ପରିଚୟ କରାଇଦେଲେ ଏକ୍ସେଲ୍ ମ୍ୟୁଜିକ୍‌ର ମାଲିକ ରବୀନ୍ଦ୍ର ପାତ୍ରଙ୍କ ସହ । ପରିଚୟରୁ ଜଣାଗଲା ରବୀନ୍ଦ୍ର ବାବୁଙ୍କ ବଡ଼ଭାଇ ସୁବାସ ପଣ୍ଡା ସାମ୍ବାଦିକ, ମୋର ପୁରୁଣା ବନ୍ଧୁ । ଏକାଠି ଆମେ ଅଧାପନା କରୁଥିଲୁ । ପରେ ଅବଶ୍ୟ ସେ ଅଧାପନା ଛାଡି ସାମ୍ବାଦିକତା କଲେ । ତେବେ ସେ ଯାହାହେଉ ରବୀନ୍ଦ୍ର ବାବୁ ସେତେବେଳକୁ ପାଞ୍ଚଶହରୁ ଊର୍ଦ୍ଧ୍ୱ ଆଲବମ୍ ରେକର୍ଡ ତଥା ବହୁ ପ୍ରତିଷ୍ଠିତ କଳାକାରଙ୍କୁ ନେଇ ଭିଡିଓ ପ୍ରସ୍ତୁତ କରିସାରିଥାନ୍ତି । ରବୀନ୍ଦ୍ର ବାବୁ ଇଚ୍ଛା ପ୍ରକାଶ କଲେ ଫିଲ୍ମ ନିର୍ମାଣ କରିବେ । ଜଣେ କୋରିଓଗ୍ରାଫ୍‌ରଙ୍କୁ ନିର୍ଦ୍ଦେଶନା ଭାର ଦେବାପାଇଁ ମାନସିକ ପ୍ରସ୍ତୁତି କଲେ । କାମ ଆଗେଇ ଚାଲିଥିଲା । ମ୍ୟୁଜିକ ଦେଇଥିଲେ ଗୁଡ୍‌ଲି ରଥ । ଏଇଟା ତାଙ୍କର ପ୍ରଥମ ଚଳଚ୍ଚିତ୍ର । ତେବେ ଆଉ ଗୋଟିଏ ଚଳଚ୍ଚିତ୍ରର ସଂଗୀତ ନିର୍ଦ୍ଦେଶନା ସେ ଦେଇ ସାରିଥାନ୍ତି । ପ୍ରଥମଥର ହେଲେ ମଧ ଗୁଡ୍‌ଲି ଚମତ୍କାର ଗୀତ ବନେଇଥାନ୍ତି । କୌଣସି କାରଣରୁ ରବୀନ୍ଦ୍ର ବାବୁ ସେ ପ୍ରୋଜେକ୍ଟରୁ ନିର୍ଦ୍ଦେଶକ, ଲେଖକଙ୍କୁ ପରିବର୍ତ୍ତନ କରିବାକୁ ଚାହିଁଲେ । ମତେ କାହାଣୀ ଶୁଣାଇଲେ । ନାୟକ (ଦୀପକ) ନାୟିକା (ହେମାଙ୍ଗୀ)ଙ୍କୁ ଭଲ ପାଇ ବସିଛି । ଦୁହେଁ ଅନାଥ । ନାୟିକା ଚାହାନ୍ତି ହସଖୁସିର ପରିବାର ଥିବା ଯୁବକଙ୍କୁ ବିବାହ କରିବେ । ନାୟକ କିନ୍ତୁ କୌଣସି ମତେ ନାୟିକାଙ୍କୁ ହରେଇବାକୁ ଚାହାନ୍ତିନି । ନିଜର ସଂପର୍କୀୟ ମାମୁ (ଜୟପ୍ରକାଶ)ଙ୍କ ପରାମର୍ଶରେ ନିଜର ଏକ ଡୁପ୍ଲିକେଟ୍ ପରିବାର ତିଆରି କରନ୍ତି ନାୟିକାଙ୍କୁ ଦେଖାଇବା ପାଇଁ । ଜଣେ ଯାତ୍ରା କଳାକାର ମଦ୍ୟପ ବାପା (ଚୌଧୁରୀ ବିକାଶ), ଚୋରଣୀ (ନଳିନୀ)ଙ୍କୁ ମା' ଏବଂ ବଲ୍ ଡ୍ୟାନ୍ସର(ମଧୁ)କୁ ଭଉଣୀ ଭାବରେ କିଛିଦିନ ପାଇଁ ଘରେ ଅଭିନୟ କରିବାକୁ ଚୁକ୍ତିବଦ୍ଧ କରନ୍ତି । ନାୟିକାଙ୍କୁ ବିବାହ କରନ୍ତି । ଏଇଠୁ ଆରମ୍ଭ ହୁଏ ପ୍ରକୃତ ଡ୍ରାମା । ପ୍ରତି ମୁହୂର୍ତ୍ତରେ ଧରା ପଡ଼ିଯିବାର ଭୟ । ଶେଷରେ ପ୍ରକୃତ ସତ୍ୟ ଜଣାପଡ଼େ ।

କାହାଣୀଟି ଶୁଣିଲା ପରେ ମୋର ଆଗ୍ରହ ବଢ଼ିଗଲା, ଏହି କାହାଣୀଟି ମୋ ପାଇଁ ଏକରକମ୍ ଚ୍ୟାଲେଞ୍ଜ ଥିଲା । ହାସ୍ୟରସ ତଥା ରୋମାଂଚରେ ଭରପୁର କାହାଣୀର ଚିତ୍ରନାଟ୍ୟ ସତର୍କତାର ସହ ମୁଁ ରଚନା କରିଥିଲି । ନିର୍ଦ୍ଦେଶନା ଦେଇଥିଲେ ନିଶିକାନ୍ତ ଦଳ ବେହେରା । ନିଶିକାନ୍ତ ପୂର୍ବରୁ ଏକ 'ଫିଲ୍ମ' ଶୀର୍ଷକରେ ଫିଲ୍ମ କରିଥିଲେ । ପରେ ଅବଶ୍ୟ ତାର ନାମକରଣ ବଦଳାଇ ଦିଆଯାଇଥିଲା । ପ୍ରଥମକରି ସଂବିତ୍ ଆଚାର୍ଯ୍ୟ ନାୟକ ଭାବରେ ଫ୍ୟାମିଲି ନଂ ୱାନ୍‌ରେ କାମ କରିବାର ଥିଲା । ମାତ୍ର ଅନ୍ୟ ଏକ ପ୍ରୋଜେକ୍ଟରେ ଯୋଗ ଦେଇ ସେ ଚାଲିଗଲେ । ତେଣୁ ଦୀପକଙ୍କୁ ନାୟକ ଭାବରେ ନିଆଗଲା । ଅଭିନେତା ନିର୍ବାଚନରେ ମୋର ଭୂମିକା ଥିଲା । ବିଶେଷ କରି କୋରିଓଗ୍ରାଫ୍‌ର ସୁଧାକରଙ୍କୁ ନେବାପାଇଁ ମୁଁ ସୁପାରିଶ୍ କରିଥିଲି । ଯାହାକି ପରବର୍ତ୍ତୀ କାଳରେ ଫିଲ୍ମ ପାଇଁ ଗୀତ ଗୁଡ଼ିକ ପ୍ଲସ୍‌ପଏଣ୍ଟ ଭାବରେ ପରିଗଣିତ ହୋଇଥିଲା । ସୁଧାକର ଚମତ୍କାର କୋରିଓଗ୍ରାଫି କରିଥିଲେ । ମଧୁ ମଧ ଚିତାକର୍ଷକ ନୃତ୍ୟ କରିଥିଲେ । ଯେକୌଣସି ବଲିଉଡ୍‌ର ନର୍ତ୍ତକୀଙ୍କ ଭଳି ତାଙ୍କର ନୃତ୍ୟ ପ୍ରଦର୍ଶନ ଥିଲା । ମାତ୍ର ପରବର୍ତ୍ତୀ କାଳରେ ଅନେକ ଗୁଡ଼ିଏ ଭଲ ପ୍ରୋଜେକ୍ଟ ପାଇ ମଧ ମଧୁ ଅଭିନୟରୁ ନିଜକୁ ଦୂରେଇ ରଖିଥିଲେ । 'ଫ୍ୟାମିଲି ନଂ ୱାନ୍'ଟି ସମ୍ପୂର୍ଣ୍ଣ ଡିଜିଟାଲ ଫର୍ମାଟ୍‌ରେ ସୁଟିଂ ହୋଇଥିଲା । ଅବଶ୍ୟ ଜ୍ୟୋତି ଦାସ 'ଶୁଭ ବିବାହ' ଚଳଚ୍ଚିତ୍ର ଡିଜିଟାଲ ଫର୍ମାଟ୍‌ରେ ପ୍ରଥମ କରି ସୁଟିଂ କରିଥିଲେ । ମାତ୍ର ଉପଯୁକ୍ତ ଗ୍ରେଡିଂ ତଥା ବୈଷୟିକ କାରଣରୁ ଚଳଚ୍ଚିତ୍ରଟିର କ୍ୱାଲିଟି ଭଲ ନଥିଲା । ଯାହାକି ଡିଜିଟାଲ ଫର୍ମାଟ୍ ବ୍ୟବହାର କରିବା ନିମନ୍ତେ ପ୍ରଯୋଜକମାନେ ଭୟ କରୁଥିଲେ । ମାତ୍ର ନିର୍ଦ୍ଦେଶକ ନିଶିକାନ୍ତ ଓ ପ୍ରଯୋଜକ ରବୀନ୍ଦ୍ର ବାବୁ 'ଫ୍ୟାମିଲି ନଂ-୧'କୁ ଡିଜିଟାଲ ଫର୍ମାଟରେ ସୁଟିଂ କରାଇ ସାହସିକତାର ପରିଚୟ ଦେଇଥିଲେ, ଯାହାର ରେଜଲ୍ଟ ସଫଳ ସାବ୍ୟସ୍ତ ହୋଇଥିଲା ।

ଚଳଚ୍ଚିତ୍ରଟିର ସୁଟିଂ ମାତ୍ର ୨୧ ଦିନରେ ସମାପ୍ତ ହୋଇଥିଲା । ଏବଂ ଏହା ସଂପୂର୍ଣ୍ଣ ଭାବରେ ଭୁବନେଶ୍ୱର ତଥା ଆଖପାଖ ଅଞ୍ଚଳରେ ସୁଟିଂ କରାଯାଇଥିଲା । କମ୍ ବଜେଟ୍‌ରେ ଏକ ସଫଳ ଚଳଚ୍ଚିତ୍ର ପ୍ରସ୍ତୁତ କରି ଏକ୍ସେଲ ମ୍ୟୁଜିକ୍ ଓଡ଼ିଆ ଫିଲ୍ମ ଦୁନିଆରେ ନିଜର ସ୍ଥିତିକୁ ମଜଭୁତ କରିପାରିଥିଲା ଓ ପ୍ରଯୋଜକ ରବୀନ୍ଦ୍ର ପଣ୍ଡାଙ୍କୁ ଏକ ଲମ୍ବାଯାତ୍ରା ପାଇଁ ପ୍ରେରଣା ଯୋଗାଇଥିଲା । ସେବର୍ଷ ମୁକ୍ତିପ୍ରାପ୍ତ ୨୭ଟି ଚଳଚ୍ଚିତ୍ର ମଧ୍ୟରୁ 'ଫ୍ୟାମିଲି ନଂ ୱାନ୍' ବେଶ୍ ଦୁଇ ପଇସା ଲାଭ କରିପାରିଥିଲା । ସମୁଦାୟ ୪୦ଟି ହଲ୍‌ରେ ମୁକ୍ତିଲାଭ କରିଥିଲା । ମେ ୨୭ ତାରିଖ ଦୁଇ ହଜାର ଏଗାରରେ ଏହି ଚଳଚ୍ଚିତ୍ରଟି ମୁକ୍ତିଲାଭ କରିଥିଲା । ଅନ୍ୟାନ୍ୟ ନବାଗତ ପ୍ରଯୋଜକମାନଙ୍କ ନିମନ୍ତେ ଆଗ୍ରହ ସୃଷ୍ଟି କରିପାରିଥିଲା । ଏଭଳି ଏକ ମୌଳିକ ହାସ୍ୟରସ ରୋମାଂଚକର କାହାଣୀକୁ ନେଇ କାମ କରିବା ମୋ ପାଇଁ ଅନେକ ତୃପ୍ତି ଆଣି ଦେଇଥିଲା । ଅବଶ୍ୟ ପରେ ଶୁଣିଲି କାହାଣୀଟି ଏକ ବିଦେଶୀ ନାଟକର କାହାଣୀ ଉପରେ ଆଧାରିତ ଥିଲା । (କ୍ରମଶଃ)

## ଆମ ସମୟର କବିତା.....

### ॥ ଡାଆଣୀ ॥

**ପୂର୍ଣ୍ଣଚନ୍ଦ୍ର ମହାରଣା**



ଆମର ଚାରିବଖରା ଘର
ଦୋପରି, ଆଟୁ, ଖଲୁରି, ମହୁଡମରା !!

ମଝିରେ ଅଗଣା
ଅଗଣା ଡେଇଁଲେ ବାରିପଟ,
ବାରିପଟ ଟିକେ ଆଗକୁ
ଚଉଖୁଣ୍ଟିଆ ଗାଡିଆ !!

ଗାଡିଆ ହୁଡା ଚାରିପଟ
କଦଳୀଗଛ, ନଡିଆ ଗଛ
ଗୁଆଗଛ ମଝିରେ ମଝିରେ !!

ଗାଡିଆ ପାଖକୁ ଲାଗି
ଅଧମାଣେ ଜମି
ସେଥିରେ ଚାରି'ଛ ଟା ଆମ୍ବଗଛ
ଦି'ଚାରିଟା ପିଜୁଳି, ଚାକୁଣ୍ଡା, ଦେବଦାରୁ
ଖୁନ୍ଦାଖୁନ୍ଦି
ଗଣ୍ଡେ ଝୁମ୍ପୁରିଗଛ !!

ଆଷାଢ ଶ୍ରାବଣ ବେଳକୁ
ଝୁମ୍ପୁରି ଗଛରେ
ନାଦିହେଇ ପଡେ ଝୁମ୍ପୁରି !!

ଯୋଉଦିନ ପାଗ ଭଲ ଥିବ
ମାନେ ମେଘ ହଉ ନଥବ
ସେଦିନ ମୁଁ ଯାଇ ଝୁମ୍ପୁରି ଗଛ ମୂଳେ !!

କେମିତି ଜାଣେ କେଜାଣି
ମତେ ଖୋଜି ଖୋଜି ମୋ ସାଙ୍ଗ ସଂଜୁ
ଯାଇ ଝୁମ୍ପୁରି ଗଛମୂଳେ ହାଜର !!

ଡାଆଣୀଟା ଖାଲି ଡିମାଡିମା
ଆଖିକାଢି ଅନେଇବ ହେଲେ
କିଛି କହିବନି !!

ମୁଁ ଜାଣେ ସିଏ କଣ ଚାହେଁ
ଖାଇବୁ କିଲୋ ମୁଁ ପଚାରେ
ସିଏ ହସି ଦେଇ ମୁଣ୍ଡ ଟୁଙ୍ଗାରେ !!

ସତରେ ତା ହସ ରେ
ମୋ ଛାତିତଳ ଦୁକୁଦୁକି
ଖାଲି ପଡେ ଉଠେ
ନାକରୁ ଗରମ ବାମ୍ଫ ବାହାରେ
ଦିହମୁଣ୍ଡ ଝାଳେଇ ଯାଏ !!

ମୋ ବୋଉ ତ ହସେ
କାଇଁମୋର ତ କିଛି ହୁଏନି,
ହେଲେ ଏ ସଂଜୁ
ବୋଉ କହୁଥେଲା ଏ ସଂଜୁଟା
କୁଆଡେ ଗୋଟେ ଡାଆଣୀ
ହେଇଥିବ, କିନ୍ତୁ ମତେ ଭଲଲାଗେ !!

+ ବାଳକାଟୀ, ଖୋର୍ଦ୍ଧା- ୭୫୨୧୦୦



**ପ୍ରଶାନ୍ତ କୁମାର ଦାଶ**



### ॥ ସେମାନେ ॥

ସେମାନେ ଜାତି ଜାତି ଚିଲ୍ଲେଇଲେ,
ସଲିମ୍ ଚୌଧୁରୀ ପ୍ରେମର ପତାକା ଧରି
ଦମ୍ଭର ସହ ଛାତି ଉପରେ ଠିଆ ହେଲା ।

ସେମାନେ ଗୋତ୍ର ଗୋତ୍ର ଗର୍ଜୁଥିଲେ,
ମାଇକେଲ୍ ମିଶ୍ର ଲାଲ୍ ଗୋଲାପଟେ ଧରି
ଉଲ୍ଲାସରେ ଧାଉଁଥିଲା
ଗାଁପାଖ ଦେବୀମନ୍ଦିରକୁ ।

ସେମାନେ ଗୋଷ୍ଠୀ ଗୋଷ୍ଠୀ ନାରା ଦେଲେ,
ଗୌତମ ଅଖ୍‌ତର୍ ଗୀତା ଛୁଇଁ କହୁଥିଲା
'ପାପକୁ ଘୃଣାକର ପାପୀକୁ ନୁହେଁ ।

ସେମାନେ ଧର୍ମ ଧର୍ମ କହି ଅନଶନ ଆରମ୍ଭିଲେ,
ଯୀଶୁକ୍ରୀଷ୍ଟ ରହିମ୍ ସିଂହ ଖୋଲା ଆକାଶରେ
ଶାନ୍ତିର ଗୁଡ଼ି ଉଡଉଥିଲା ।

+ ରେଗଡା,ଏମ୍.ରାମପୁର,କଳାହାଣ୍ଡି
ମୋ-୭୭୩୫୪୧୯୫୭୩

### ॥ ପ୍ରେମାସ୍ପଦ ॥

**କିଶୋର ପାଣିଗ୍ରାହୀ**



ମତେ ପ୍ରେମ ଦିଅ,
ତୁମ ଚାହିଦାର ପ୍ରତିଟି ଫର୍ଦ୍ଦରେ
ମୋ ରକ୍ତରେ ସ୍ୱାକ୍ଷର ଦେବି;
ଏପରିକି-
ଦୁଇଧାର ପବନର ସ୍ନେହ- ଧନ
ମୋର ମୁଁକୁ ସମର୍ପିଦେଲା ବେଳେ
ତମକୁ ମାଫ୍ କରିବାକୁ
ଈଶ୍ୱରଙ୍କୁ ପ୍ରାର୍ଥନା କରିବି ।

ଘୃଣାକଲେ ବି ତ
ତୁମ ସ୍ମୃତିର ଘରକରଣାରେ ଥିବି,
ଏଠିସେଠି ଓଳିଡାଳି ହେଉଥିବି-
ନଦୋଉ କାନ୍ଥରେ,
ସେଣି, ଓରା ଅବା
ମଉଡ଼ ଉପରେ
ଘରଚଟିଆ ହୋଇ ବସାବାନ୍ଧିଥିବି ।

ହେଲେ ଘୃଣା, ପ୍ରେମ ନଥିବାର
ଭୋର ବେଳାରେ
ତୁମ ଅଗଣାରେ
ଡେଣା ଭାଂଗି ମରି ପଡ଼ିଥିବି ।

+ ବିରୁହାଁ, ଜାହାଙ୍ଗୀର, ଭଦ୍ରକ
ମୋ: ୭୦୦୮୧୧୭୯୬୪

### ॥ ଆଜନ୍ମ ପ୍ରେମିକ ॥

**ବାବୁଲୁ ପଧାନ**



ବେଲଗାମ୍ ଘୋଡ଼ା ପରି
ଧାଇଁଛି ମାଇଲ୍ ମାଇଲ୍ ସମୟ
ତମର ପଳାୟମାନ ପାଦଚିହ୍ନ ପଛରେ ।
ଅସଂଖ୍ୟ ହାତକୁ ମେଲାଇ
ମାଗିଛି ତମକୁ ପ୍ରେମ ଆଞ୍ଜୁଳାଏ,
ତମେ ପ୍ରତ୍ୟେକ ଥର ମୋତେ ନିଃସଙ୍ଗ କରିଛ
ହାତରେ ଧରେଇଛ ଅନିଇପ୍'ସିତ ଶୂନ୍ୟସ୍ଥାନ ଟିଏ ।
ପ୍ରତିଦିନ,
ମୋର ଦେହରେ ଯୋଡ଼ିଛି ତମର ? ଉଝଟ ଛାଇଁକୁ
ତମେ ଅତି ନିଷ୍ଠୁରେ ଡାକି ଆଣିଛ ବହଲିଆ ଅନ୍ଧାରକୁ ।
ଅଜସ୍ର ଆକୁଳତାରେ ଡାକିଛି ତମକୁ-
'ଆସ ପାଦରେ ପାଦ ମିଶେଇ,ହାତରେ ହାତବାନ୍ଧି
ଆମେ ଡେଇଁ ଯିବା ଛୋଟିଆ ପରମାୟୁକୁ
ସ୍ୱପ୍ନ ଓ ପ୍ରତୀକ୍ଷାର ଅକ୍ଷାଂଶ ଓ ଦ୍ରାଘିମାକୁ
ଦୂର ଦିଗ୍'ବଳୟର ଅଜଣା ସହରକୁ।'
କେ ଜାଣେ କାହିଁକି ମୋର ଅଜସ୍ର ଶବ୍ଦ ଫେରି ଆସିଛନ୍ତି,
ତମର ଏରୁଣ୍ଡିବନ୍ଧ ସହ ଯୁଦ୍ଧ କରି ? ଶୁଖିଲା ମୁହଁକୁ ଧରି
ଅତି ସନ୍ତର୍ପଣେ ନିଜକୁ କ୍ଷତାକ୍ତ ଓ ରକ୍ତାକ୍ତ କରି।

ତମେ ହିସାବ କରୁକରୁ ଦିନ ସବୁ ମରିଯିବେ-
କେତେ ସଫେଦ୍ ଜହ୍ନ ରାତି ଲାଲ୍ ହୋଇଛନ୍ତି
ମୋର ଅପନ୍ତରା ଆଖିର ରକ୍ତରେ ?
ଅବା ଛାତିରେ ଲହଡ଼ା ଭାଙ୍ଗୁଥିବା ସ୍ୱପ୍ନ,ଭୋ ଭୋ କାନ୍ଦିଛନ୍ତି
ତମର ଦୁର୍ବିନୀତ ହୃଦୟର ଦୁର୍ଗରେ ।
କୁଢ଼କୁଢ଼ ସବୁଜ ଆକାଂକ୍ଷାକୁ,ହୃଦୟରେ ଠୁଳକରି
ମୁଁ ଭୋଗିଛି ଅନେକ ବର୍ଷା,ବସନ୍ତ ଓ ବୈଶାଖ
ଗାର କାଟିଛି କ୍ୟାଲେଣ୍ଡରର ହଜାରେ ପୃଷ୍ଠାରେ
କାଳେ-କେଉଁ ବେଳେ ତମେ ଆସିବ ବୋଲି !
ଅବଶୋସ ! ତମେ ଥରେ ହେଲେ ପାଦ ପକେଇନ
ମୋର ଅମଡ଼ା ମନର ସ୍ୱପ୍ନିଳ ପ୍ରାନ୍ତରେ
ପ୍ରତି ଥର ନିଖୋଜ ହୋଇଛ ଗୋପନରେ
ମୋ ପାଇଁ ବିସ୍ମୟ ପାଲଟିଛ,ଅଦୃଶ୍ୟ ହେଇଛ
ମୋର ଅନିଚ୍ଛାରେ ଓ ତମର ପୂର୍ଣ୍ଣ ଇଚ୍ଛାରେ ।
ତମର ମୌନତା ପ୍ରତି ଥର ରୁନ୍ଧି ଦେଇଛି ମୋର ଗଳା
ଛଡ଼େଇ ନେଇଛି ମୋର ହୃତ୍'କମ୍ପନ
କେ ଜାଣେ କାହିଁକି ବାର୍ ବାର୍ ତମେ
ସଜେଇ ଦେଇଛ ମତେ-ପ୍ରେମ ଭିକ୍ଷୁକ ?
ଯଦିଓ ମୁଁ ତମର ଆଜନ୍ମ ପ୍ରେମିକ ।

+ ଭାଷା ଓ ସାହିତ୍ୟ ବିଭାଗ
ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ମୋ-୬୩୭୧୩୨୭୭୫୯

# ଧ୍ୱନି ପ୍ରତିଧ୍ୱନି

**ବାଲେଶ୍ୱର, ରବିବାର, ୧୫ ମଇ, ୨୦୨୨**

ପୃଷ୍ଠା ୪ ରବିବାର ଚିତ୍ରାନ୍ନ ସାପ୍ତାହିକ କ୍ରୋଡ଼ପତ୍ର


## ପ୍ରେମରେ ପ୍ରେମରେ ଗୀତି ....(୪୭)



### ॥ ଅଲିଖିତ ରାଜିନାମା ॥

ପ୍ରେମ ନୁହେଁ କେବେ ଦୁଇଟି ହୃଦୟ
ଭାଙ୍ଗିବାର ଅବସୋସ,
ପ୍ରେମ ନୁହେଁ କେବେ ଦୁଇଟି ଦେହର
ମିଳନର ଅଭିଳାଷ ।

ପ୍ରେମ ନୁହେଁ କେବେ ଗହନରେ ଲେଖା
ଦହନର ଉପନ୍ୟାସ,
ପ୍ରେମ ନୁହେଁ କେବେ କୁଆଁରୀ ମନର
ଛାତି ତଳେ ଭରା ଶୋଷ,
ପ୍ରେମ ନୁହେଁ କେବେ ଯଉବନ ନିଆଁ
କାମନାର ସହବାସ ।

ପ୍ରେମ ଦୁଇ ମନ ଦୁଇଟି ଆତ୍ମାର
ଅଲିଖିତ ରାଜିନାମା,
ପ୍ରତିଶ୍ରୁତିଟିଏ ଜୀବନ ରାସ୍ତାରେ
ଲଙ୍ଘିବାକୁ ଖାଲ ଖମା,
ଦୁଇ ହୃଦୟର ଅଭୁଲା ସଙ୍ଗୀତ
ଜୀବନର ଇତିହାସ ।


■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧





## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୩)


■ ହେମେନ୍ଦ୍ର ମହାପାତ୍ର




'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ। ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...

### ମୁଁ କେମିତି ଉପନ୍ୟାସ ଲେଖିଲି...

ସେଦିନ ଘଟଣା ପରେ କଲେଜରେ ପିଲାମାନଙ୍କ ମଧ୍ୟରେ କେତେ ପ୍ରକାର ଟୀକା ଟିପ୍ପଣୀ ହେଉଥାଏ, ସାଧାରଣ କୌଣସି କାରଣକୁ ନେଇ ଜଣେ ପୁଅ ଓ ଆଉ ଜଣେ ଝିଅକୁ କେନ୍ଦ୍ର କରି କିଛି ବି ହୁଏ, ତାହେଲେ ତାହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଯାଏ । ସେ ଯା' ହେଉ ସେଦିନ କ୍ରୋଧ ତଥା ଅଯଥା ଅପମାନ ଜର୍ଜରିତ ହୋଇ ଘରକୁ ଫେରିଲି । ସପ୍ତାହରେ ପ୍ରାୟ ଦୁଇ ଦିନ ଥାଏ ପ୍ରାକ୍‌ଟିକାଲ କ୍ଲାସ୍ । ସେଦିନ ଗଲା, ତା' ପର କ୍ଲାସ୍‌କୁ ମୁଁ ଟିକିଏ ଡେରିରେ ପହଞ୍ଚିଲି । ସାର୍ ଆସିସାରିଥାନ୍ତି, କିନ୍ତୁ ମାଡାମ୍ ଆସିନଥାନ୍ତି । ମୁଁ ମୋ ଟେବୁଲ୍ ପାଖରେ ପହଞ୍ଚି ଦେଖେ ତ ମୋ ଟେବୁଲଟା ଭଲଭାବରେ ପରିଷ୍କାର ହୋଇଛି ଏବଂ ମୋ ବର୍ଣ୍ଣରଟା ଜଳୁଛି, ଆଶ୍ଚର୍ଯ୍ୟ ହେଲି, ଚାହିଁଲି ସେ ଝିଅଟା ସାମାନ୍ୟ ମୁଣ୍ଡ ହଲାଇ ଅତି ଅଳ୍ପ ହସି ଦେଇ ତାର ପ୍ରାକ୍‌ଟିକାଲ ପାଠରେ ଆଗେଇଲା । ମୁଁ ମଧ୍ୟ ସାମାନ୍ୟ ଅନ୍ୟମନସ୍କ ହୋଇ ସ୍ୱାଭାବିକ ଭାବରେ ମୋ କାର୍ଯ୍ୟରେ ମନଦେଲି । କିଛି ସମୟ ପରେ ମାଡାମ୍ ଆସିଲେ । ଆମ ଟେବୁଲ ପାଖରେ କିଛିକ୍ଷଣ ଅଟକିଗଲେ । ସେ ଝିଅକୁ ପଚାରିଲେ- 'ଦିଆସିଲି ଆଣିଛୁ ?' ବାସ୍ ସେ ଏମିତି କହୁକହୁ ଚାଲିଗଲେ । କ୍ଲାସ୍ ସରିଲା, ଯିଏ ଯୁଆଡ଼େ ଚାଲିଗଲେ । ମୁଁ ବି ଘରକୁ ଆସିଲି । ମୋ ମନରେ କୌଣସି ପ୍ରକାର ପ୍ରତିକ୍ରିୟା ମୁଁ ଅନୁଭବ କରିପାରିନି । ମୋ ମନରେ କେବଳ ଗୋଟିଏ କଥା ବେଳେବେଳେ ଉଙ୍କି ମାରୁଥାଏ ସେ ଝିଅଟା କୌଣସି କାରଣରୁ ବିଶେଷତଃ ମୋରି ପାଇଁ ମାଡାମ୍‌ଙ୍କ ପାଖରୁ ଗାଳି ଖାଆନ୍ତା କି? କିନ୍ତୁ ସେ ଅହେତୁକ ଭାବନା ମୋର ସେହି ଭାବନାରେ ରହିଗଲା । କାରଣ ତା'ପରେ କ୍ଲାସ୍‌ରେ ମୁଁ ଗଲାବେଳକୁ ମୋ ବର୍ଣ୍ଣର ଜଳୁଥାଏ । ପଚାରିବାର ସାହସ ମୋର ନଥାଏ, କି କହିବାର ସାହସ ତା'ର ନଥାଏ । ଏମିତି ଚାରି ପାଞ୍ଚଟା କ୍ଲାସ୍ ଚାଲିଗଲା । ମୋତେ ବର୍ଣ୍ଣର ଜଳେଇବାକୁ ପଡୁନଥାଏ । ମୁଁ କ୍ଲାସରେ ପହଞ୍ଚିବା ବେଳକୁ ବର୍ଣ୍ଣର ଜଳୁଥାଏ । ମୁଁ କେବଳ ଚାହିଁଥାଏ ପ୍ରଶ୍ନିଳ ଆଖିରେ, ସେ କେବଳ ହସିଦିଏ ଆସ୍ତିକ ଧାରାରେ । କେହି କାହାରିକୁ କିଛି କହିବାର ସାହସ କରୁନଥାନ୍ତି । କିନ୍ତୁ ପବନ ତ ନୀରବରେ ରହିଯାଏନି, ସେ ଏମିତି ଏକ ବାସ୍ନାକୁ ବୋହିନିଏ ଅନ୍ୟମାନଙ୍କ ନିକଟକୁ । ଆଜି ଭଳି ତୀବ୍ର ବେଗରେ ସେମିତି କିଛି ହଟଚମଟ ନ ଘଟିଲେ ବି କିଛି ବଂଧୁ ବିଭିନ୍ନ ବାହାନାରେ ପଛରେ ପଡ଼ନ୍ତି । ସେ ସମୟରେ ଗୋଟିଏ ଓଡ଼ିଆ ଫିଲ୍ମ ପଡ଼ିଥାଏ 'ଅଦିନ ମେଘ' । ସେଥିରେ ଗୋଟେ ଭଲ ଗୀତ ଥାଏ- 'ଅଳପ ହସରେ ଅନେକ ଆଶାର ଇସାରା ପାଇଲି ବନ୍ଧୁ, ମାନସୀ ଆସିଲା, ସରମୀ ଚାହିଁଲା ଦେଇଗଲା ପ୍ରୀତିମଧୁ' । ଆମ କ୍ଲାସ୍‌ରେ ନିତ୍ୟାନନ୍ଦ ନାୟକ ବୋଲି ଜଣେ ଚଗଲା ପ୍ରକୃତିର ବଂଧୁ ଥାଏ । ତା' କାନରେ କେମିତି କଥାଟା ପଡ଼ିଯାଇଛି । ସେ ଭଲଗୀତ ଗାଏ, ପ୍ରତିଦିନ କ୍ଲାସ୍ ଆରମ୍ଭରେ ସାର୍ ଆସିବା ପୂର୍ବରୁ ନିତ୍ୟାନନ୍ଦର ଗୀତ ବାଜେ । ଏ ଘଟଣା ଜାଣିବା ପରେ ଗୀତର ମୁଖଡ଼ା ହୋଇଯାଏ 'ଅଳପ ହସରେ... ତା'ପରେ ଗୀତ ସହ କଥା ମଧ୍ୟ ଧୀର ଗତିରେ ପଥର କାଟିବାକୁ ବାହାରେ । ତାକୁ ତା' ବନ୍ଧୁ ମହଲରେ କଣ ଶୁଣିବାକୁ ମିଳେ ମୁଁ ଜାଣେନି । କିନ୍ତୁ ମୋତେ ମୋ ବଂଧୁମାନେ ରଖେଇ ବସେଇ ଦିଅନ୍ତିନି । ମୋ ଚତୁଃପାର୍ଶ୍ୱରେ ଲାଗିଯାଏ ବଂଧୁମାନଙ୍କ ପରାମର୍ଶ ମେଳା । ବିଭିନ୍ନ ପ୍ରକାର ପ୍ରସ୍ତାବ ମାଧ୍ୟମରେ ମୋତେ ସେମାନେ ଉତ୍ସାହିତ କରୁଥାନ୍ତି । ସେହି ତଥାକଥିତ ଆପ୍ତ ବାକ୍ୟଟି ମାଧ୍ୟମରେ ତା' ସହିତ ସଂପର୍କ ସ୍ଥାପନ କରିବା ପାଇଁ । ମୁଁ ତ' ପ୍ରଥମେ ପ୍ରଥମେ ଶୁଣିଲା ମାତ୍ରେ ସତେ ଯେମିତି ଛିଟ୍‌କି ପଡୁଥାଏ । ଯେତେବେଳେ କିଛି ଗୋଟେ କରିଯିବାକୁ ମନ ବଳାଏ ସାମ୍ନାରେ ଭାସିଆସେ ବାପା, କକା ତଥା ମାମୁଁମାନଙ୍କ ଭୟଙ୍କର ମୁହଁମାନ । ମନ ମରିଯାଏ ଲଜ୍ଜା, ଅପମାନ ଆଶଙ୍କାରେ । ଏମିତି ହଁ/ନାଁର ଲୁଚକାଳି ଭିତରେ ବେଶ୍ କିଛିଦିନ ଗଲା । ପ୍ରାକ୍‌ଟିକାଲ୍ କ୍ଲାସ୍‌ର ବର୍ଣ୍ଣର ସେମିତି ଜଳୁଥାଏ । ଚାହିଁଦେଲେ ସେମିତି ହସର ସରୁ ଧାରଟିଏ ମିଳେ । ବାସ୍ ବଂଧୁମାନେ ନଛୋଡ଼ବଂଧା, ଦେ କହିଦେ, 'ଆଇ ଲଭ୍ ୟୁ' ନହେଲେ ଗୋଟେ କାଗଜରେ ଲେଖି ତାକୁ କୌଣସି ମତେ ଧରେଇ ଦେ । ଅନେକ ଭାବ ଭାବନା, ଭୟ ଭ୍ରାନ୍ତିକୁ ତର୍ଜମା କଲି । ନା କାଗଜରେ ଲେଖିଦେଲେ ଧରାପଡ଼ି ଯିବାର ଭୟ ବେଶୀ, ମୁହଁରେ କହିଦେବି, ସାଙ୍ଗମାନଙ୍କ ପ୍ରରୋଚନାରେ ପ୍ରସ୍ତୁତ ହୋଇ ରହିଲି । ସେ ଆସିଲା ଓ ଚାଲିଗଲା । ମୋତେ କିନ୍ତୁ ଚାହିଁଲାନି, ମୋର ସାହସ ହେଲାନି । ସେଦିନ ସାଂଗମାନେ ମୋତେ ଛାଡ଼ିଲେନି ଧମକେଇଲେ ଆମ ଘରେ କଥା ପହଞ୍ଚାଇବାର ଯୋଜନା ବି କଲେ । ନା ମୁଁ ବି ମନସ୍ଥ କରିନେଲି, ଯା' ହବ ହବ କହିଦେବି । ପରଦିନ ପୁରା ପ୍ରସ୍ତୁତ ହୋଇ ଆସିଲି । ଆସି ଦେଖେତ ଇଏ କଣ- କଲେଜ ଗେଟ୍ ରାସ୍ତା ପଡ଼ିଆ ଅଫିସ ସାମ୍ନାରେ ଏତେ ଭିଡ଼ । ଦୌଡ଼ାଦୌଡ଼ି, ଟେକାପଥର ମାଡ଼ । ଶୁଣୁଶୁଣୁ କଣନା ପ୍ରିଟେଷ୍ଟ ପରୀକ୍ଷା ନଦେବା ପାଇଁ ଛାତ୍ର ଆନ୍ଦୋଳନ । ଆମେ ଅନ୍ୟଥା ତା' ଭିତରକୁ ନ ପଶି ଘରକୁ ଫେରି ଆସିଲୁ । ଗୋଟିଏ ସପ୍ତାହରୁ ଅଧିକ ଷ୍ଟ୍ରାଇକ୍ ଚାଲିଲା । ଯା' ହେଉ ଛାତ୍ରମାନଙ୍କ ଦାବି ମାନିନେଇ ପ୍ରିଟେଷ୍ଟ ପରୀକ୍ଷା ବନ୍ଦ କରିଦେବାରୁ ଷ୍ଟ୍ରାଇକ୍ ଉଇଡ୍ର ହୋଇ କ୍ଲାସ୍ ଆରମ୍ଭ ହେଲା । କଲେଜ ଆସିଲି । ଦିନକ ପରେ ପ୍ରାକ୍‌ଟିକାଲ୍ କ୍ଲାସ୍ । ମୁଁ ନିର୍ଭିକ ଅଥବା ବେପରୁଆ ଭାବରେ କ୍ଲାସ୍‌କୁ ପଶିଲି । ମନସ୍ଥ କରିଥାଏ ଆଜି ସେ ଆପ୍ତବାକ୍ୟଟି କହିଦେବି । ଇଏ କଣ, ଆଜି ମୋ ବର୍ଣ୍ଣର୍ ଜଳୁନି । ସେ ଝିଅଟି ବି ନାହିଁ, ମୋ ପକେଟ୍‌ରେ ବି ଦିଆସିଲି ନାହିଁ । କଣ ହେଲା, ସବୁକିଛି ଏପଟ ସେପଟ ହୋଇଗଲା । ନିରାଶ ତ ହେଲି । ମନେମନେ ଢ଼େର୍ ଖୋଜିଲି, ପାଇଲି ନାହିଁ । ପରେ ଅବଶ୍ୟ ଶୁଣିବାକୁ ପାଇଲି ତା' ବାପା ଯିଏକି ରେଳବାଇରେ ଚାକିରୀ କରନ୍ତି, ତାଙ୍କର ବଦଳି ହୋଇଯାଇଛି । ତେଣୁ ସେମାନେ ସପରିବାର ବାଲେଶ୍ୱରରୁ ବିଦାୟ ନେଇଛନ୍ତି । ବିଷର୍ଣ୍ଣ ହେଲି, କଣ କରିବି କେବଳ ଦୀର୍ଘଶ୍ୱାସ ହିଁ ସୟଳ । ଅନେକ ଗୀତ କବିତା ଲେଖି ମନକୁ ସାନ୍ତ୍ୱନା ଦେଲି । କିନ୍ତୁ ସେ ବାକ୍ୟ କହିପାରି ନଥିବା ଦୁଃଖରେ ନିଜକୁ ଧିକ୍‌କାର ବି କଲି । ଶେଷରେ ସେ ବାକ୍ୟଟିକୁ କହିବାପାଇଁ କାହାଣୀଟିକୁ ଉପନ୍ୟାସ ଆକାରରେ ଲେଖିଲି । କାହାଣୀଟି ଯେତେବେଳେ ସେହି ସନ୍ଧିକ୍ଷଣରେ ପହଞ୍ଚିଲା- ଆଇ ଲଭ୍ ୟୁ । ସଂଳାପ ଆକାରରେ କହିବାକୁ ପଡ଼ିଲା । ତା'ର ଉତ୍ତର ମଧ୍ୟ ଆସିଲା । ସେହି ସଂଳାପରେ ତା'ପରେ କାହାଣୀ ଉପନ୍ୟାସରୁ ଆରମ୍ଭ ହୋଇ ନାଟକ ପର୍ଯ୍ୟନ୍ତ ଗଡ଼ିଚାଲିଲା । ବହୁ ସ୍ମୃତି, କଳ୍ପନା ପ୍ରତିଶୋଧର ଭାବନାରେ ନାଟକଟେ ଲେଖା ହେଲା- 'ଆଇ ଲଭ୍ ୟୁ ।' ଏହି ଭାବରେ ମୋର ନାଟ୍ୟ ପ୍ରବେଶ ଅବଶ୍ୟ ହୋଇଥିଲା । (କ୍ରମଶଃ)

## ଧାରାବାହିକ ଉପନ୍ୟାସ

# ଉଚ୍ଛଳ ଉପତ୍ୟକା

ଭାଗ-୬

(ପୂର୍ବ ପ୍ରକାଶିତ ଉତ୍ତାରୁ..)


ସୁକାନ୍ତି ନନ୍ଦ

♥ ଗୁଡ଼ିଆ ସାହି, ପୁରୀ-୭୫୨୦୦୧
ମୋ : ୮୩୩୯୦୦୨୬୫୮




**ସତରେ ଗୋଳମାଳିଆ ଲାଗୁଛି...ଏ ସମୟ । ଭାଗ୍ୟ କି ଭଗବାନ... କାହା ଉପରେ ଆସ୍ଥା ରଖିହେଉନି । ଦୁଇଟି ପ୍ରିୟ ମଣିଷଙ୍କ ଛିନ୍‌ଛତ୍ର ପରିସ୍ଥିତିକୁ ଭାବିଲେ ଛିଃ ଲାଗୁଛି ଘର...ସଂସାର, ଭାଗ୍ୟ ଓ ଭବିଷ୍ୟତ । ଆତ୍ମ ବିଶ୍ୱାସ ତ ଧିମେଇ ଗଲାଣି । ଭଗବତ୍ ବିଶ୍ୱାସ ଉପରେ ବି ଆଉ ଆସ୍ଥା ନାହିଁ । ଯାହା ଘଟିବ...ପୂର୍ବ ଭଳି ହିଁ ଘଟିବ । ଲୁହ ଭିଜା ଆଖି ଆଉ କୋହ ଭର୍ତ୍ତି ଛାତିରେ ସବୁ ଅଭାବବୋଧକୁ ଜାକି ନେଇ ଚୁପ୍‌ଚାପ୍ ରହିବାକୁ ପଡ଼ିବ ।**

ଲେଖା ବିଷର୍ଣ୍ଣ ତ' ବାକ୍‌ଶକ୍ତି ହୀନ । ସତେ କି ତା ବିରାଟ ଭବିଷ୍ୟତର କଳ୍ପନା ଜଳ୍ପନା ମାଟିରେ ମିଶିଯାଉଛି । କିଛି ଆଉ ତାର କରିବାର ନାହିଁ କି କରିବାପାଇଁ ଚିନ୍ତାଚେତନାର ଆବଶ୍ୟକତା ନାହିଁ ବି । ହଠାତ୍ ଭାଙ୍ଗି ପଡ଼ିଲା ପରି ଲାଗିଲା ସେ । ହାରିଗଲା ଭଳି ତା ଶୁଖିଲା ଚେହେରା ମତେ ବଡ଼ କଷ୍ଟ ଦେଲା । ହୁଏତ ସେ ଭାବିଦେଲା ଦୁର୍ଭାଗ୍ୟ ଶହେହାତ ଲମ୍ବେଇ ଆସୁଛି ତାକୁ କାବୁ କରିବା ପାଇଁ । ଟିକ୍‌ଟିକ୍ କରିଦେବା ପାଇଁ ତା ଅସ୍ତିତ୍ୱକୁ ବି । ଏସବୁ ପରେ କି ଜୋର ଆଉ ରହିବ ତା' ଦେହ ଓ ମନରେ । ରସ ଚିପୁଡ଼ା ଶରୀରଟେ ସିନା ଟଳୁଥିବ ବିଛଣାର ଏ ପାଖରେ ପୁଣି ସେ ପାଖରେ । ତେବେ ତା ଜୀବନର ସାରାଂଶ କଣ ଏୟା !

ଲେଖାର ଡର ଡର ଭାବ ମତେ ଦବେଇ ଦେଉଥିଲା ।

ମା'ଙ୍କୁ ସାମ୍ନାକରି ତା ସପକ୍ଷରେ ମୁଁ ଯୁକ୍ତିତର୍କ କରିବା ପୂର୍ବରୁ ଝାଉଁଳା ଲତା ଭଳି ସେ ଜାକି ହେଇଯାଉଥିଲା ଭିତରେ ତ' ବାହାରେ ।

ମତେ ଭଲ ଲାଗିଲାନି । ଏଣୁ ମୁଁ ତାକୁ ଭିଡ଼ି ଆଣି ଘର ଭିତରେ ବସେଇଦେଲି । ପାଖେ ପାଖେ ରହି କହିଲି - କେଡ଼େ ବୋକିଟା ତୁ, କହୁ କହୁ କଣ କାହାର ବାହାଘର ହେଇଯାଏ । ଜେଜେମା' ପରା କୁହନ୍ତି ଏସବୁ ମାମଲାକୁ କେବଳ ବିଧାତା ହିଁ ନିୟନ୍ତ୍ରଣ କରେ । ଯୋଗ ଭାଗ୍ୟ ଅନୁଯାୟୀ କାହାର କେବେ ଶୁଭଲଗ୍ନ ଆସେ କେହି ଜାଣିପାରନ୍ତିନି । ଅନେକ ରାତି ବାକି ଅଛି ତୋ ଶୁଭସକାଳ ପାଇଁ । ସେଇ ଲମ୍ବା ଅବଧିରେ ତୁ ତୋ ମନସ୍କାମନା ପୂରଣ କରିବା ପାଇଁ ଯେତେ ଯାହା କରିବା କଥା କରିଦେ । ତୋ ମନ ସଫା ହୃଦୟ ବି ସଫା, ଏଣୁ ଆଶଙ୍କା ଓ ଦୁର୍ଭାବନାର ମେଞ୍ଚାମେଞ୍ଚା କାଳିମାକୁ ନେସୁଛୁ କଣ ପାଇଁ ଭିତରର କାନ୍ଥମାନଙ୍କରେ ? ମା' ତ ସର୍ତ୍ତ ରଖିଥିଲେ ଭଲ ପ୍ରସ୍ତାବ ଆଗୁଆ ଯାହା ପାଇଁ ଆସିବ ତା ବାହାଘର ହେବ ହିଁ ହେବ ।

ଠିକ୍ ସେୟା ହିଁ ହେଲା ।

ଭଗବାନ୍ ଲେଖାକୁ ତ୍ରାହି କରିଦେଇ ମୋ ଉପରେ ପର୍ବତ ସମାନ ବୋଝ ମଡ଼େଇ ଦେଲେ । ହୁଏତ ରାତି ରାତି ଅନିଦ୍ରା ରହି ଲେଖା ଦୀପ ଜାଳି ଈଶ୍ୱରଙ୍କୁ ମାଗିଥିବ - ମତେ ଜଞ୍ଜାଳ...ଭିତରକୁ ନିଅନି ପ୍ରଭୁ...ମୁଁ ପାରିବିନି । ଏତେବଡ଼ ଦାୟିତ୍ୱ ମୁଣ୍ଡେଇବାର ଶକ୍ତି ସାମର୍ଥ୍ୟ ମୋର ନାହିଁ । ମୋର ତ ଅନେକ କାମ କରିବାକୁ ବାକି ଅଛି । ମୋ ଉପରେ ଆଶା ଭରସା ରଖିଛନ୍ତି ଯେଉଁମାନେ ସେମାନଙ୍କ ପାଇଁ କିଛି କରିବାକୁ ମୋ ହାତ ପାଦ ଏବେ ବି ଛୋଟ । ଏଣୁ ନିଜ କଥା ଭାବିବି କେତେବେଳେ ! ଏତେ ସ୍ୱାର୍ଥପର ହେଇପାରିବିନି ମୁଁ...ମତେ କ୍ଷମା କର ।

ବାସ୍ ଏତିକିରେ ଲେଖା ନିସ୍ତାର ପାଇଗଲା ସଂସାର ବନ୍ଧନରୁ ତ' ମତେ ବାନ୍ଧିଦିଆଗଲା ଜଞ୍ଜାଳ ଖୁଣ୍ଟରେ ।

ହଠାତ୍ ଦିନେ ବାପାଙ୍କର ପୁରୁଣା ବନ୍ଧୁ ଯାହାଙ୍କୁ ଆମେ ସମୀରଦାଦା ବୋଲି ସମ୍ବୋଧନ କରୁ ସେ ଆସି ପହଞ୍ଚିଲେ ଘରେ । ଜେଜେମା'ଙ୍କ ଅମଳରୁ ସେ ଥିଲେ ଆମ ପରିବାରର ଜଣେ ହିତାକାଂକ୍ଷୀ ସଦସ୍ୟ । ଖୁବ୍ ମଜାଳିଆ ଲୋକ ସେ । ଥଟ୍ଟା ତାମସାରେ ମା' ଓ ସେ ହସିହସି ବେଦମ ହେଇଯାନ୍ତି । ସେ ଆସିଲା ମାନେ ତ ଘରେ ଭୋଜିଭାତର ଆୟୋଜନ ହୁଏ । ପିଇସୀଙ୍କ ପରିବାର ମଧ୍ୟ ଚାଲିଆସନ୍ତି ଏଇଠିକୁ । ତାଙ୍କୁ ଦେଖେଇ ଶୁଣେଇ ଦାଦା କୁହନ୍ତି ସୁଭଦ୍ରା ତୋ ଭାଉଜଙ୍କୁ କହିଦେ - କେତେଦୂରରୁ ଭୋକିଲା ଯୋଗୀଟିଏ ଆସି ପହଞ୍ଚିଛି । ସକାଳ ପହରୁ କିଛି ଖାଇବାକୁ ମିଳିନି ତାକୁ । ପେଟରେ ମୂଷା ଦୌଡ଼ିଲେଣି । ଦୟାମୟୀ ମା'ଙ୍କ ଖାଦ୍ୟ ଭଣ୍ଡାରରୁ ଆଞ୍ଜୁଳେ ମିଳିବା ପାଇଁ ବ୍ୟବସ୍ଥା ହେଉ । ଭୋକିଲା ପେଟର ଜ୍ୱାଳା ପରା ବଢ଼ି ବଢ଼ି ଚାଲିଛି । ମା, ଫେଁ କରି ହସି ଦିଅନ୍ତି । କିନ୍ତୁ ପିଇସୀ କହନ୍ତି - ଭାଇ, ମିଛ କହିବା କୋଉଦିନଠୁ ଶିଖିଲ ମ; ସୁଲତା ଭାଉଜ କଣ ତମ ପାଇଁ ହାଣ୍ଡିରେ ଚାଉଳ ପକଉନାହାନ୍ତି କି ? ଓଃ ସେଇଥିପାଇଁ ତମ ମାଉଁସ ନଥିବା ଦେହରେ ହାଡ଼ ଦି'ଖଣ୍ଡ ଦୋହଲୁଛି ! ଆଃ କି କଷ୍ଟ ! ହଉ ଯୋଗୀ ପ୍ରବର, ଝୁଲା ଦେଖାଅ; ମୁଗ ଚାଉଳ ପରିବାପତ୍ର ଓ ଜାଳ କାଠ ନେଇରାନ୍ଧି ବାଢ଼ି ଖାଅ ।

ମା' ମଧ୍ୟ ଖୁବ୍ ଟାହିପାଟରା କରନ୍ତି ତାଙ୍କୁ । ସୁଆଦିଆ ଖାଦ୍ୟ ପରଶି ବିଦାୟ ଦିଅନ୍ତି । ଆଜି ବି ସେମିତି ମଜାଳିଆ ପରିବେଶଟେ ଚକା ଭଉଁରୀ ଖେଳୁଥିଲା ଆମ ଘରେ । ଦାଦା, ଖୁଡୀ, ଖୁବ୍ ହସ ହସ ତ ମା' ବାପା ସନ୍ତୁଷ୍ଟ ଲାଗୁଥିଲେ । ପିଇସୀ ପିଇସାଙ୍କ ଗୋଡ଼ ଖୁସୀରେ ତଳେ ଲାଗୁନଥିଲା । ସତରେ ଯେମିତି ସେ ଉଡୁଥିଲେ ଚାରିଆଡ଼କୁ ଛୁଇଁଛୁଇଁ ।

ଲେଖା ମୋ ପାଖେ ପାଖେ ହିଁ ଥାଏ ।

ଗହଳ ଚହଳ ଓ ହସ ଖୁସୀର ମାହୋଲ ଚିନ୍ତାଗ୍ରସ୍ତ କରିଦେଉଥାଏ ମତେ । ସମସ୍ତେ ହସନ୍ତ ମୁଖର ଅଥଚ ମୁଁ କାହିଁକି ଯେ ଉଦାସ ଉଦାସ ବୁଝିପାରୁନଥାଏ । ମା'ଲେଖାକୁ ଡାକିନେଲେ ଭିତରକୁ । କଣ ସବୁ କହିଲେ କେଜାଣି, ସେ ମତେ ମୋ ରୁମ୍‌କୁ ଭିଡ଼ିନେଇ ଖଟ ଉପରେ ବସେଇ କହିଲା - ଚୁପ୍‌ଚାପ୍ ବସ । ମାଇଁ ଯାହା ଯାହା କହିଛନ୍ତି ମୁଁ କରିବାକୁ ବାଧ୍ୟ । ହେଲେ ସାବଧାନ, ତୁ ମୋ କାମରେ ଯେମିତି ବାଧା ନଦେଉ !

: କି ମସ୍ତବଡ଼ କାମ କରିବୁ ଯେ ତୁ, ମତେ ବନ୍ଦୀ କଲାଭଳି ଜବରଦସ୍ତ ଭିଡ଼ିଆଣିଲୁ ଏଠିକୁ ? ମା' କ'ଣ କହିଛନ୍ତି ତତେ ? ମୁଁ ତ ତାଙ୍କ ପାଟିରୁ କିଛି ବି ଶୁଣିନି । ତୁ ଏତେ ମାମଲତକାର ଦେଖଉଛୁ ଯେ ?

: ମାତ୍ର ପାଞ୍ଚଟା ଦିନର ବ୍ୟବଧାନ ହେଲେ ବି ମୁଁ ତୋର ବଡ଼ଭଉଣୀ...ତୁ ମୋଠୁ ସାନ । ଏଣୁ ମୁଁ ମାମଲତକାର ଦେଖେଇବିନି ତ ଦେଖେଇବ ପୁଣି କିଏ ?

: ହେଲେ ଆଜି କାହିଁକି ବଡ଼ ସାନର ତର୍ଜମା ହେଉଛି ମୁଁ ତ ବୁଝିପାରୁନି ?

: ସବୁ ବୁଝିବୁ । ଭଲ ଭାବେ ବୁଝିବୁ ଲୋ ଝିଅ, ଅପେକ୍ଷା କର ।

: କହନା ଲେଖା, ମା'ଙ୍କ ଉଦ୍ଦେଶ୍ୟ କଣ ମତେ କହ ? ସେ କଣ ଚାହାଁନ୍ତି ଯେ ?

: ସେ ଚାହାନ୍ତି, ତୁ ପାଟ ଆଉ ଗହଣାଗାଣ୍ଠି ପିନ୍ଧି କୁଣିଆଙ୍କ ସାମନାକୁ ଯାଇ ମୁଣ୍ଡିଆ ମାରିବୁ । ଅଳ୍ପ ସମୟ ପରେ ଆସି ପହଞ୍ଚିଯିବେ ତୋ ମନର ମଣିଷ ସଂପଦ । ତାପରେ ତ...ଧେତ୍ ମୁଁ କାହିଁକି ଏତେ ବକ୍‌ବକ୍ ହେବି ଯେ, ସମୟ ଆସିଲେ ତୁ ସବୁ ଜାଣିଯିବୁନି କି ? ଏତେ ଆଉ ମତେ ବିରକ୍ତ କ'ରନା । ଚାଲ ତୋ କାମ ସାରି ମୁଁ ଅନ୍ୟ ଆଡ଼କୁ ଯିବି ।

ସଂପଦ... ସେ ତ ସମୀର ଦାଦାଙ୍କ ପୁଅ । ମୁମ୍ବାଇରେ ଚାକିରୀ କରନ୍ତି ! ହଠାତ୍ ସେ କାହିଁକି ତାଙ୍କ ପରିବାର ଓ ସାଙ୍ଗମାନଙ୍କୁ ନେଇ ଆମ ଘରକୁ ଆସିଲେ । ଧେତ୍ ଭାବିବାକୁ ବି ସମୟ ଦେଲାନି ଲେଖା । ବାରଣ କରିବା ସତ୍ତ୍ୱେ ମା'ଙ୍କ ଆଲ୍‌ମିରାରୁ ପାଟ ଓ ଗହଣାଗାଣ୍ଠି କାଢ଼ି ପିନ୍ଧେଇଲା ମତେ ।

ବାହାର ତ ଲାଗୁଥିଲା ଖୁବ୍ ଉତ୍ସବ ମୁଖର । ବାପା ଓ ପିଇସା ବ୍ୟସ୍ତ ବିବ୍ରତ ଲାଗୁଥିଲେ । ସୁଦୀପ, ସୁଧୀର ଓ ଦେବା ସଂପଦ ଆଉ ତାଙ୍କ ସାଙ୍ଗମାନଙ୍କ ସହିତ ମାତି ଯାଇଥିଲେ ମଜ୍ଜା ମସ୍ତିରେ ।

ଝରକା ଖୋଲି ସେଇ ଆଡ଼କୁ ଆଙ୍ଗୁଳି ଦେଖେଇ ଲେଖା ମତେ କହିଲା - ଗୋରା ତକ୍‌ତକ୍ ଲମ୍ବାନାକିଆ କୁଞ୍ଚୁକୁଞ୍ଚିଆ ଚୁଟି ଥିବା ଲାଜକୁଳା ପୁଅ ହେଉଛନ୍ତି ସଂପଦ । ଆମେ ତାଙ୍କୁ ପିଲାବେଳେ ଦେଖିଥିଲେ । ଏବେ ସେ ବଡ଼ ହେଇଗଲାଣି ।

: ବଡ଼ ହେଲେ ତ ହେଲେ, ସେଥିରେ ମୋର କଣ ଯାଏ ଆସେ ଅଛି ?

: ଅଛି, ସମୀର ଦାଦା ଓ ମାମୁ ତୋ ସହିତ ତାଙ୍କ ବାହାଘର ପକ୍କା କରି ସାରିଛନ୍ତି । ଆଜି ମୁଦି ପିନ୍ଧା । ଦୁଇମାସ ପରେ ଶୁଭପରିଣୟ ।

ଖୁସୀ ମଜାକୁ ନେଇ ପାଟି ତୁଣ୍ଡରେ ଘର ପଡୁଛି ତ ଉଠୁଛି । ହସର ଲହର ବି ଖେଳି ବୁଲୁଛି ଏଠିକୁ ସେଠି ।

ଆରେ ବଡ଼ ମାମୁ ଓ ମାଇଁ ଆସିଗଲେଣି ଯେ । ସାଙ୍ଗରେ ବି ତ ଆସିଛି ସଞ୍ଜୟ ଭାଇ । ଆଶ୍ଚର୍ଯ୍ୟ ମତେ ନଜଣେଇ ବାପା, ମା ଏତେ ବଡ଼ ଆୟୋଜନ କରିପାରିଲେ ! ଏତେ ତରବର ହେବାର କାରଣ କଣ ଥିଲା । ସେମିତି ଅବାଧ୍ୟ ଝିଅ ନୁହେଁ ଯେ ମୁଁ ତାଙ୍କ କଥାରେ ହଁ ନକହି ନା କହିବି । ଆଜିଯାଏଁ ସେମାନଙ୍କ ସିଦ୍ଧାନ୍ତ ହିଁ ମୋ ସିଦ୍ଧାନ୍ତ ବୋଲି ମୁଁ ଭାବେ । ହେଲେ ଏ, ତ ଜୀବନ ସଉଦାର କଥା । ଟିକେ ଟିକେ ଭୁଲ୍‌ରେ କଣ ନାହିଁ କଣ ହେଇଯାଏ । କେଜାଣି ପ୍ରଭୁ ମୋ ଭାଗ୍ୟରେ କଣ ଲେଖିଛନ୍ତି !

ସଞ୍ଜୟ ଭାଇ ଓ ଲେଖା ଯେ ମୋ ସାମ୍ନାରେ ଛିଡ଼ା ହେଇଛନ୍ତି... ଅନ୍ୟମନସ୍କତାରେ ମୁଁ ଜାଣିପାରିନଥିଲି । ସେ ଦୁହେଁ ହସୁଥିଲେ... ଖୁବ୍ ହସୁଥିଲେ...। ହେଲେ ମୋ ଦୁଃଖୀ ଦୁଃଖୀ ଚେହେରାକୁ ଦେଖି ହସୁଥିଲେ ଖୁବ୍ ମଜା ନେଉଥିଲେ । ପାଖରୁ ସେମାନଙ୍କୁ ଆଡ଼େଇ ମୁଁ ଚାଲିଯିବାକୁ ଉଦ୍ୟତ ହେଲାବେଳେ ସଞ୍ଜୟ ଭାଇ ବାଟ ଓଗାଳି କହିଲା - ମୋ ଆସିବାରେ କଣ ତୁ ଖୁସୀ ହଉନୁ ? ଏମିତି ଛାଟି ପିଟି ହେଇ ପଳଉଛୁ ଯେ !

: ମତେ କିଛି ଭଲ ଲାଗୁନି ଭାଇ, ତମେ ବି କଣ ଏ ଆୟୋଜନରେ ଖୁସୀ ?

: ନିଶ୍ଚୟ..., ମୋ ଭଉଣୀର ମୁଦିପିନ୍ଧା ପର୍ବ ଆଜି, ଅଥଚ ମୁଁ ଖୁସୀ ହେବିନି ? କେଡ଼େ ଭାଗ୍ୟବାନ ମୁଁ କହତ, ତୋର ଏତେ ବଡ଼ ଉତ୍ସବରେ ମୁଁ ସାମିଲ୍ ହେଇପାରିଛି..., ମୁଁ ତ ଗତକାଲି ଠାରୁ ଦିଲ୍ଲୀ ଯାଇସାରିଥାନ୍ତି, ପ୍ଲେନ୍ କ୍ୟାନସଲ୍ ନହୁଏ କି ମୁଁ ନଯାଏ ।

ଲେଖା ପାଖେଇ ଆସିଲା, ଅତ୍ୟନ୍ତ ଖୁସୀରେ ମତେ ଜାବୁଡ଼ି ଧରି ହସିହସି କହିଲା- ମାମୁ ମାଇଁଙ୍କ ସିଲେକ୍‌ସନକୁ ମୁଁ ଧନ୍ୟବାଦ ନଦେଇ ରହିପାରୁନି, ରିଅଲି, ରୂପରେ ଗୁଣରେ କାହିଁ କେତେ ଉଚ୍ଚରେ ସଂପଦଙ୍କ ସ୍ଥାନ । ତୋ ଭାଗ୍ୟ ଭଲରେ ଚିତ୍ରା, ଏଭଳି ବ୍ରିଲିୟାଣ୍ଟ ହ୍ୟାଣ୍ଡସମ୍ ପାର୍ଟନର ପାଇଲୁ...।

: ଯଦି ଏତେ ଭଲ...ତୋ ପାଇଁ ଡାକିନେ ତାଙ୍କୁ, ମୁଁ ତ ଏପର୍ଯ୍ୟନ୍ତ ମୋ ମତାମତ ହିଁ ଦେଇନି ।

: ସତ ନା କଣ ମ' ଡାକିନେବି... ଛାତିରେ ହାତ ଦେଇ କହୁଛୁ ତ, ଯଦି ଉଡ଼େଇନେବି...ସହିପାରିବୁ ତ !

ଫେଁ କିନା ହସିଦେଲୁ ଦୁହେଁ । ପରସ୍ପର ପରସ୍ପରଙ୍କୁ ଜାକି ପକେଇ କିଛିଟା ନରମି ଗଲୁ । ମୋ ଆଖିରେ ଲୁହ ଜକେଇ ଆସିଲା । ଲେଖାର ମୁହଁ ବି ଦିଶିଲା ମତେ ବିକଳ ବିକଳ । ଦିଶିବନି କେମିତି, ସେଇଭଳି ତ ଚଳି ଆସିଛୁ ଆମେ । ସ୍ନେହ ଓ ଶ୍ରଦ୍ଧାରେ କୋଳିକୋଳି ତ ବନ୍ଧାବନ୍ଧି ହେଇ ସମୟ ବିତେଇଛୁ । ସେ ସମୟ ଆଉ କଣ ଜୁଟିବ ମୋ ଭାଗ୍ୟରେ !

ମୁହଁ ଶୁଖେଇ ଛିଡ଼ା ହେଇଗଲି ତ ମାଇଁ ମୋ ହାତ ଧରି ପକେଇ କହିଲେ - ପୂର୍ବରୁ ଚିହ୍ନାଜଣା ହେଲେ ବି, ସେମାନେ ଏବେ ଆମର ବନ୍ଧୁ ହେବାକୁ ଯାଉଛନ୍ତି । ଆଗରୁ ତମେ ଦାଦା ଖୁଡୀ ବୋଲି ଯାହାଙ୍କୁ ଡାକୁଥିଲ ଆଉ ଦୁଇମାସ ପରେ ଡାକିବ ବାପା, ମା । ଭଲ ହେଲା । ପୁରୁଣା ସଂପର୍କକୁ ନୂଆଢ଼ଙ୍ଗରେ ତିଆରିବାଟା- ଖୁବ୍ ଭଲ ହେଲା । ସରିତା ଓ ଚରଣ ବାବୁ ଯାହା କରିଛନ୍ତି ଭଲ ହିଁ କରିଛନ୍ତି । ସେମାନେ ତ ତମକୁ ଝିଅଭଳି ଦେଖୁଥିଲେ ଏବେ ବୋହୂପରି ଦେଖିବେ । ଏଣୁ ଭୟଭୀତ କି ବ୍ୟତିବ୍ୟସ୍ତ ହୁଅନି । କାରଣ ଛାଞ୍ଚ ତ' ଠିକ୍, କେବଳ ପୁରୁଣା ମୂର୍ତ୍ତିରେ ନୂଆ ରଙ୍ଗ ଲାଗିବା ଯାହା...।

ସମସ୍ତଙ୍କ ମୁହଁ ହସ ଖୁସୀରେ ଫୁଲି ଉଠୁଥିଲା । ବାପା ମା'ବି ଉତ୍‌ଫୁଲ୍ଲ ଲାଗୁଥିଲେ । ପୂର୍ବରୁ ବାହାଘର ସମ୍ପର୍କରେ ବାରମ୍ବାର ଘରେ ଆଲୋଚନା ହେଲାବେଳେ ମୁଁ ସଫା ସଫା କହିଥିଲି - ତମମାନଙ୍କୁ ଯିଏ ସୁନ୍ଦର ଓ ଗୁଣର ଦିଶିବ ତା ସହିତ ମୋର ବାହାଘର କରିଦେବ । ତମ ପସନ୍ଦରେ ତ ମୋ ପସନ୍ଦ ! ତମମାନଙ୍କ ନିଷ୍ପତ୍ତିରେ ମୋ ଆପତ୍ତି ଅଭିଯୋଗ ଯେ କାଳେକାଳେ ନାହିଁ - ଜାଣିଛ ତ ! ଏଣୁ ଯାହା କରିବ, ସେ ସବୁ ମୋ ଭଲ ତ' ମଙ୍ଗଳକାରୀ ହେବ ବୋଲି ମୁଁ ଭାବିନେବି । ଏମିତିରେ ବି କୋଉ ବାପା ମା' କ'ଣ ନିଜ ଝିଅର ଅମଙ୍ଗଳ କି ଅସୁଖ ଚାହାଁନ୍ତି ! ତଥାପି ଆଉ କିଛିଦିନ ସମୟ ମତେ ଦେଇଥିଲେ ମୁଁ ଖୁସୀ ଓ ସନ୍ତୁଷ୍ଟତାରେ ବିଭୋର ହୋଇଯାଇଥାନ୍ତି । କେହି ବି ମୋ କଥା ଶୁଣିଲେନି କି ମୋ ବ୍ୟଥାକୁ ଅନୁଭବ କଲେନି । ପୂର୍ବରୁ ସର୍ତ୍ତ ରଖି ମା' ଯାହା କହିଥିଲେ, ତାହା ହିଁ କଲେ । ପ୍ରଥମେ ମୋ ପାଇଁ ପ୍ରସ୍ତାବ ଆସିଲା ତ' ସଜବାଜ ହେଇ ବାହାରି ପଡ଼ିଲେ ବାହାଘର ପାଇଁ ।(କ୍ରମଶଃ)

## କଳାବଜାରୀ

ଅନୁବାଦ ଗଳ୍ପ


ମୂଳହିନ୍ଦୀ- ହରିଶଂକର ପରସାଇ


ରାଜାଙ୍କ ନିକଟରେ ଅଭିଯୋଗ ହେଲା ଯେ ଦେଶରେ କଳାବଜାରୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବଢ଼ି ଚାଲିଛି । ଏହାଦ୍ୱାରା ସାଧାରଣ ଖାଉଟି ହନ୍ତସନ୍ତ ହେଉଛନ୍ତି । ଦରଦାମ ଉପରେ କାହାରି କିଛି ନିୟନ୍ତ୍ରଣ ରହୁନି । ଆଜି ଗୋଟିଏ ଦର ତ ଆସନ୍ତାକାଲି ଆଉ ଏକ ଦର । ରାଜା ଏକଥା ଉପରେ ଗୁରୁତ୍ୱ ଦେଲେ । ସେ ଅଭିଯୋଗକାରୀଙ୍କୁ ଆଶ୍ୱାସନା ଦେଇ କହିଲେ କି କଳାବଜାରୀମାନଙ୍କୁ ଖୁବ୍ ଶୀଘ୍ର ବିଜୁଳିଖମ୍ବରେ ଝୁଲାଇ ଦିଆଯିବ । ଜନତା ଖୁସି ହେଲା । ଯାହା ହେଉ ଦେଶରେ ଏବେ କଳାବଜାରୀ ରହିବେ ନାହିଁ । ସେମାନଙ୍କର ମୂଳ ଉତ୍ପାଟନ ହେବା ଦ୍ୱାରା ଦରଦାମ ସ୍ଥିର ରହିବ । ତହିଁ ପରଦିନ ଲୋକମାନେ ଧାଇଁଲେ ବିଜୁଳି ଖମ୍ବ ପାଖକୁ । ବିଜୁଳିଖମ୍ବକୁ ପୂଜା ଅର୍ଚ୍ଚନା କରିବାକୁ ଲାଗିଲେ । ଫୁଲମାଳା ପିନ୍ଧାଇ ଦେଲେ । ଧୂପଦୀପ ଜାଳିଲେ । ଚନ୍ଦନ ଲଗାଇ ମୁଣ୍ଡିଆ ମାରିଲେ । ସାରାଦିନ ସେହି ଖମ୍ବ ତଳେ ବସି ରହି ଭଜନ କୀର୍ତ୍ତନ କଲେ । କିନ୍ତୁ ସନ୍ଧ୍ୟା ସୁଦ୍ଧା କେହି ଜଣକୁ ବି ଖମ୍ବରେ ଝୁଲା ହେବାର ସେମାନେ ଦେଖିବାକୁ ପାଇଲେ ନାହିଁ । ସମସ୍ତେ ନିରାଶ ହୋଇ ନିଜ ନିଜର ଘରକୁ ଫେରିଗଲେ । ଦିନେ ଦୁଇଦିନ ସେମିତି ଚାଲିଲା । ଯେତେ ପୂଜା ଅର୍ଚ୍ଚନା କଲେ ମଧ୍ୟ ବିଜୁଳିଖମ୍ବରେ କଳାବଜାରୀଙ୍କୁ ଝୁଲାଗଲା ନାହିଁ । ତେଣୁ ସାଧାରଣ ଜନତା କ୍ଷୁବ୍ଧ ହୋଇ ଶୋଭା ଯାତ୍ରା ବାହାର କଲେ । ଶୋଭାଯାତ୍ରା ରାଜ ଦରବାରକୁ ଗଲା । ରାଜା କାହିଁକି ନିଜର ପ୍ରତିଶ୍ରୁତି ରକ୍ଷା କଲେ ନାହିଁ ବୋଲି ପ୍ରଶ୍ନ କରାଗଲା । ରାଜା ସମସ୍ତଙ୍କୁ ବୁଝାଇ କହିଦେଲେ, ସରକାରୀ କାମ ସେମିତି ତରବର ଭାବରେ କରାଯାଏ ନାହିଁ । ସେ ନିଜର କଥା ଅନୁସାରେ କାମ ଆରମ୍ଭ କରି ଦେଇଛନ୍ତି । ସେ ଆଦେଶ ଦେଇସାରିଛନ୍ତି କି ସେମିତି କଳାବଜାରୀଙ୍କୁ ଚିହ୍ନଟ କରାଯାଉ । କାମ ଚାଲିଛି । କଳାବଜାରୀ ଖୋଜା ଚାଲିଛି । ମିଳିଯିବା ମାତ୍ରେ ସେମାନଙ୍କୁ ବିଜୁଳି ଖମ୍ବରେ ଲଟକାଇ ଦିଆଯିବ ।

ଜନତା ଏହା ଶୁଣି କିଛିଟା ଆଶ୍ୱସ୍ତ ହେଲେ । ଜଣେ କିଏ ପଚାରିଦେଲା...କଳାବଜାରୀଙ୍କୁ କେମିତି ଧରା ଯିବ କି ? ରାଜା କହିଲେ, ସେଥିପାଇଁ ଫାଶ ତିଆରି ଚାଲିଛି । ସେଇ ଫାଶରେ ହିଁ କଳା ବଜାରୀ ପଡିଯିବେ । ପୁଣି ଜଣେ ପଚାରିଦେଲା, ହେଲେ ଯିଏ ଏ ଫାଶ ତିଆରି କରିବ, ସେ ବି ତ ଜଣେ କଳାବଜାରୀ ହୋଇଥିବ । ରାଜା କହିଲେ, ହୋଇଥାଇ ପାରେ, ହେଲେ ସେ ବି ତ ଫାଶରେ ପଡିଯିବ ଆଉ ତାକୁ ଫାଶୀ ମିଳିବ । ପୁଣି ଜଣେ କହିଲା, ଫାଶୀ ଦେବା ର ଠିକା ବି ତ ସେଇ ନେଇ ପାରେ । ତହୁଁ ରାଜା କହିଲେ, ନା..ଏମିତି ହୋଇ ପାରିବ ନାହିଁ । କାରଣ ଅଦ୍ୟାବଧି ଫାଶୀକରଣର ଉଦ୍ୟୋଗ ଆମ ଦେଶରେ ପ୍ରଚଳିତ ହୋଇ ନାହିଁ । ଜନତା କହିଲା, ତେବେ କେତେଦିନ ଭିତରେ ଏହା କାର୍ଯ୍ୟକାରୀ ହେବ ବୋଲି ଆମେ ଆଶା କରିବୁ । ରାଜା ଦୃଢ଼ସ୍ୱରରେ କହିଲେ, ଆଉ ଠିକ ଷୋହଳଦିନ ପରେ ତୁମେମାନେ ଦେଖିବ ବିଜୁଳି ଖମ୍ବରେ କଳାବଜାରୀ ଝୁଲୁଥିବେ ।

ରାଜାଙ୍କ ପ୍ରତିଶ୍ରୁତିରେ ସେମାନେ ସନ୍ତୁଷ୍ଟ ହୋଇ ଫେରିଗଲେ । ଦିନ ଗଣା ଚାଲିଲା । ସେହି ନିର୍ଦ୍ଦିଷ୍ଟ ଦିନ ଦେଖାଗଲା ଯେ ଦେଶରେ ଗୋଟିଏ ବୋଲି ବିଜୁଳି ଖମ୍ବ ନାହିଁ । ସବୁ ଉପୁଡି ଯାଇଛି । ସେମାନେ ଆଶ୍ଚର୍ଯ୍ୟ ହେଲେ କାରଣ ସେଦିନ ନା କିଛି ବାତ୍ୟା ହୋଇଥିଲା ନା ଭୂକମ୍ପ । ତାହାଲେ ଖମ୍ବଗୁଡିକ ଉପୁଡିଲା କେମିତି । ତେବେ ସେମାନଙ୍କ ନଜରକୁ ଜଣେ ଶ୍ରମିକ ଆସିଲା । ସେ ହାତରେ କୋଡି କୋଦାଳ ଧରିଥିଲା । ତାକୁ ସେମାନେ ପଚାରିଲେ, ତୁମେ କଣ କରୁଛ ଏଠି ? ସେ କହିଲା, ସାରା ରାତି ଲାଗି କିଛି ଶ୍ରମିକମିଶି ବିଜୁଳିଖମ୍ବକୁ ଉପାଡି ଦେଇଛନ୍ତି । ସେମାନେ ତାକୁ ଧରି ନେଇ ରାଜାଙ୍କ ପାଖରେ ପହଁଚିଲେ । ସବୁ କଥା କହିଲେ । ରାଜା ତାକୁ ପଚାରିଲେ କଣ ପାଇଁ ତୁମେ ସବୁ ମିଶି ଦେଶରୁ ବିଜୁଳିଖମ୍ବ ଉପାଡିଦେଲ । ସେ ଶ୍ରମିକ କହିଲା, ଆଜ୍ଞା, ଆମକୁ ଓଭରସିଅର ସାହେବ ଆଦେଶ ଦେବାରୁ ଆମେ ସେ କାମ କଲୁ । ଓଭରସିଅର ସାହେବଙ୍କୁ ତୁରନ୍ତ ଡକା ଗଲା । ତାଙ୍କୁ ରାଜା କହିଲେ, ତୁମେ ଏମାନଙ୍କୁ ଖମ୍ବ ଉପାଡିବାକୁ ଆଦେଶ ଦେଇଥିଲ ? ସେ ହଁ ମାରିବାରୁ ରାଜା ପୁନଃ କହିଲେ, ତୁମେ ଜାଣିଥିଲ ଯେ ଆଜି ସେହି ଖମ୍ବରେ କଳାବଜାରୀମାନଙ୍କୁ ଝୁଲା ଯାଇଥାନ୍ତା । ସେ କହିଲେ, ମୁଁ ଜାଣିଥିଲି ହଜୁର । ହେଲେ ଇଂଜିନିୟର ସାହେବ ହୁକୁମ ମାନି ମୁଁ ଆଦେଶ ପ୍ରଦାନ କରିଥିଲି । ତହୁଁ ଇଂଜିନିୟରଙ୍କୁ ଡକା ଗଲା । ସେ କହିଲେ, ଏଥିରେ ମୋର କିଛି ତୃଟି ନାହିଁ ଆଜ୍ଞା..ମୁଁ କେବଳ ସେକ୍ରେଟେରୀଙ୍କ ହୁକୁମ ପାଳନ କରିଛି । ଡକା ହେଲା ସେକ୍ରେଟେରୀଙ୍କୁ । ସବୁ ଶୁଣିସାରି ସେ ରାଜାଙ୍କୁ କହିଲେ, ହଜୁର, ସାରା ଦେଶର ସୁରକ୍ଷାକୁ ଆଖି ଆଗରେ ରଖି ମୁଁ ଏପରି କାମ କରିବା ପାଇଁ ଆଦେଶ ଦେଇଥିଲି ।

ସୁରକ୍ଷା ? କି ପ୍ରକାର ସୁରକ୍ଷା ?

ରାତି ଭିତରେ ଯଦି ଖମ୍ବଗୁଡିକୁ ଉପାଡି ଦିଆ ନ ଯାଇଥାନ୍ତା, ତେବେ ଦେଶର ବହୁତ କ୍ଷୟକ୍ଷତି ହୋଇଥାନ୍ତା ।

କେମିତି ଜାଣିଲ ଦେଶର କ୍ଷୟକ୍ଷତି ହୋଇଥାନ୍ତା ବୋଲି ?

ବିଶେଷଜ୍ଞ କହିଲେ ଆଜ୍ଞା ।




ଅନୁସୃଜନ- ବିନୟ କୁମାର ଦାସ


ସେ କହିଲେ ଆଉ ତୁମେ ବିଶ୍ୱାସ କରିଗଲା ହଉ ତାଙ୍କୁ ଡକା ହେଉ ।

ବିଶେଷଜ୍ଞ ଆସିଲେ । କହିଲେ, ମୁଁ ପରିବେଶ ଆଉ ଭୂମିର ପ୍ରକଂପନ ବିଷୟରେ ଅଧ୍ୟୟନ ଗବେଷଣା କରୁଛି । ମୋ ଗବେଷଣା ରୁ ଜଣାଗଲା ଯେ ଭୂମି ତଳେ ଏବେ ଭୟଙ୍କର ବିଦ୍ୟୁତ ସରବରାହ ହେବାକୁ ଯାଉଛି । ଖମ୍ବ ଦେହରେ ତାହା ସଂଘର୍ଷ ହୋଇଥିଲେ, ସେ ଭୟଙ୍କର ବିଦ୍ୟୁତ ଉପରକୁ ଚାଲିଆସିଥାନ୍ତା ଆଉ ଏମିତି ବିସ୍ଫୋଟ ହୋଇଥାନ୍ତା ଯେ ଦେଶର ବହୁ ଧନଜୀବନ ନଷ୍ଟ ହୋଇ ଯାଇଥାନ୍ତା । ତେଣୁ ଯଥା ସମୟରେ ଉଚିତ ପଦକ୍ଷେପ ନେବାକୁ ମୁଁ ସେମିତି ଆଦେଶ ଦେଇଥିଲି ।

ଜନତା ଏତକ ଶୁଣି ଖୁବ୍ ଆନଂଦିତ ହେଲେ । ସେମାନେ ବିଶେଷଜ୍ଞଙ୍କୁ ଧନ୍ୟବାଦ ଦେବାକୁ ଲାଗିଲେ । ସେମାନେ ଯେ କଳାବଜାରୀଙ୍କୁ ବିଜୁଳିଖମ୍ବରେ ଝୁଲିବା କଥା ପାଇଁ ଆସିଥିଲେ ସେତକ ଭୁଲିଗଲେ । ଏବେ ସେମାନେ ନିରାପଦରେ ରହିପାରିଛନ୍ତି ବୋଲି ରାଜାଙ୍କୁ ନିଜ ନିଜର କୃତଜ୍ଞତା ଜଣାଇ ଘରକୁ ଫେରିଗଲେ । ସେହି ସପ୍ତାହରେ ଏ ବାବଦରେ କାମ କରିଥିବା ପ୍ରତ୍ୟେକଲୋକଙ୍କ ନାମରେ ମୋଟା ଅଙ୍କର ଅର୍ଥରାଶି ବ୍ୟାଙ୍କରେ ଜମା କରାଗଲା ।


♥ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩

## ବହି ଆଲୋଚନା

# ଶବ୍ଦର ବେଗ ଠାରୁ ଆହୁରି ତୀବ୍ର : ନନ୍ଦଦାସର ଆତ୍ମଲିପି (୬)



ଡ. ରାଧାରଂଜନ ପଟ୍ଟନାୟକ



(ପୂର୍ବ ପ୍ରକାଶିତ ଉତ୍ତାରୁ...)

କବି ରତ୍ନାକର ଜଣେ ସ୍ୱାଧୀନ ଚେତା କବି । ସମସ୍ତ ପ୍ରକାର ବାଧା ବନ୍ଧନ କୁ ଅତିକ୍ରମୀ କରିଯିବାର ସତ ସାହସ ଅଛି ତାଙ୍କର ।ଜଣେ ସଚୋଟ ଶବ୍ଦୀ ସବୁକାଳ ରେ ସବୁ ଦେଶ ରେ ସ୍ୱାଧୀନ ଚିନ୍ତାର ଚାରଣ ସ୍ତାବକ . ଓଭୟରକ୍ତରଭୟରଭମର ସଶ୍ୱ ରଶ୍ୱଶ୍ୱରଭଶ୍ୱସବକ୍ଷ ଙ୍ଖବକ୍ଷଙ୍କର ଦ୍ଭଳ କ୍ଷସଶ୍ୱ-ରକ୍ସବଶ୍ୱଙ୍କକ୍ସର .ସମ୍ଭବତଃ ଏଇଥିପାଇଁ କବି ଏମିତି ଏକ କବିତା ର ସର୍ଜନା କରିଛନ୍ତି ।

ପୁଣି ସେଇ ମହା ମୁକ୍ତି ର ଆହ୍ୱାନ -'ମଡ଼ା ଚଣ୍ଡିଆ ଙ୍କ ମାୟା'ରେ ନନ୍ଦଦାସ ସରସ୍ୱତୀଙ୍କୁ ଗୁହାରି କରିଛି -ଠିକ ଶ୍ରୀପଞ୍ଚମୀ ଦିନ ।ସଂସ୍କାର ଓ ସଂସ୍କୃତି କିପରି ବିପନ୍ନ ତାର ଏକ ନଜିର ଦେବାକୁ ଯାଇ କବି କଣ୍ଠର ସ୍ୱୀକାରୋକ୍ତି-'ସଂସ୍କାର ଓ ସଂସ୍କୃତି କୁ ସେମାନଙ୍କର ଭ୍ରୁକ୍ଷେପ ନାହିଁ/ଶବ ର ମେଦ ମାଂସ ଗ୍ରାସ କରିବାକୁ ସେମାନେ ଉଦବିଗ୍ନ ।'

ନନ୍ଦଦାସ ସମାଜ କୁ ଖୁବ ପାଖରୁ ଦେଖିଛନ୍ତି । ପରିବେଶ ଓ ପରିସ୍ଥିତି କୁ ବିଶ୍ଳେଷଣ କରିଛନ୍ତି । କେଉଁଠି ବିପର୍ଯ୍ୟସ୍ତ ହସ୍ତୀନା ପୁର ର କାହାଣୀ ଦେଖିଛନ୍ତି ତ;ପୁଣି କେଉଁଠି 'ଚେନାଏ ହସର ଝଲକ'ଭିତରୁ ଗରିବୀ ଦେଶ ର କୋଣେ ଅନୁକୋଣେ ପରିବ୍ୟାପ୍ତ ଘୋଟାଲା ସମ୍ପର୍କରେ ଜାଣିପାରିଛନ୍ତି ।ସ୍ୱେ ଭେଟି ଛନ୍ତି ଏମିତି ମଣିଷ ମାନଙ୍କୁ ,ଯେଉଁମାଙ୍କର ବାଡିର ବୟସ ରେ ବି ଅବିଶ୍ରାନ୍ତ ପରିଶ୍ରମ କରିଥାନ୍ତି ।ଯେମିତି-'କାହାରିକୁ ଖାତିର ନ କରି ଶୀର୍ଣ୍ଣକାୟ ବୁଢାଟିଏ/ଅବିଶ୍ରାନ୍ତ ପାହାଡ଼ ଖୋଳିବାରେ ମଗ୍ନ ।'ଆଶା ଅଛି ,ଅଛି ପୁଣି ବିଶ୍ୱାସ । ପାହାଡ଼ କାଟି କାଟି ବାଟ ଫିଟାଇବ ଓ ଆବିଷ୍କାର କରିବ ଏକ ଆବିଷ୍କୃତ ଗାଁ ।ବୁଢ଼ା ଏମିତି ନିଷ୍ଠା ଦେଖି ନନ୍ଦ ଦାସ ଓଠରୁ ଉଭରି ଅସିଛି ଚେନାଏ ହସ ।ସ ।ସମ୍ଭବତଃ ଏଇ ହସ ସନ୍ଦେହ ର କିମ୍ୱା ନିଷ୍ଠାବାଦୀ ମନିଷ ସଂକଳ୍ପ ର ।ସାମ୍ପ୍ରତିକ ସମାଜରେ ଲୋକ ଦେଖାଣିଆ ଢଙ୍ଗଢାଙ୍ଗ ଚାଲିଛି । କେଉଁଠି ବି ଶାନ୍ତି ନାହିଁ ।ସମ୍ପର୍କ ରେ ପଡିଛି ଭଙ୍ଗା ।

ନିଜ ଭିତରେ ନିଜକୁ ଦେଖିଛି ନନ୍ଦଦାସ-'ତନ୍ଦ୍ରାରେ ତନ୍ମୟତା:କବିତରେ ।'ନନ୍ଦଦାସ ର ଭୁଲାପଣ ଏବଂ ସବୁଥିରେ ନିର୍ଲିପ୍ତ ଓ ଉଦାସୀନ ଭାବ ବେଶ ପରିଲକ୍ଷିତ । ସେ ବିସ୍ତରି ଯାନ୍ତି ଆକାଶ ପରି ଦିଗଦିଗନ୍ତ ।କଳା ପଟା ର ଛାତିରେ କେତେ କେତେ ଧାଡି ସେ ପଢୁଥାନ୍ତି ।ତମାମ ଭାବନା ଛୁଇଁ ଛୁଇଁ ଯାଏ ତାଙ୍କୁ । ନାନା ଜଞ୍ଜାଳ ଭିତରେ ବି କାବ୍ୟନାୟିକା କୁ ଭୁଲି ପାରି ନାହାନ୍ତି । 'ତୁମେ'ଶବ୍ଦ ଆଉ କିଏ ହୋଇ ପାରେ ଯେ ! କବି କହନ୍ତି-'ଆଖି ବୁଜିଲା ବେଳକୁ ତୁମେ ଆସି/ ଗୋଟା ପଣେ ମୋ ସମ୍ନା ରେ । 'ସେଇ ତୁମେ ପାଲଟି ଯାଇଛି କେତେବେଳେ ଅସୁମାରୀ ଶବ୍ଦ ତ ;ପୁଣି କେତେବେଳେ ଅସୀମ ଅନନ୍ତ ଭାବ ।'

ବୋଧହୁଏ ସଂସାରର ଏଇମିତି ଦୃଶ୍ୟ ଦେଖି ସାରିବା ପରେ ନନ୍ଦ ଦାସ ନିଜର ଆତ୍ମଲିପି ଲେଖିଛନ୍ତି ।

ନନ୍ଦଦାସ । ଅନ୍ୟର ପରାମର୍ଶରେ ବସିଛନ୍ତି ଚୌକି ରେ । କିନ୍ତୁ ପରକ୍ଷଣରେ ବନ୍ଧୁ ମାନେ ପାଲଟି ଯାଇଛନ୍ତି ଶତ୍ରୁ । କିଏ ଚୌକି ଗୋଡ଼ କୁ ଟାଣୁଛି ତ; ପୁଣି କିଏ ଅପପ୍ରଚାର କରୁଛି । ତେଣୁ ନନ୍ଦ ଦାସ କହିଛନ୍ତି- 'ମଣିଷ ମୁଖା ପିନ୍ଧିଥିବା ବନ୍ଧୁମାନଙ୍କ ମୁହଁରୁ /ଖସି ଗଲାଣି ମୁଖା'

ସେ ଦେଖିଛନ୍ତି କେତେ କେତେ ଗୁପ୍ତଚର ସାଜିଛନ୍ତି ପ୍ରହରୀ ।କେତେବେଳେ କେଉଁ ରୂପରେ ଆବିର୍ଭାବ ହୋଇ ଯାନ୍ତି ଦୂତ କିମ୍ୱା ଦଂଶକ ଭାବରେ । କେବଳ ଏତିକି ନୁହେଁ, ଗୋଟେ ମା ପେଟର ଭାଇ ବି ସାଜୁଛି ଭାଗରୀ ।ଆଜି ମହାଭାରତ ର ଅସହାୟ ଅଭିମନ୍ୟୁ ପାଲଟି ଯାଇଛନ୍ତି ନନ୍ଦଦାସ ।

ବୋଧହୁଏ ଏଥିପାଇଁ ନନ୍ଦଦାସ 'ଏ ସ୍ୱପ୍ନାଦେଶ ଅବା ଅଶନି ସଂକେତ 'ବୋଲି ଚିତ୍କାର ଛାଡ଼ିଛନ୍ତି । ତାଙ୍କର ଫୋଟଗ୍ରାଫିକ ଲେନ୍ସ ଏମିତି ଏକ ଦୃଶ୍ୟ ଉପରେ ପଡିଛି,ଯେଉଁଠି ଚାରି ଆଡ଼େ ମାଡ଼ପିଟ । ଧ୍ୱଂସର ତାଣ୍ଡବ, ହତ୍ୟା ର ବିଭୀଷିକା, ନାରୀ ଧର୍ଷଣ, ଉନ୍ନତ ମଣିଷ ମାନଙ୍କର ରକ୍ତ ମୁଖା ହିଂସ୍ରତା -ଏମିତି କେତେକଣ ।

+ + + + + +

ସାଧାରଣ ଆଖିରେ ଯାହା ହୁଏତ ଅଲୋଡ଼ା, ତାହା କବି ପାଇଁ ଅମୂଲମୂଲ । ସେଇ ଶବ୍ଦ ଗୁଡ଼ିକୁ ନିଜ ସୃଜନ ଶକ୍ତି ମାଧ୍ୟମରେ ନାୟନାଭିରାମ କରିଦିଅନ୍ତି । ସେଥିପାଇଁ ତ ତାଙ୍କୁ କୁହାଯାଏ ଦ୍ୱିତୀୟ ଈଶ୍ୱର । କବି କିଛି ଲେଖି ସାରିଲା ପରେ ତାହା ତାର ଇଜମାଇଲ ସମ୍ପତ୍ତି ହୋଇ ରହେନା । ବରଂ ପାଠକର କୋଠ ସମ୍ପତ୍ତି ହୋଇଯାଏ । କବି କେବଳ ମୁଗ୍ଧ ଚକିତ ଆଖିରେ ତାକୁ ଅନାଏ । ନିଜେ ନିଜର ଆରିଷ୍ଟୋଟଲ ବନିଯାଏ । କବି ରତ୍ନାକରଙ୍କ ଏଇ କବିତା ସଂକଳନଟି ପଢ଼ିବା ବେଳେ ମୁଁ ଅନେକତ୍ର ହୋଇଛି ବିଭୋର । ହୋଇଛି ମନ୍ତ୍ରମୁଗ୍ଧ । ମୋତେ ତ ଲାଗିଲା ମୁଁ କବିତା ପଢୁନାହିଁ; ବରଂ ପଢୁଛି ଆତ୍ମ କଥନିକା ଉପନ୍ୟାସର ଗୋଟେ ପରେ ଗୋଟେ ଅଧ୍ୟାୟ । ଶବ୍ଦ ବୈଚିତ୍ର୍ୟର ବହୁ ବର୍ଣ୍ଣବିଭା ଯେମିତି- ମେଘର ପଣତ, ଆତ୍ମାରେ ନିର୍ମାଣ, ଦୁଃଖର ମୂର୍ତ୍ତି, ଭାଷଣର ନିଆଁ, ଆକାଶର ପେଟ, ଭ୍ରାନ୍ତିର ପ୍ରହେଳିକା, ଅନାହତ ସ୍ୱର, ସ୍ମୃତିର ଫସିଲ, ଅହମିକାର ଅନ୍ଧତ୍ୱ, ସ୍ୱପ୍ନର ସଂକଳ୍ପ, ପାଷାଣର ଛାତି, ଶବ୍ଦର ପୂଜାରୀ, ମହାର୍ଘ ଉପଲବ୍ଧି, ତତଲା ଛାତି, ଉଚାଟ ଅନୁଭବ ଆଦି ଦୃଶ୍ୟମାନ ଓ ଅଦୃଶ୍ୟମାନ ଚିତ୍ରକଳ୍ପ (Visible and invisible image) ବେଶ ବାରିହୋଇ ପଡ଼େ ।

ନିଜକୁ ସୃଷ୍ଟି କରିପାରୁଥିବା ମନୀଷା ହିଁ କବି । କବିର କାବ୍ୟ ଜିଜ୍ଞାସା ଓ ଜୀବନାଭୂତି ଭିତରେ ଥାଏ ଭିନ୍ନ ଏକ ମଣିଷ, ଭିନ୍ନ ଏକ ପୃଥିବୀ । ଇଂରେଜ କବି Walt whit man ନିଜ କବିତା ସମ୍ପର୍କରେ କହିବାକୁ ଯାଇ ଉଲ୍ଲେଖ କରିଛନ୍ତି- 'You touch my book and touch a humanbeing.' ଯେମିତି ଓଡ଼ିଆ କବି ସଚ୍ଚି ରାଉତରାୟ ତାଙ୍କ ଲିଖିତ 'ରାଜଜେମା' (ପାଣ୍ଡୁଲିପି)ରେ ସ୍ୱୀକାରୋକ୍ତି ବାଢ଼ିଛନ୍ତି- 'ତୁମେ ମୋର ଛପା ବହି ଯେତେବେଳେ ଛୁଅଁ/ଛୁଅଁ ନୂଆ ମଣିଷର ଛାତି/ ଏଇ ପୃଥିବୀର ସବୁ ମଣିଷର ଜାତି/ ତା'ର ପ୍ରତିଟି ଖବର/ ରୂପ ପାଏ କବିତାରେ ମୋର । 'ଠିକ୍ ସେମିତି କବି ରତ୍ନାକରଙ୍କ ତମାମ କାବ୍ୟସମ୍ଭାର । 'ନନ୍ଦଦାସ ଆତ୍ମଲିପି' କବିତା ସଙ୍କଳନର ସ୍ଥାନିତ କବିତା ଗୁଡ଼ିକ ଆକଳନ କରିସାରିବା ପରେ ମୁଁ ଦେଖିଛି ଶବ୍ଦର ଲାଳିତ୍ୟ ଏବଂ ଅନୁଭୂତିର ତୀବ୍ରତା । Structuralism, post structuralism styistic ର ଗ୍ରେଡବିମ ଉପରେ କବି ରାଉତ କବିତାର ସଦ୍ମ ଠିଆ କରାଇଛନ୍ତି । ଯାହା ପାଠକର ପ୍ରାଣକୁ ଅନାୟସରେ ସ୍ପର୍ଶ କରିପାରେ । ପ୍ରତିଟି କବିତାର ପରିଣତି ବେଶ ଉପଭୋଗ୍ୟ । ତାଙ୍କ କବିତାର ସ୍ୱର ଅଧିକତର ମୁକ୍ତ, ବୈଚିତ୍ର୍ୟମୟ । ଭାବରେ ଯେମିତି ଶବ୍ଦର କାରୁକାର୍ଯ୍ୟରେ ସେମିତି । ଏଥିରେ ନା ଅଛି ପ୍ରତାରଣା ନା ଅଛି ଛଳନା ! ଏକାନ୍ତ ନିଜସ୍ୱ ଅନୁଭୂତିର ଲମ୍ୱା ଇସ୍ତାହାର ।

କବି ରାଉତଙ୍କ କବିତା ସର୍ଜନା ସଂସାରରେ ଉନ୍ନତ ମୂଲ୍ୟବୋଧ (Highervalue of life), ସମାହିତ ସୌନ୍ଦର୍ଯ୍ୟ (serene of beauty), ସର୍ବ ସମ୍ମତ ବିଭବ (intigrity), ପ୍ରାଞ୍ଜଳତା (clarity), ପରିପକ୍ୱତା (maturity), ଗାମ୍ଭିର୍ଯ୍ୟ (gravity) ଆଦି ଉପସର୍ଗ ସ୍ୱଷ୍ଟ ହୋଇଉଠେ । ଆର୍କିଟାଇପ ଦୃଷ୍ଟିରୁ ଭାବ ମଧ୍ୟ ଅତୀବ ମଞ୍ଜୁଳ ରୂପରେ ବର୍ଣ୍ଣିଳ ହୋଇଉଠିଛି । ପ୍ରତିଟି କବିତା ଫୁଲର ଖଣ୍ଡ ଖଣ୍ଡ ପାଖୁଡ଼ାରେ ଶବ୍ଦର ଉଦବୋଧନ ଶୀଳତା (Evocativeness) କବି ରାଉତଙ୍କ ହୃଦୟାବେଗର ତୀବ୍ରତାକୁ ବୁଝାଏ । ଇଂରାଜୀ କବି Robort ଲଏଲଙ୍କ କନଫେସନାଲ ଆଟିଚ୍ୟୁଟ ପରି ଏକ ନିର୍ଦ୍ଦିଷ୍ଟ ଫ୍ରେମ୍‌ରେ ରାଉତଙ୍କ କବିତା । ସୁରକ୍ଷିତ ଉପସଂହାରରେ ଏତିକି ମାତ୍ର କୁହାଯାଇ ପାରେ ହିଗଲେ ଓ ମର୍କ୍ସଙ୍କ ଭଳି ସେ ମଣିଷ ଜୀବନର ନିଃସଙ୍ଗତା, ଏକ୍ଲାପଣକୁ ମାପିଛନ୍ତି । ସିଗମଣ୍ଡ ଫ୍ରଏଡ଼ଙ୍କ ଭଳି ଜଟିଳ ମନସ୍ତତ୍ୱର ବିଶ୍ଳେଷଣ କରି ଆପଣାର ସାରସ୍ୱତ ମନୋଭୂମିରେ ତମାମ ଜଗତକୁ ଦେଖିଛନ୍ତି । ତାଙ୍କ କବିତା ଜୀବନଚର୍ଯ୍ୟାର ମାମୁଲି କାହାଣୀ ନ ହୋଇ ହୋଇଛି ସମର୍ଥ ସାହିତ୍ୟର ଦୁର୍ଜୟ ଇସ୍ତାହାର । ନିର୍ଭୀକ ଉଚ୍ଚାରଣ ଏବଂ କଠୋର ସତ୍ୟର ସତ୍ୟପାଠ କରିଛନ୍ତି କବି । ଭୋକ, ଅଭାବ, ଅନଟନ, ବୈଷମ୍ୟ, ଅନ୍ୟାୟ, ଏକଛତ୍ରବାଦୀ ଶାସନ, କୀଟଦ୍ରଷ୍ଟ ଗଣତନ୍ତ୍ର, ନାରୀ ନିର୍ଯ୍ୟାତନା, ବନ୍ଦୀ ଜୀବନର କଥା ଓ ବ୍ୟଥା, କ୍ଷତ ଓ ରକ୍ତାକ୍ଷରା ଜୀବନ, ବିଶ୍ୱ ଭ୍ରାତୃତ୍ୱ, ସମ୍ପ୍ରଦାୟର ସମଦର୍ଶୀ ଭାବ, ପ୍ରକୃତି ଓ ପରିବେଶ, ଅହଂବାଦୀ ମଣିଷର ବୃଥା ଆସ୍ଫାଳନ, ଆମ ପରମ୍ପରା ଓ ସଂସ୍କୃତି, କର୍ମରେ ବିଶ୍ୱାସ ଆଦି ପ୍ରସଙ୍ଗ ଉପରେ କବି ରାଉତ କବିତାର ମଞ୍ଚ ଉପରକୁ ଓହ୍ଲାଇ ଆସିଛନ୍ତି । କହିଛନ୍ତି ମନର କଥା । ଆଙ୍କିଛନ୍ତି ମଣିଷର ଛବି । ଗଭୀର ଆତ୍ମ ବିଶ୍ୱାସର ପୃଷ୍ଠଭୂମିରେ କବି ଜଗତ ପାଇଁ କବିତାର କୈବଲ୍ୟ ବାଣ୍ଟିଛନ୍ତି । କବି ରାଉତଙ୍କ ରଚିତ 'ନନ୍ଦ ଦାସର ଆତ୍ମଲିପି'ର ପୃଷ୍ଠା ସଂଖ୍ୟା ୧୨୮ । ଏହାର ମୂଲ୍ୟ ମାତ୍ର ୧୧୫ଟଙ୍କା ରଖା ଯାଇଛି । ସୁନ୍ଦର ପ୍ରଚ୍ଛଦ । ବିହ୍ୱଳିତ ହେଲା ପରି କବିତା । ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ ଏଇ କବିତା ସଙ୍କଳନଟି ପଢ଼ିବେ । ଶବ୍ଦର ବର୍ଷାରେ ଭିଜିବେ । ଭାବ ଭାବନାର ଭାବାର୍ଥରେ ମଜିବେ । ମୋର ତ ଦୃଢ଼ ବିଶ୍ୱାସ ଏଇ କବିତା ସଂକଳନଟି ବେଶ ପାଠକୀୟ ଶ୍ରଦ୍ଧା ଲାଭ କରିବ- ଏହା ନିଃସନ୍ଦେହ । (ସମାପ୍ତ)

♥ ସଲଟ ରୋଡ଼, କାଦ୍ରାବାଦ, ବାଲେଶ୍ୱର -୨

---

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

ଭାଗ-୧୦

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ(ଅରୂପ)

♥ ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର, ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

ନଇଁ ନାହିଁ କେବେ ସବୁ ତ ସହିଛି
ସୂର୍ଯ୍ୟଙ୍କୁ ପିଠି କରି
ହାଡୁଆ ଦେହର ନିଗିଡ଼ା ଝାଳରେ
ମୋ' ଗାଆଁ'ର କାରିଗରୀ । ୯୧ ।

ଚୁନା ଚୁନା ସୁନା କାକରରେ ଭାରି
ନହକା ପତ୍ରର ପିଠି
ଚକଚକ ଖରା ଅଳସ ଭାଙ୍ଗୁଛି
ସକାଳୁ ସକାଳୁ ଉଠି । ୯୨ ।

ଯେତେ ଚରିଲେ ବି କାଳଛାଇ ଭଳି
ବିଦେଶିଆ ପଙ୍ଗପାଳ
ଭାଙ୍ଗି ପାରନ୍ତିନି ଗ୍ରାମର ଅନିଷା
ଚାଷୀର ଅମୃତ ଫଳ । ୯୩ ।

ପରମ୍ପରା ଧନ ସଉଧ ଉପରେ
ମୋ' ଗାଆଁ ହୋଇଛି ଛିଡ଼ା
ସଂସ୍କାର ବଜାଏ ପ୍ରେମ ସାହାନାଇ
ଘୃଣା ହୁଏ ବାଟବଣା । ୯୪ ।

ସୂରୁଜ ଗଗନେ ଉଠିବା ଆଗରୁ
ମଙ୍ଗଳ ଆରତୀ ବାଜେ
ମଧୁର ମୁଗଧ ଗ୍ରାମ୍ୟ ହୃଦୟ
ଭକ୍ତି ରସରେ ଭିଜେ । ୯୫ ।

ଅତୀବ ସୁନ୍ଦର ରାତିର ସପନ
ପାଣିରେ ପହଁରେ ଜହ୍ନ
କୁଆଁରୀ ଜହ୍ନର ଆୟୁଷକୁ ମାଗେ
ସତ୍ୟବାଦୀ ପରି ମନ । ୯୬ ।

ଗାଆଁ ଯେବେ ପିନ୍ଧେ ବଉଦର ଶାଢ଼ୀ
ଆକାଶ ଢଙ୍କେଇଦିଏ
ଶୁଖିଲା ପତ୍ରରେ ଘୋଡ଼ା ଛୁଟୁଥାଏ
ମାଟି ଦେହ ଓଦା ହୁଏ । ୯୭ ।

ଛଳନା ରହିତ ଭାଇଚାରା ଏଠି
ଖାଦ ଶୂନ୍ୟ ସୁନା ପରି
ମାଟି ମନ୍ଦିରର ମଣିଷ ପଣିଆ
ସୂର୍ଯ୍ୟକାନ୍ତ ମଣି ସରି । ୯୮ ।

ସେ ମାଟି ରଞ୍ଜାରେ ଡଙ୍କେଇ ଥାଏ
ମମତା ମାଳତୀ ଫୁଲ
ଅଗଣା ଛାତିରେ ପ୍ରେମର ମୁରୁଜ
କିଏ ହେବ ତାର ତୁଲ ? । ୯୯ ।

ଗାଆଁ ଶେଷ ମୁଣ୍ଡ ନୈରତ କୋଣରେ
ବାପାଙ୍କର ଶୁଭ୍ର ସୌଧ
ଏତେ କୋଳାହଳ ଶୀତ କାକରେ ବି
ଭାଙ୍ଗେ ନାହିଁ ତାଙ୍କ ନିଦ । ୧୦୦ ।( କ୍ରମଶଃ)

---



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



# ବମ୍ ତୁଲ୍ ବୁଖାରା



୨୩

ଦୀପକ ରଂଜନ ମିଶ୍ର

## ॥ ଭାଇ ପରମାନନ୍ଦ ॥

ଛାତ୍ର ଜୀବନରୁ ହିଁ ଆର୍ଯ୍ୟ ସମାଜ ପ୍ରତି ଆକୃଷ୍ଟ ହୋଇଥିଲେ ଭାଇ ପରମାନନ୍ଦ । ଭବିଷ୍ୟତରେ ଜଣେ ପ୍ରଚାରକ ଭାବେ ସେ ସାରା ପୃଥିବୀରେ ଆର୍ଯ୍ୟ ସମାଜର ପ୍ରଚାର ପ୍ରସାର କରିବାକୁ ମନେ ମନେ ସ୍ଥିର କରିଥିଲେ । ୧୯୦୨ ମସିହାରେ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ଏମ୍.ଏ. ପରୀକ୍ଷାରେ ପାଶ୍ କରିବା ପରେ ସେ ଲାହୋର ସ୍ଥିତ ଦୟାନନ୍ଦ କଲେଜ୍‌ରେ ଅଧ୍ୟାପନା କରିବା ସହ ଅବସର ସମୟରେ ପଞ୍ଜାବର ବିଭିନ୍ନ ଦୂରଦୁରାନ୍ତର ଗାଁକୁ ଯାଇ ସେଠାରେ ସଭାସମିତିରେ ଭାଷଣ ଦେଇ ଲୋକଙ୍କ ଭିତରେ ସଂସ୍କାର ଆଣିବାକୁ ଚେଷ୍ଟା କରନ୍ତି । ଏଭଳି ତିନିବର୍ଷ ବିତିବା ପରେ ଆଫ୍ରିକାରେ ରହୁଥିବା ଭାରତୀୟମାନଙ୍କ ତରଫରୁ ସେଠାରେ ଯାଇ ପ୍ରଚାର କାର୍ଯ୍ୟ କରିବା ପାଇଁ ତାଙ୍କୁ ନିମନ୍ତ୍ରଣ ଆସେ । ଦୟାନନ୍ଦ କଲେଜ୍‌ରୁ ଛୁଟି ନେଇ ସେ ଆଫ୍ରିକା ଯାଆନ୍ତି । ଡରବାନ୍, ନାଟାଲ୍, ଟ୍ରାନ୍ସବାଲ୍ ତଥା କେପ୍ କଲୋନୀ ଭଳି ଅନେକ ସ୍ଥାନରେ ପ୍ରଚାର କାର୍ଯ୍ୟ ସଫଳତାର ସହ କରି ଦୟାନନ୍ଦ କଲେଜ୍ ପାଇଁ ସେଠାରୁ ଆଠହଜାର ଟଙ୍କା ଚାନ୍ଦା ସଂଗ୍ରହ କରି ଲାହୋର ପଠାଇ ଦିଅନ୍ତି । ଡରବାନ୍‌ରେ ତାଙ୍କର ମହାତ୍ମା ଗାନ୍ଧିଙ୍କ ସହିତ ଭେଟ ହୁଏ । ଜୋହାନ୍ସବର୍ଗ ଠାରେ ଗାନ୍ଧିଙ୍କ ଘରେ ପ୍ରାୟ ମାସେ ରହନ୍ତି ଭାଇ ପରମାନନ୍ଦ । ଗାନ୍ଧୀଙ୍କ ସରଳ ଜୀବନ ତଥା ସତ୍ୟନିଷ୍ଠ ଆଚରଣର ଖୁବ୍ ପ୍ରଭାବ ପଡ଼େ ତାଙ୍କ ଉପରେ । ସେଠାରୁ ସେ ଲଣ୍ଡନ୍ ଯାଆନ୍ତି । ଲର୍ଡ଼ କର୍ଜନ୍‌ଙ୍କ ବଙ୍ଗ ବିଭାଜନ ଯୋଗୁଁ ବଙ୍ଗଳାରେ ଯେଉଁ ଜାଗୃତି ଦେଖା ଦେଇଥିଲା ତାହାର ପ୍ରଭାବ ଲଣ୍ଡନ୍‌ରେ ରହୁଥିବା ଭାରତୀୟ ଛାତ୍ରଙ୍କ ଉପରେ ମଧ୍ୟ ପଡ଼ିଥାଏ । ଶ୍ୟାମଜୀ କୃଷ୍ଣବର୍ମାଙ୍କ 'ଇଣ୍ଡିଆ ହାଉସ୍'ରେ ଭାରତୀୟ ଛାତ୍ରମାନେ ରହିବା ସହ ଭାରତୀୟଙ୍କ ଭିତରେ ଜାଗରଣ ଆଣିବା ପାଇଁ ପ୍ରୟାସରତ ଥାଆନ୍ତି । ସେଠାରେ ସାବରକର ତଥା ହରଦୟାଲଙ୍କ ସହିତ ଭାଇ ପରମାନନ୍ଦଙ୍କ ଭେଟ ହୁଏ ।

ଇଣ୍ଡିଆ ହାଉସ୍‌ରେ ରହି ସେ ଅକ୍ସଫୋର୍ଡ଼ ତଥା କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟକୁ ଯାଆନ୍ତି । ସେଠିକାର ଲାଇବ୍ରେରୀରେ ଥିବା ବହିପତ୍ର ତାଙ୍କୁ ଖୁବ୍ ଆକୃଷ୍ଟ କରେ । ସେଠାରେ ବର୍ଷେ ଦୁଇବର୍ଷ ରହି ସେ ଭାରତର ଇତିହାସ ଉପରେ ଗଭୀର ଅଧ୍ୟୟନ କରିବାକୁ ମନ ବଳାନ୍ତି । ଯେତିକି ବି ଇତିହାସ ଲେଖା ହୋଇଛି ସବୁରି ମୂଳରେ କିଛି ବିଶେଷ ଉଦ୍ଦେଶ୍ୟ ନିହିତ । ଭାରତବାସୀଙ୍କୁ ସବୁଠୁ ତୁଚ୍ଛ ମନେ କରାହୋଇଛି । ତାଙ୍କର ପରିସ୍ଥିତି ତଥା ଉନ୍ନତି ଅବନତିର କାରଣ ଇତ୍ୟାଦିକୁ ଜାଣିବୁଝି ଅଣଦେଖା କରି ବିଜେତାଙ୍କ ଚରିତ୍ର ଓ ବୀରତାର ଗାଥାକୁ ହିଁ ବର୍ଣ୍ଣନା କରି ତାକୁ ଭାରତର ଇତିହାସ ନାମରେ ନାମିତ କରାହୋଇଛି । ଏଇ ଧାରାରେ ପରିବର୍ତ୍ତନ ନିହାତି ଆବଶ୍ୟକ ମନେକରି ସେ ବିଶ୍ୱବିଦ୍ୟାଳୟ ତଥା ବ୍ରିଟିଶ୍ ମ୍ୟୁଜିୟମ୍‌ର ଲାଇବ୍ରେରୀରେ ସବୁ କାଗଜପତ୍ର ତଥା ବହି ଖେଳାଇ ଭାରତୀୟ ଇତିହାସ ଉପରେ ଗଭୀର ଗବେଷଣା କରିବାକୁ ଲାଗନ୍ତି । ଦେଢ଼ବର୍ଷ କଠୋର ପରିଶ୍ରମ ପରେ ଭାରତବର୍ଷର ଏକ ନିରପେକ୍ଷ ଇତିହାସ ପୁସ୍ତକ ପାଇଁ ସାମଗ୍ରୀ ଏକତ୍ର କରିବା ସହ ଲଣ୍ଡନ୍‌ରେ ଏମ୍.ଏ. ଡିଗ୍ରୀ ପାଇଁ 'ଭାରତରେ ବ୍ରିଟିଶ୍ ରାଜ୍ୟର ଅଭ୍ୟୁଦୟ' ନାମକ ବିଷୟ ଉପରେ ନିବନ୍ଧଟିଏ ଲେଖି ସେଠିକାର କିଙ୍ଗସ୍ କଲେଜ୍‌ରେ ଦାଖଲ କରନ୍ତି । ଦୁଇଜଣ ଆଙ୍ଗ୍ଲୋ ଇଣ୍ଡିଆନ୍ ପରୀକ୍ଷକ ତାଙ୍କ ନିବନ୍ଧକୁ ନାକଚ୍ କରିଦେବାରୁ ସେଠାରେ ପଢ଼ିବା ଆଉ ସମ୍ଭବ ହୋଇ ପାରେନି । ଏଣେ ଭାରତୀୟଙ୍କ ବିଦ୍ରୋହର ଆଶଂକା କରି ଲାଲା ଲଜ୍‌ପତ୍ ରାୟ ତଥା ଅଜିତ୍ ସିଂହଙ୍କୁ ଗିରଫ୍ କରି ବର୍ମାରେ ନଜରବନ୍ଦ କରି ରଖାଯାଏ । ଲଜ୍‌ପତ୍ ରାୟଙ୍କ ସହିତ ଭାଇ ପରମାନନ୍ଦଙ୍କର ଥିଲା ଖୁବ୍ ଘନିଷ୍ଠ ସମ୍ପର୍କ । ଦେଶର ସ୍ଥିତି ବିଷୟରେ ନିୟମିତ ପତ୍ର ମାଧ୍ୟମରେ ସେ ସୂଚନା ଦେଉଥିଲେ । ସେଇଥି ପାଇଁ ପରମାନନ୍ଦ ମଧ୍ୟ ଇଂରେଜ୍‌ଙ୍କ ସନ୍ଦେହ ଘେରକୁ ଆସିଯାଆନ୍ତି । ତାଙ୍କ ସମସ୍ତ ଗତିବିଧି ଉପରେ ନଜର ରଖିବା ଆରମ୍ଭ ହୁଏ । ସେଠାରେ ସ୍ୱଚ୍ଛନ୍ଦ ବିଚରଣରେ ବାଧା ହେବାର ଲକ୍ଷ୍ୟ କରି ଭାଇ ପରମାନନ୍ଦ ସ୍ୱଦେଶକୁ ଫେରିଆସି ନିଜ ଅଧ୍ୟାପନା କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ବିଚାର କରି ଲାହୋର ଫେରିଆସନ୍ତି । ତାଙ୍କର ଇଚ୍ଛା ଥାଏ ଦୟାନନ୍ଦ କଲେଜ୍, ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ସ୍ୱତନ୍ତ୍ର ହୋଇ ଆପଣା ଶିକ୍ଷା ପ୍ରଣାଳୀରେ ପରିବର୍ତ୍ତନ କରୁ । ଶିକ୍ଷାର ମାଧ୍ୟମ ଆମ ନିଜ ମାତୃଭାଷା ହେଉ । ଏସବୁ ପାଇଁ ଅଧିକ ଅର୍ଥର ପ୍ରୟୋଜନ ଥିବାରୁ ସେ ପୁନଃ ପ୍ରଚାର କାର୍ଯ୍ୟ କରିବାକୁ ବର୍ମା ଯାଇ ବିଭିନ୍ନ ସଭା ସମିତିରେ ଉଦ୍‌ବୋଧନ ଦେଇ ସେଠାରୁ କଲେଜ ପାଇଁ ଆଠ/ନଅ ହଜାର ଟଙ୍କା ଚାନ୍ଦା ସଂଗ୍ରହ କରି ଲାହୋର ଫେରନ୍ତି । ହେଲେ ଦୁର୍ଭାଗ୍ୟକୁ ସେଇଦିନ ରାତିରେ ହିଁ ତାଙ୍କ ଘରୁ ଚୋରୀ ହୋଇଯାଏ । ଜିନିଷପତ୍ର, ପଇସା ସହ ଭାରତର ଇତିହାସ ରଚନା ପାଇଁ ସେ ଯେଉଁ ସାମଗ୍ରୀ ଏକତ୍ରିତ କରିଥିଲେ ସେ ସବୁ ବି ନେଇଯାଏ ଚୋର । ଏତେ କଠିନ ପରିଶ୍ରମ କରି ଲେଖିଥିବା ନୋଟ ଗୁଡ଼ିକ ଚୋରୀ ହୋଇଯିବା ଥିଲା ତାଙ୍କ ପାଇଁ ଏକ ଶକ୍ତ ଧକ୍କା । ଯାହାର ଆଉ କେବେ ଭରଣା ହେବା ସମ୍ଭବ ନୁହେଁ । ମଣିଷ ଜୀବନ ବି ବିଚିତ୍ର । ସେ କଳ୍ପନା କରେ ଏକ ପ୍ରକାର କିନ୍ତୁ ବିଧିର ବିଧାନ ଥାଏ କିଛି ଭିନ୍ନ ।



ବର୍ଷେ ଲାହୋରରେ ରହିବା ପରେ ପୁଣି ସେ ଦକ୍ଷିଣ ଭାରତକୁ ଯାଆନ୍ତି ପ୍ରଚାର କାର୍ଯ୍ୟରେ । ଗଲାବେଳେ ନିଜ ଜିନିଷପତ୍ର ଜଣେ ବନ୍ଧୁଙ୍କ ପାଖରେ ରଖିଦେଇ ଭଡ଼ାଘରଟିକୁ ଛାଡ଼ି ଦେଇଥାନ୍ତି । ସେଇ ଘରଟିକୁ ଭଗତସିଂହଙ୍କ ବାପା ସରଦାର କିଶନ୍‌ସିଂହ ତଥା କାକା ସରଦାର ଅଜିତ୍‌ସିଂହ ଭଡ଼ାରେ ନେଇ ସେଇଠି 'ଭାରତମାତା' ସୋସାଇଟିର ମୁଖ୍ୟ କାର୍ଯ୍ୟାଳୟ ବନାନ୍ତି । ପୋଲିସ୍ ଅଜିତ୍‌ସିଂହଙ୍କୁ ଗିରଫ୍ କରିବାକୁ ଯୋଜନା କରୁଥିବାରୁ ସେ ଛଦ୍ମବେଶରେ ଦେଶ ଛାଡ଼ି ପଳାୟନ କରନ୍ତି ତାଙ୍କ ବନ୍ଧୁ ସୁଫି ଅମ୍ବାପ୍ରସାଦଙ୍କ ସହ । ପୋଲିସ୍‌ର ନଜର ସବୁବେଳେ ସେଇ ଘର ଉପରେ ଥିବାଯୋଗୁଁ କିଶନ୍‌ସିଂହ ଆଉ ସେଇ ଘରେ ରହିବାକୁ ଚାହାଁନ୍ତିନି । ଏଇ ସମୟରେ ଭାଇ ପରମାନନ୍ଦ ଲାହୋର ଫେରିଆସି ରହିବା ପାଇଁ ଘର ଖୋଜୁଥିବାରୁ ତାଙ୍କୁ ସେଠାରେ ରହିବାକୁ କହି ଚାବିକାଠି ଦେଇ ଦିଅନ୍ତି । ସେତେବେଳେ କିନ୍ତୁ ଏଇ ଦୁଇଭାଇଙ୍କ ଜିନିଷପତ୍ର ସହିତ ଭାରତମାତା ସୋସାଇଟିର ଅନେକ କାଗଜପତ୍ର ଥାଏ ସେଇଘରେ । ପୋଲିସ୍ ଅଜିତ୍‌ସିଂହଙ୍କୁ ଗିରଫ୍ କରିବା ପାଇଁ ସବୁବେଳେ ଛକି ବସିଥାଏ । ଭାଇ ପରମାନନ୍ଦ ସେଇ ଘରେ ଆସି ରହିବାରୁ ସେ ମଧ୍ୟ ସନ୍ଦେହର ଘେରକୁ ଆସିଯାଆନ୍ତି । ଦିନେ ହଠାତ୍ ଘର ଉପରେ ଚଢ଼ାଉ କରେ ପୋଲିସ୍ । ଖାନ୍‌ତଲାସ୍ ବେଳେ ଘରୁ ଅନେକ ଆପତ୍ତିଜନକ କାଗଜପତ୍ର ବାହାରେ । ଭାଇ ପରମାନନ୍ଦ ଯେତେ ସଫେଇ ଦେଇ ଏସବୁ କାଗଜପତ୍ର ତାଙ୍କର ନୁହେଁ ତଥା ଭାରତମାତା ସୋସାଇଟି ସହିତ ବି ଆଦୌ ସମ୍ପୃକ୍ତି ନଥିବା କଥା କହିଲେ ବି ତାଙ୍କ କଥାକୁ ପୋଲିସ୍ ଅଫିସର ବିଶ୍ୱାସ କରନ୍ତି ନାହିଁ । ପ୍ରାୟ ମାସେ ପର୍ଯ୍ୟନ୍ତ ତାଙ୍କ ଗତିବିଧି ଉପରେ ନଜର ରଖିବା ପରେ ତାଙ୍କୁ ଗିରଫ୍ କରାଯାଏ । ପରମାନନ୍ଦ ମୂଳରୁ ସରକାର ବିରୋଧୀ କାର୍ଯ୍ୟରେ ଲିପ୍ତ ରହିଛନ୍ତି ବୋଲି ତାଙ୍କ ଉପରେ ଆରୋପ ଲଗାଯାଇଥାଏ । ବର୍ମା, ମାଡ୍ରାସ୍ ତଥା ଆଫ୍ରିକାରେ ବିଭିନ୍ନ ସଭାସମିତିରେ ସେ ସରକାର ବିରୋଧି ଭାଷଣ ଦେଇ ଲୋକଙ୍କୁ ଉତ୍ତେଜିତ କରିବାକୁ ପ୍ରୟାସ କରୁଥିଲେ । କେତେଜଣ ସାକ୍ଷୀଙ୍କୁ ମଧ୍ୟ ତାଙ୍କ ବିରୁଦ୍ଧରେ ସାକ୍ଷ୍ୟ ଦେବାପାଇଁ ପ୍ରସ୍ତୁତ କରାଯାଇଥାଏ । ଶେଷକୁ ଏହା ନିଷ୍ପତ୍ତି ହୁଏ ଯେ ଆଗାମୀ ତିନିବର୍ଷ ପାଇଁ ସେ ଶାନ୍ତିରକ୍ଷାର ଜମାନତ ଦେବେ ନହେଲେ ତାଙ୍କୁ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ । ଆପଣା ଆଦର୍ଶକୁ ତ୍ୟାଗ କରିବା ପରିବର୍ତ୍ତେ ଜେଲ୍ ଯିବାକୁ ପ୍ରସ୍ତୁତ ଥିଲେ ସୁଦ୍ଧା ବନ୍ଧୁମାନଙ୍କ ପରାମର୍ଶ କ୍ରମେ ସେ ଶାନ୍ତିରକ୍ଷାର ଜମାନତ ଦେବାକୁ ରାଜି ହୋଇଯାଆନ୍ତି । ସେତେବେଳେ ଜେଲ୍ ଚାଲିଯାଇଥିଲେ କିନ୍ତୁ ତାଙ୍କୁ ଦ୍ୱିତୀୟବାର ଗିରଫ୍ ହୋଇ କଳାପାଣି ଦଣ୍ଡ ଭୋଗିବାକୁ ପଡ଼ି ନଥାନ୍ତା । ହେଲେ ଯାହା ବିଧିର ବିଧାନ ତାକୁ କିଏ ବା ଅଟକାଇ ପାରିବ ।

କଲେଜ୍‌ର ଚାକିରି ଛାଡ଼ି ଦେଇଥିବାରୁ ଲାହୋରରେ ରହିବା ଆଉ ଆବଶ୍ୟକ ହୁଏନି । ଚାରିମାସ ଯାଇ ଗାଁରେ ରହନ୍ତି । ହେଲେ ଚୁପ୍‌ଚାପ୍ କେତେଦିନ ରହିବେ ? ଧୀରେ ଧୀରେ ବିରକ୍ତି ଭାବ ମନକୁ ଆବୋରି ବସେ । କିଛି ଗୋଟେ କରିବା ଦରକାର । ନହେଲେ ମଣିଷ ବଞ୍ଚିବ କେମିତି ଯେ ? ଫାର୍ମାସୀଟିଏ କଲେ ଭାରି ଭଲ ହୁଅନ୍ତା । ପଶ୍ଚିମ ଦେଶମାନଙ୍କ ଠାରୁ ଔଷଧ ନିର୍ମାଣର ଜ୍ଞାନ କୌଶଳ ଶିଖି ଦେଶରେ ଔଷଧ ତିଆରି କାରଖାନାଟିଏ କଲେ ଦେଶବାସୀ ଉପକୃତ ହେବେ । ସେଇ ଲକ୍ଷ୍ୟରେ ଭାଇ ପରମାନନ୍ଦ ଆମେରିକା ଯିବାକୁ ନିଷ୍ପତ୍ତି କରନ୍ତି । ହେଲେ ସେଠାରେ ଯାଇ ପହଞ୍ଚିଲା ବେଳେ ଶିକ୍ଷାବର୍ଷ ଅନେକ ଦିନରୁ ଆରମ୍ଭ ହୋଇଯାଇଥିବାରୁ ଏଡ଼ମିଶନ୍ ନେବା ସମ୍ଭବ ହୁଏନି । ତାଙ୍କୁ ଆହୁରି ସାତ ଆଠମାସ ଅପେକ୍ଷା କରିବାକୁ କୁହାଯାଏ । ସେ ଆମେରିକାରେ ନରହି ସେଇ ସମୟ ଟିକକ ବ୍ରିଟିଶ୍ ଗୁଆନା ଆଦି ଦ୍ୱୀପରେ ବୁଲାବୁଲି କରିବାକୁ ଭାବନ୍ତି । ଛ'ଦିନର ଜଳଯାତ୍ରାପରେ ଜାହାଜ ଯାଇ ମାର୍ଟିନିକ୍ ଦ୍ୱୀପରେ ଲାଗେ । ଲାଲା ହରଦୟାଲ ପେରିସ୍ ଛାଡ଼ି ସେତେବେଳେ ମାଟିନିକ୍ ଦ୍ୱୀପରେ ରହୁଥିବା କଥା ପରମାନନ୍ଦ ଜାଣିଥାନ୍ତି । ତେଣୁ ସେ ସେଠାରେ ଓହ୍ଲାଇ ହରଦୟାଲଙ୍କ ବିଷୟରେ ପଚରାଉଚୁରା କରନ୍ତି । ଜଣେ ନିଗ୍ରୋ କୁଲି ଅଳ୍ପ ଅଳ୍ପ ଇଂରାଜୀ ଜାଣିଥାଏ । ସେ ତାଙ୍କୁ ହରଦୟାଲ ରହୁଥିବା ଘରକୁ ନେଇଯାଏ । ହରଦୟାଲ ସେତେବେଳେ ପାଖ ପର୍ବତକୁ ତପସ୍ୟା କରିବା ଉଦ୍ଦେଶ୍ୟରେ ଯାଇଥାନ୍ତି । ତାଙ୍କୁ ଡାକିବା ପାଇଁ ଜଣକୁ ପଠାଯାଏ । ଭାରତରୁ କିଏ ତାଙ୍କୁ ଖୋଜିବା ପାଇଁ ଏଠାକୁ ଆସିଛି ଭାବି ସେ ବ୍ୟସ୍ତ ହୋଇ ଘରକୁ ଫେରି ତାଙ୍କ ଘନିଷ୍ଠ ବନ୍ଧୁଙ୍କୁ ଦେଖି ଖୁବ୍ ଖୁସି ହୋଇ ଯାଆନ୍ତି । ବନ୍ଦରକୁ ଯାଇ ଜାହାଜରୁ ଜିନିଷପତ୍ର ନେଇ ଆସନ୍ତି ଦୁଇ ବନ୍ଧୁ । ସେଠାରେ ମାସେ ରହନ୍ତି ପରମାନନ୍ଦ । ହରଦୟାଲ ଗୋଟିଏ ନୂଆଁ ଧର୍ମ ପ୍ରଚାର କରିବାର ଲକ୍ଷ୍ୟ ରଖିଛନ୍ତି ବୋଲି କହନ୍ତି । ପରମାନନ୍ଦ ତାଙ୍କୁ ଅନେକ ବୁଝାନ୍ତି ହାବାର୍ଡ଼ ବିଶ୍ୱବିଦ୍ୟାଳୟରେ ଯାଇ ଅଧ୍ୟାପନା କରିବାକୁ । ମାସେ ପରେ ସେ ଯାଆନ୍ତି ବ୍ରିଟିଶ୍ ଗୁଆନା । ସେଠାରେ ଥିବା ପ୍ରବାସୀ ଭାରତୀୟଙ୍କୁ ଏକଜୁଟ୍ କରି ଆର୍ଯ୍ୟସମାଜର ପ୍ରଚାର ପ୍ରସାର କରନ୍ତି । କିଛିମାସ ଭିତରେ ସେଠାକାର ପରିସ୍ଥିତିରେ ଘୋର ପରିବର୍ତ୍ତନ ଆସେ । ଲୋକେ ଚାହୁଁଥାନ୍ତି ସେ ସବୁଦିନ ଲାଗି ସେଠାରେ ରହିଯାଆନ୍ତୁ ବୋଲି । ହେଲେ ଆମେରିକାରେ ଏଣେ ନୂତନ ଶିକ୍ଷା ବର୍ଷ ଆରମ୍ଭ ହେବାକୁ ଥିବାରୁ ପରମାନନ୍ଦ ସେଠାରୁ ଚାଲିଆସି ସାନ୍‌ଫ୍ରାନ୍‌ସିସ୍‌କୋ କଲେଜ୍‌ରେ ଛାତ୍ର ଭାବରେ ଯୋଗ ଦିଅନ୍ତି । ଲାଲା ହରଦୟାଲ ମଧ୍ୟ ହୋନୋଲୁଲୁରୁ ଫେରିଆସି ଷ୍ଟେନ୍‌ଫୋର୍ଡ଼ ବିଶ୍ୱବିଦ୍ୟାଳୟରେ ବନିଯାଆନ୍ତି ଦର୍ଶନଶାସ୍ତ୍ରର ପ୍ରଫେସର । ଦୁଇ ବନ୍ଧୁ ପ୍ରାୟ ସାକ୍ଷାତ ସମୟରେ ବିଭିନ୍ନ ଗୁଢ଼ ବିଷୟ ଉପରେ ବିଚାର ଆଲୋଚନା କରନ୍ତି । ଆସ୍ତେ ଆସ୍ତେ ଲାଲା ହରଦୟାଲଙ୍କ ମୁଣ୍ଡରେ ଗଦର ପାର୍ଟିର ପରିକଳ୍ପନା ରୂପ ନେବାକୁ ଲାଗେ । ଏଇ ଭିତରେ ୧୯୧୩ ମସିହାରେ ପରମାନନ୍ଦଙ୍କ ଶିକ୍ଷା ସମାପ୍ତ ହେବାରୁ ସେ ଦେଶକୁ ଫେରିଆସିବାକୁ ସ୍ଥିର କରନ୍ତି । ଆସିଲା ବେଳେ ଆପଣା ଔଷଧ କାରଖାନା ପାଇଁ କିଛି ରସାୟନ ତଥା ମେସିନ୍ କିଣିବା ଉଦ୍ଦେଶ୍ୟରେ ସେ ଲଣ୍ଡନ ବାଟ ଦେଇ ଆସନ୍ତି । ଆମେରିକାରୁ ଆସୁଥିବାରୁ ଲଣ୍ଡନ୍ ପୋଲିସ୍ ତାଙ୍କ ଉପରେ ସବୁବେଳେ ନଜର ରଖେ ଓ ଲାହୋର ପହଞ୍ଚିବା ପରେ ତାଙ୍କୁ ପୁଣିଥରେ ଗିରଫ୍ କରାଯାଏ । ଔଷଧ ତିଆରି ପାଇଁ ସାଙ୍ଗରେ ଆଣିଥିବା ବିଭିନ୍ନ ରସାୟନକୁ ବିସ୍ଫୋରକ ସାମଗ୍ରୀ ନିର୍ମାଣ ପାଇଁ ବୋଲି ସନ୍ଦେହ କରାଯାଏ । ତାଙ୍କୁ ନେଇ ଗଦର କ୍ରାନ୍ତିର ଅଭିଯୁକ୍ତ ମାନଙ୍କ ସହିତ ଜେଲ୍‌ରେ ରଖି ତାଙ୍କ ନାଁରେ ବି କେଶ୍ ଚାଲେ ।

ଭାଇ ପରମାନନ୍ଦଙ୍କୁ ଗଦର କ୍ରାନ୍ତିର ମୁଖ୍ୟ ନେତା ବୋଲି ବ୍ରିଟିଶ୍ ସରକାର ଭାବୁଥିଲେ । ଆମେରିକାରେ ସବୁ ଯୋଜନା ପ୍ରସ୍ତୁତ କରି ସେ ଭାରତ ଆସିଛନ୍ତି । କିନ୍ତୁ ତାହା ପ୍ରକୃତରେ ସତ ନଥିଲା । ଗଦର ଆନ୍ଦୋଳନ ପାଇଁ ଯୋଜନା ହେବାର ବର୍ଷେ ପୂର୍ବରୁ ସେ ଆମେରିକା ଛାଡ଼ି ସାରିଥିଲେ । ସେଇ ବିଷୟରେ କାହା ସହିତ ତାଙ୍କର କେବେ ପତ୍ର ଆଦାନ ପ୍ରଦାନ ମଧ୍ୟ ହୋଇ ନଥିଲା । ତାଙ୍କୁ ପ୍ରଥମ ଲାହୋର ଷଡ଼ଯନ୍ତ୍ର କେଶ୍‌ର ଜଣେ ମୁଖ୍ୟ ଅଭିଯୁକ୍ତ ଭାବେ ଗିରଫ୍ କରି ହାଜତ୍‌ରେ ରଖାଯାଏ । ତାଙ୍କ ବିରୁଦ୍ଧରେ ସରକାର ଶତଚେଷ୍ଟା କରି ବି କୌଣସି ପ୍ରମାଣ ଯୋଗାଡ଼ କରି ପାରନ୍ତି ନାହିଁ । ତେବେ ମୁଖ୍ୟ ପ୍ରଶ୍ନ ଏଇଠି ଜଣକ ମନରେ ଉଠିବା ସ୍ୱାଭାବିକ୍ ଯେ ଭାଇ ପରମାନନ୍ଦଙ୍କୁ ଦୋଷୀ ବୋଲି ପ୍ରମାଣିତ କରି ଫାଶୀଦଣ୍ଡରେ ଦଣ୍ଡିତ କରିବାକୁ ନିଷ୍ପତ୍ତି ନିଆଯାଏ କେମିତି ?

ଆମେରିକାରେ ଥରେ ହାତରେ ଆଘାତ ଲାଗିବାରୁ ଚିକିତ୍ସା ପାଇଁ ଗୋଟେ ଔଷଧ ଦୋକାନକୁ ଯାଇଥିବା ବେଳେ ସେଇଠି ତାଙ୍କର ସାକ୍ଷାତ ହୁଏ ଭାଇ ପରମାନନ୍ଦଙ୍କ ସହିତ । ସେଦିନ ରାତିରେ ସରାଭା ସେଇଠି ତାଙ୍କ ସହିତ ରହିଯାଆନ୍ତି । ଭାଇ ପରମାନନ୍ଦ ଦଶମଗୁରୁ ଗୋବିନ୍ଦସିଂହଙ୍କ ବିଷୟରେ ବିସ୍ତାରରେ ବର୍ଣ୍ଣନା କରି ତାଙ୍କ ଭିତରେ ସ୍ୱଦେଶ ପ୍ରୀତି ତଥା ଆତ୍ମବିଶ୍ୱାସ ଜଗାଇବାକୁ ଚେଷ୍ଟା କରନ୍ତି । ସେଇ ଗୋଟିଏ ରାତିର କଥାବାର୍ତ୍ତାରେ ଗଭୀର ଭାବେ ପ୍ରଭାବିତ ହୋଇ କରତାରସିଂହ ମାତୃଭୂମିର ସେବା କରିବା ଉଦ୍ଦେଶ୍ୟରେ ଗଦର ପାର୍ଟିରେ ଯୋଗ ଦିଅନ୍ତି । ଭାରତ ଆସି ମୁଖ୍ୟ ସଂଯୋଜକର ଭୂମିକା ନେଇ କ୍ରାନ୍ତି ପାଇଁ ସମସ୍ତ ବନ୍ଦୋବସ୍ତ କରନ୍ତି । ସେତେବେଳକୁ ତାଙ୍କ ବୟସ ମାତ୍ର ୧୯ ବର୍ଷ । ସ୍ୱଭାବରେ ଖୁବ୍ ମଜାକିଆ ଥିଲେ କରତାର । ତାଙ୍କ କଥାକୁ ସହଯୋଗୀମାନେ ସେତେଟା ଗୁରୁତ୍ୱ ନଦେଲେ ସେ ସବୁବେଳେ କହୁଥିଲେ ତାହା ତାଙ୍କୁ ଭାଇ ପରମାନନ୍ଦ କରିବା ପାଇଁ କହିଛନ୍ତି ବୋଲି । ଏହାଦ୍ୱାରା କଥାଟିର ଗୁରୁତ୍ୱ ଖୁବ୍ ବୃଦ୍ଧି ପାଉଥିଲା । ସମସ୍ତେ ସେଇ କାମ କରିବାକୁ ଆଗେଇ ଯାଉଥିଲେ । ବାରମ୍ବାର ଭାଇ ପରମାନନ୍ଦଙ୍କ ନାଁ ନେଉଥିବାରୁ ସାଥୀମାନଙ୍କ ଦୃଢ଼ ଧାରଣା ଥିଲା ଯେ ପରମାନନ୍ଦ ହିଁ କରତାରଙ୍କ ଦ୍ୱାରା ସବୁକିଛି କରାଉଛନ୍ତି । ସେଇକଥା ନବାବ୍ ଖାନ୍, କୃପାଲ ସିଂହ ଆଦି ରାଜସାକ୍ଷୀ କୋର୍ଟରେ ମଧ୍ୟ କହନ୍ତି । ତାଙ୍କରି ସାକ୍ଷ୍ୟକୁ ଆଧାର କରି କୌଣସି ପ୍ରମାଣ ନଥିଲେ ସୁଦ୍ଧା ଭାଇ ପରମାନନ୍ଦଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବାକୁ ନିଷ୍ପତ୍ତି ନିଆଯାଏ । ପଛକୁ ତାହା ଆଜୀବନ କାରାବାସରେ ପରିବର୍ତ୍ତିତ ହୁଏ ଓ ତାଙ୍କୁ ପଠାଇ ଦିଆଯାଏ କଳାପାଣି । ମାନବ ସମାଜର ଆଧ୍ୟାତ୍ମିକ ଉନ୍ନତି ଚାହୁଁଥିବା ଜଣେ ଆର୍ଯ୍ୟ ସମାଜର ପ୍ରଚାରକ ଶେଷକୁ ଯାଇ ପହଞ୍ଚି ଯାଆନ୍ତି ସେଲ୍ୟୁଲାର ଜେଲ୍‌ର କାଳ କୋଠରୀ ଭିତରେ । ଫାର୍ମାସୀରେ ଆମେରିକାରୁ ଯାଇ ଉଚ୍ଚଶିକ୍ଷା ଲାଭକରି ମଧ୍ୟ ଭାରତରେ ଔଷଧ କାରଖାନାଟିଏ ବସାଇବାର ଲକ୍ଷ୍ୟ ସବୁଦିନ ପାଇଁ ଅପୂର୍ଣ୍ଣ ରହିଯାଏ । ଜେଲ୍‌ର ଯନ୍ତ୍ରଣା ତାଙ୍କୁ ଗୋଟାପଣେ ଭାଙ୍ଗିଦିଏ । ନଖାଇ ନପିଇ ଶୁଖି ଶୁଖି ଦେହତ୍ୟାଗ କରିବାକୁ ଅଡ଼ି ବସିଥିବା ବେଳେ ବିନାୟକ ତାଙ୍କୁ ବୁଝାଇ ସୁଝାଇ ତାଙ୍କ ମନ ପରିବର୍ତ୍ତନ କରିବାରେ ସଫଳ ହୁଅନ୍ତି । ତେବେ କେମିତି ଥିଲା ତାଙ୍କ କଳାପାଣିର ଜୀବନ ? ପରବର୍ତ୍ତୀ ଅଧ୍ୟାୟରେ...... (କ୍ରମଶଃ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୫ ମଇ, ୨୦୨୨

ପୃଷ୍ଠା ୬ ରବିବାର ଚୟନ ସାପ୍ତାହିକ କ୍ରୋଡ଼ପତ୍ର

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

ସାମ୍ପ୍ରତିକୀ

# ସାହିତ୍ୟ ଓ ବୟନକଳା

## ମଣୀନ୍ଦ୍ର କୁମାର ମେହେର



ମଣିଷ ଯେଉଁଦିନଠାରୁ ସଚେତନ ହେଲା ସ୍ୱଶରୀରକୁ ଆଚ୍ଛାଦନ କରିବା ପାଇଁ, ସେଦିନଠାରୁ ବୟନକଳାର କଳ୍ପନା ଉଦ୍ରେକ ହୋଇଛି ତା' ମନରେ । କପାଚାଷ କରି ତୁଳା ଉତ୍ପାଦନ କରିବା ଓ ସେଥିରୁ ବସ୍ତ୍ର ପ୍ରସ୍ତୁତ କରିବାର କଳା ସେ ଆୟତ୍ତ କରିଛି ଚେତନାର କ୍ରମବିକାଶ ଧାରାରେ । ଏହି ହସ୍ତକଳା କିପରି ଭାବରେ ସୁବିକଶିତ ରୂପ ଲାଭ କରିଛି ତାହା ଦେଖିଲେ ବିସ୍ମିତ ହେବାକୁ ପଡ଼ିଥାଏ । ପୁରୁଷ ଓ ନାରୀ ଉଭୟଙ୍କ ନିମନ୍ତେ ସ୍ୱତନ୍ତ୍ର ସ୍ୱତନ୍ତ୍ର ପ୍ରକାରର ବସ୍ତ୍ର ବୟନ କରି ତନ୍ତଶିଳ୍ପୀ ଯେଉଁ ପ୍ରତିଭାର ପରିଚୟ ପ୍ରଦାନ କରିପାରିଛି, ତାହା ମାନବ-ସଭ୍ୟତାର ଏକ ଶ୍ରେଷ୍ଠ ସଫଳତା । ଏତେ ସୂକ୍ଷ୍ମବସ୍ତ୍ର ବୟନ କରିବାରେ ଶିଳ୍ପୀ ନିଜ ଦକ୍ଷତାର ପରିଚୟ ଦେଇଛି, ଯାହାର ଭିନ୍ନ ଭିନ୍ନ ରୂପରେଖ ଦେଖିବାକୁ ମିଳେ ପ୍ରତ୍ୟେକ ଦେଶ ପ୍ରଦେଶ ଓ ଅଞ୍ଚଳ ମଧ୍ୟରେ ।

ତେବେ ଆଜି ଉକ୍ତ ବୟନ-ପରମ୍ପରାର ଯେଉଁ ବୈଚିତ୍ର୍ୟ ଲକ୍ଷ୍ୟକରି ଆମେ ବିସ୍ମିତ ଓ ଆନନ୍ଦିତ ହେଉଛୁ, ତାହା ଶତଶତ ବର୍ଷର ନିରବଚ୍ଛିନ୍ନ ତପସ୍ୟାର ଚରମ ଅଭିବ୍ୟକ୍ତି । ଏ ପ୍ରସଙ୍ଗରେ ଯଦିଓ ବିଭିନ୍ନ ଆଞ୍ଚଳିକ ସ୍ଥାନର ବିଶେଷତ୍ୱକୁ ବର୍ଣ୍ଣନା କରାଯାଇପାରେ; ଏଠାରେ ସମ୍ବଲପୁରୀ ବସ୍ତ୍ରର ସୁଷମା ଅବତାରଣା ଏକାନ୍ତ ଆକର୍ଷଣୀୟ ଓ ଯୁକ୍ତିସଙ୍ଗତ । ସମ୍ବଲପୁରୀ ବସ୍ତ୍ରର ଚାହିଦା ଓ ରୁଚି-ସମ୍ପନ୍ନତାକୁ ଅନୁଧ୍ୟାନ କରିବାର ଯେ ନିଶ୍ଚୟ ଆବଶ୍ୟକ, ଏହା କହିବା ନିଷ୍ପ୍ରୟୋଜନ । ଏହି ସମ୍ବଲପୁରୀ ବୟନକଳା ବିକଶିତ ହୋଇ ଉଠିଛି ଅସଂଖ୍ୟ ସଚେତନ ଶିଳ୍ପୀଙ୍କ ଉଲ୍ଲେଖଯୋଗ୍ୟ ଯୋଗଦାନ ଦ୍ୱାରା । ପୁରୁଷ ପରିଧାନ କରୁଥିବା ବସ୍ତ୍ରଠାରୁ ନାରୀ ଅଙ୍ଗକୁ ଆଚ୍ଛାଦିତ କରି ରଖୁଥିବା ବସ୍ତ୍ର ଯେ ଅଧିକ କାରୁକାର୍ଯ୍ୟମୟ, ତାହା କିଏ ବା ନଜାଣେ ? ବିଭିନ୍ନ ରଂଗର ଶାଢ଼ୀ ପ୍ରସ୍ତୁତ କରିବାରେ ଶିଳ୍ପୀର ଯେଉଁ ସୌନ୍ଦର୍ଯ୍ୟ-ଚେତନା ସୁବିକଶିତ ହୋଇଉଠିଛି, ତାହା ସାହିତ୍ୟ-ସମ୍ବନ୍ଧିତ ନିଶ୍ଚିତ ଭାବରେ ।

ପ୍ରଥମ ବିଷୟ ହେଲା କଳ୍ପନାର ଯାଦୁକରୀ । ଜଣେ କବିର କବିତା କଳ୍ପନା ଦ୍ୱାରା ଯେପରି ସୌନ୍ଦର୍ଯ୍ୟ ବିମଣ୍ଡିତ ହୋଇଥାଏ, ହସ୍ତତନ୍ତ ଶିଳ୍ପୀର କଳ୍ପନାର ଡେଣା ତଦ୍ରୂପ ଶକ୍ତିଶାଳୀ । ପୁନଶ୍ଚ ନିଜସ୍ୱ କଳ୍ପନାକୁ ରୂପାୟିତ କରିବା ନିମନ୍ତେ ସାହିତ୍ୟ ଶିଳ୍ପୀ ଯେପରି ଆନ୍ତରିକତା ପ୍ରଦର୍ଶନ କରେ ଠିକ୍ ସେହିପରି ବୟନ ଶିଳ୍ପୀଟିଏ ମଧ୍ୟ ନିଜ ମସ୍ତିଷ୍କ-ସଂଜାତ କଳ୍ପନା-ପ୍ରବଣତା ଦ୍ୱାରା ବସ୍ତ୍ର ବୟନ ଶିଳ୍ପକୁ ଠିକ୍ ସେହିପରି ସୁଷମାମଣ୍ଡିତ କରିଦେଇଥାଏ । ବିଭିନ୍ନ ପ୍ରକାରର ଫଳପତ୍ର, ଜୀବଜନ୍ତୁ, ପଶୁପକ୍ଷୀ, ମଣିଷ-ଏହାର ଚିତ୍ର ପ୍ରସ୍ଫୁଟନ କରି ଶାଢ଼ୀ ମଧ୍ୟରେ ପ୍ରତିଭାର ଯେଉଁ ପ୍ରଲେପ ଶିଳ୍ପୀ ପ୍ରଦାନ କରେ ତାହା ଦର୍ଶକ ଭିତରେ ସୃଷ୍ଟି କରିପାରେ ଏକ କାବ୍ୟିକ ଅନୁଭବ ।

କେବଳ ନିଜର ବ୍ୟବସାୟ ବାଣିଜ୍ୟ ସକାଶେ ଅର୍ଥଉପାର୍ଜନ ପାଇଁ ଯେଉଁମାନେ ଏହିକଳା ସହିତ ସମ୍ବନ୍ଧିତ, ସେମାନେ ସାହିତ୍ୟିକଭାବ ଦ୍ୱାରା ନିଜ ଅଜାଣତରେ ମଧ୍ୟ ଉଦ୍‌ବୁଦ୍ଧ ହୋଇଥାନ୍ତି । ଏହା ବ୍ୟତୀତ ଏପରି ଅନେକ ସଚେତନଶିଳ୍ପୀ ଅର୍ଥ ଉପାର୍ଜନ ଉଦ୍ଦେଶ୍ୟରେ କେବଳ ନୁହେଁ; ନିଜର କଳା ପ୍ରାଣତାର ନିଦର୍ଶନ ପ୍ରଦାନ କରିବା ନିମିତ୍ତ ସୃଷ୍ଟି କରନ୍ତି ଅସଂଖ୍ୟ ବସ୍ତ୍ର, ଯାହା ଭିନ୍ନ ଭିନ୍ନ ସୁରୁଚିର ଉଚ୍ଚାଙ୍ଗ ପରିଚିତ । କାରଣ ଜଣେ କବି ପ୍ରକୃତିକୁ ଦେଖି ଯେପରି ବିଭୋର ହୋଇଯାଏ, ଠିକ୍ ସେହିପରି ବୟନଶିଳ୍ପୀ ପ୍ରକୃତି-ସଂଦର୍ଶନ କରି ସମଭାବରେ ହୋଇଥାଏ ଭାବବିହ୍ୱଳ । ଏହି ବସ୍ତ୍ରଗୁଡ଼ିକ ଉପରେ ଚିତ୍ରିତ ବୃକ୍ଷଲତା, ନଦୀ, ପର୍ବତ ମଧ୍ୟ କଥା କହିଥାନ୍ତି । କେବଳ ଶୁଣିଲା ଲୋକର ସେହି ଶ୍ରବଣ ଶକ୍ତି ଥିବା ଆବଶ୍ୟକ । ଦ୍ୱିତୀୟ କଥା ହେଲା ଉଚ୍ଚକୋଟୀର ସାହିତ୍ୟ ସର୍ଜନା ସର୍ବଦା ଜୀବନକୁ କଳାବିମଣ୍ଡିତ କରିବା ସଂଗେ ସଂଗେ ଜୀବନ ପାଇଁ ସଂରକ୍ଷିତ କରି ରଖିଦେଇଥାଏ ଏକ ମହାନ ବାର୍ତ୍ତା । ଏହି ସନ୍ଦେଶ-ଚ୍ୟୁତ ସାହିତ୍ୟ କଦାପି ଅର୍ଥପୂର୍ଣ୍ଣ ମନେ ନହେବା ଯେପରି ସ୍ୱାଭାବିକ, ସେହିପରି ବସ୍ତ୍ରକଳାର ବ୍ୟବହାର ଉପଯୋଗୀ ହେବାର ଆବଶ୍ୟକତା ରହିଥିବା ସହିତ ଜୀବନ ପାଇଁ ଏକ ମହାନ ବାର୍ତ୍ତା ସେଠାରେ ଅନୁଗୁମ୍ଫିତ ହୋଇରହିଥାଏ । କାବ୍ୟ କବିତାର ନାମକରଣ ଯେପରି ଅଲୌକିକ ପ୍ରତିଭାର ଉଦ୍ଭାସନ, ଠିକ୍ ସେହିପରି ପ୍ରତ୍ୟେକ ବସ୍ତ୍ରର ନାମକରଣରେ ଫୁଟିଉଠେ ଏକ କଳାତ୍ମକ ଆବେଦନ । ଶାଢ଼ୀଗୁଡ଼ିକର ନାମର ଦୃଷ୍ଟାନ୍ତ ହେଉଛି 'ବିଚିତ୍ରା', 'ମୃଗନୟନୀ', 'ତପସ୍ୱିନୀ', 'ଅନୁରାଧା', 'ଅନସୂୟା', 'ପରୀ' ଆଦି । କାବ୍ୟଗୁଡ଼ିକ ଯେପରି ନାୟିକାମାନଙ୍କ ସୁମଧୁର ନାମଦ୍ୱାରା ନାମିତ ହେବାର ପରମ୍ପରା ରହିଆସିଛି ସେପରି ଭାବରେ ଏହି ଶାଢ଼ି ଗୁଡ଼ିକର ନାମକରଣ ମଧ୍ୟ କରାଯାଇଛି କାବ୍ୟିକ-ପ୍ରବେଗର ପରିଚୟ ପ୍ରଦାନ କରି ।

ଯେଉଁ ବୟନଶିଳ୍ପୀମାନେ କାବ୍ୟକବିତା ପୁରାଣ ପ୍ରସିଦ୍ଧ ସାହିତ୍ୟକୃତୀ ଅଧ୍ୟୟନରେ ଆଗ୍ରହୀ, ସେମାନେ ନିଜ କଳାକୃତି ମଧ୍ୟରେ ଜୀବନ ସକାଶେ ସଂଯୋଜିତ କରିଦେଇଥା'ନ୍ତି ଏକଏକ ପବିତ୍ର ସନ୍ଦେଶ । ଯେଉଁ ଫୁଲପତ୍ର ପକ୍ଷୀକୁଳ ସେଥିରେ ଚିତ୍ରିତ, ତାହା ଏକଏକ ପ୍ରତୀକ ଭାବରେ ପ୍ରଯୁକ୍ତ ହୋଇଥା'ନ୍ତି ଶିଳ୍ପୀର ସଚେତନ ସାଧନା ଦ୍ୱାରା । ଆଧୁନିକ କବିତାରେ ଯେପରି ପ୍ରତୀକ ଚିତ୍ରକଳ୍ପ ମିଥ୍ ଚେତନାର ବ୍ୟବହାର ଏକାନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ, ସେହିପରି ବୟନ ଶୀଳ୍ପୀର କୃତିରେ ମଧ୍ୟ ପ୍ରତୀକାତ୍ମକ ପରିବେଷଣ ସର୍ବଦା ହୋଇଥାଏ ଅଧିକ ଭାବପୂର୍ଣ୍ଣ । ବର୍ତ୍ତମାନ ନାରୀ ଓ ପୁରୁଷଙ୍କ ପରିଧାନ ବ୍ୟତୀତ ଏପରି ଅନେକ ସ୍ୱତନ୍ତ୍ର କଳାକୃତି ପ୍ରସ୍ତୁତ ହେଉଛି, ଯାହା ପ୍ରାଚୀରକୁ ପରିଶୋଭିତ କରିବା ପାଇଁ ଉଦ୍ଦିଷ୍ଟ । ପଦ୍ମଶ୍ରୀ ଶିଳ୍ପଗୁରୁ କୁଞ୍ଜବିହାରୀ ମେହେରଙ୍କ ନିର୍ମିତ ଗାନ୍ଧୀଜୀ କେ ଅବଦାନ, ଷ୍ଟେଚ୍ୟୁ ଅଫ୍ ଲିବର୍ଟ, ବିଦ୍ୟାଦାତ୍ରୀ ମା' ସରସ୍ୱତୀ, ବୁଦ୍ଧଂ ଶରଣଂ ଗଚ୍ଛାମି, ସ୍ୱଭାବ କବି ଗଙ୍ଗାଧର ମେହେର ଆଦି ୱାଲ ହ୍ୟାଙ୍ଗିଙ୍ଗ ପ୍ରସିଦ୍ଧ ଅର୍ଜନ କରିଛି । ଅନ୍ୟତମ ପଦ୍ମଶ୍ରୀ ଓ ଶିଳ୍ପଗୁରୁ ସମ୍ମାନପ୍ରାପ୍ତ ଡ. ଚତୁର୍ଭୁଜ ମେହେର ଶାଢ଼ୀରେ କେବଳ ପ୍ରାକୃତିକ ଚିତ୍ର ପ୍ରସ୍ଫୁଟନ କରିବାରେ ସନ୍ତୁଷ୍ଟ ନୁହନ୍ତି । ଏହାକୁ ସ୍ୱର୍ଣ୍ଣିମ ସ୍ୱର୍ଶରେ ଅଳଂକୃତ କରିବାର ଯେଉଁ ପ୍ରୟାସ କରିଛନ୍ତି, ତାହା ସୁପ୍ରସିଦ୍ଧ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟଙ୍କ ପାଇଁ ମଧ୍ୟ ଆକର୍ଷଣୀୟ ପରିଧାନ ଭାବରେ ପରିଗୃହିତ ହୋଇଛି । ଗୋଟିଏ ଗୋଟିଏ ଶାଢ଼ୀର ନିର୍ମାଣ ସମୟ ବର୍ଷାଧିକ ବୋଲି ଜଣାପଡ଼ିଥାଏ । କେତେ ସୂକ୍ଷ୍ମ କାରୁକାର୍ଯ୍ୟ ବିମଣ୍ଡିତ ହେଲେ ଏଥିପାଇଁ ବର୍ଷବର୍ଷ ସମୟ ଅତିକ୍ରାନ୍ତ ହୋଇପାରେ ତାହା ଏଥିରୁ ଅନୁମେୟ । ବର୍ତ୍ତମାନ ଆଉ ଅନେକ ଶିଳ୍ପୀ ଏପରି ଦୁର୍ଲ୍ଲଭ ବାର୍ତ୍ତା ସମ୍ବଳିତ କଳାକୃତି ପ୍ରସ୍ତୁତ କରୁଛନ୍ତି ଯାହାଦ୍ୱାରା ସେମାନେ ଦେଶବିଦେଶର ବହୁ ସମ୍ମାନ ଦ୍ୱାରା ଆଦୃତ । ଆମେରିକା ରୁଷିଆ, ଜର୍ମାନ୍, ଜାପାନ, ଚୀନ ପ୍ରଭୃତି ବିଭିନ୍ନ ଉନ୍ନତ ରାଷ୍ଟ୍ରକୁ ଆମନ୍ତ୍ରିତ ହୋଇ ସେମାନେ ନିଜସ୍ୱ କଳା ପ୍ରଦର୍ଶନ ଅବ୍ୟାହତ ରଖି ପାରିଛନ୍ତି । ବିଂଶ ଶତାବ୍ଦୀର ଷଷ୍ଠ ଦଶକ ଆଡ଼କୁ ବିଶିଷ୍ଟ ବାନ୍ଧଶିଳ୍ପୀ ରାଧାଶ୍ୟାମ ମେହେର, ଯିଏ ସମ୍ବଲପୁରର ବିଶିଷ୍ଟ କୃତି ସନ୍ତାନ, ସେ ହିଁ ହେଉଛନ୍ତି ଏହି ସମ୍ବଲପୁରୀ ବସ୍ତ୍ରକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାର ଶ୍ରେଷ୍ଠନାୟକ । ସେ ସମୟର ସୁପ୍ରସିଦ୍ଧ ଚଳଚ୍ଚିତ୍ର ଅଭିନେତ୍ରୀମାନେ ତାଙ୍କ ନିର୍ମିତ ବସ୍ତ୍ର ପରିଧାନ କରିବାର ପ୍ରମାଣ ରହିଛି । ସେହିପରି ପଣ୍ଡିତ ଜବାହରଲାଲ ନେହେରୁଙ୍କଠାରୁ ଆରମ୍ଭ କରି ଜାତୀୟସ୍ତରରେ ବହୁବିଶିଷ୍ଟ କୃତି ସନ୍ତାନ ତାଙ୍କ କଳାର ଉଚ୍ଚ ପ୍ରଶଂସା କରିଯାଇଛନ୍ତି ।

ଓଡ଼ିଶାର ବିଶିଷ୍ଟ କବି ବ୍ରଜନାଥ ରଥ ବରପାଲି ପରିଦର୍ଶନ କରିବା ପରେ ଲେଖିଥିଲେ ଏକ ଏକପଦୀ କବିତା । ତାହାକୁ ଏଠାରେ ଉଦ୍ଧାର କଲେ ସାହିତ୍ୟ ଓ ବୟନଶିଳ୍ପର ସାଦୃଶ୍ୟକୁ ଯେକେହି ଅନୁଭବ କରିପାରିବେ ।

ଏଠାରେ ଧୂଳିମାଟି / ହୋଇଛି ମଧୁମୟ
ଗୋଟିଏ ଲେଖନୀର ଗାରେ,
ଏଠାରେ କଳପନା/ ରଙ୍ଗ ବୋଲି ହୋଇ
କୋଟିଏ ସୂତାଖିଏ ଝରେ ।

ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଅମୃତ ଲେଖନୀ ବଳରେ ବରପାଲିର ପ୍ରତିଟି ଧୂଳିକଣା ସାହିତ୍ୟ ଭାବପୂର୍ଣ୍ଣ ଏବଂ ବୟନ ଶିଳ୍ପୀଙ୍କ କଳ୍ପନାର ରଙ୍ଗରେ ଅଜସ୍ର ତନ୍ତ କଳାକୃତି ଏହି ଭୂମିକୁ କରିଦେଇଛି ଅନୁପମ । ଅର୍ଥାତ୍ କବିର ମଧୁସିକ୍ତ ଚେତନା ଓ ବୟନଶିଳ୍ପୀର ନିରବଚ୍ଛିନ୍ନ ସାଧନା ମଧ୍ୟରେ ରହିଛି ଯେଉଁ ସମାନ ମୂର୍ଚ୍ଛନା ତାହାର ଏକ ଶ୍ରେଷ୍ଠ ସଂକେତ ହେଉଛି ଉଦ୍ଧୃତ ପଦଟି । ସ୍ୱଭାବକବି ଗଙ୍ଗାଧର ମେହେର ନିଜେ ଥିଲେ ଜଣେ ସାର୍ଥକ ବୟନଶିଳ୍ପୀ । ତାଙ୍କ ଦ୍ୱାରା ପ୍ରସ୍ତୁତ ବସ୍ତ୍ର କିପରି ସୁଚିକ୍କଣ ବା ମସୃଣ ଓ ଆକର୍ଷଣୀୟ ଥିଲା ତାହା କବିପୁତ୍ର ଭଗବାନ ମେହେରଙ୍କ ରଚିତ 'ପିତୃପ୍ରସଙ୍ଗ' ଗ୍ରନ୍ଥରୁ ପ୍ରମାଣିତ ହୋଇଥାଏ ।

ଭାରତବର୍ଷର ଏକାଧିକ ମହାନ ସାହିତ୍ୟ ସାଧକ ବୟନକଳା ସହିତ ଥିଲେ ସଂଯୁକ୍ତ । ସନ୍ଥକବୀର ଜାତିରେ ଥିଲେ ଝୋଲିଆ । ଯେପରି ଗଙ୍ଗାଧର ହେଉଛନ୍ତି ଭୁଲିଆ । ସେହିପରି ସନ୍ଥକବି ତିରୁଭଲ୍ଲୁଭର, ଯିଏ 'ତିରୁକୁରାଳ' ରଚନା କରି ପୃଥିବୀ ବିଖ୍ୟାତ ହୋଇଛନ୍ତି । ସେ ମଧ୍ୟ ତନ୍ତ ଚାଳନାରେ ଥିଲେ ସୁଦକ୍ଷ । ଆଉ ଏକ ଉଲ୍ଲେଖନୀୟ କଥା ହେଉଛି ତନ୍ତ ଶିଳ୍ପୀମାନେ ଯେତେବେଳେ ସୁପ୍ରସିଦ୍ଧ ପଂକ୍ତି ଗାୟନ କରି ଅପୂର୍ବ ସଂଗୀତମୟ ପରିବେଶ ସୃଷ୍ଟି କରିଥା'ନ୍ତି ତନ୍ତଶାଳାରେ । ସ୍ୱଭାବକବି ଗଙ୍ଗାଧର ମେହେର ମଧ୍ୟ ନିଜ ଯୌବନ କାଳରେ ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତସିଂହାର ପ୍ରମୁଖଙ୍କ କାବ୍ୟକବିତା ଆବୃତ୍ତି କରି ବସ୍ତ୍ରବୟନ କରୁଥିଲେ, ତାଙ୍କୁ କୁହାଯାଏ 'ରଙ୍ଗାଜୀବ ଗଙ୍ଗାଧର' । ଅର୍ଥାତ୍ ରଙ୍ଗ ଯାହାର ଜୀବିକା ସେ ହେଉଛନ୍ତି 'ରଙ୍ଗାଜୀବ' । ଏହି ରଙ୍ଗାଜୀବମାନଙ୍କ ସରଳତା ନିରୀହତା ଉତ୍ସର୍ଗୀକୃତ ମନୋଭାବ ସାହିତ୍ୟ ଶିଳ୍ପୀର ବ୍ୟକ୍ତିତ୍ୱ ସହିତ ସାମଞ୍ଜସ୍ୟ ରକ୍ଷା କରିଆସିଛି ।

କେବଳ ସୂତାବସ୍ତ୍ର ନୁହେଁ, କୋଷାବସ୍ତ୍ର ବୟନରେ ମଧ୍ୟ ପ୍ରସିଦ୍ଧି ଅର୍ଜନ କରିଛି ପଶ୍ଚିମ ଓଡ଼ିଶା । କୁଷ୍ଟା ଜାତିର ଶିଳ୍ପୀମାନେ ଏହି କୌଶେୟ ବସ୍ତ୍ର ବୟନ କରିଥା'ନ୍ତି ଯେଉଁଠୁ ମଠା ବାପ୍ତା ଆଦି ବସ୍ତ୍ର ନିର୍ମିତ ହୋଇଥାଏ । ପୁନଶ୍ଚ ସଂପ୍ରତି ଏହି ବସ୍ତ୍ରମାନଙ୍କ ଉପରେ ଶ୍ରେଷ୍ଠ କାବ୍ୟ ପଙ୍‌କ୍ତିଗୁଡ଼ିକ ପରିଶୋଭିତ ହେବା ଦ୍ୱାରା ତାହାର ସାହିତ୍ୟିକ ଆବେଦନ ବୃଦ୍ଧିଲାଭ କରିଛି । ଉଭୟ ବୟନଶିଳ୍ପୀ ଓ ସାହିତ୍ୟ ଶିଳ୍ପୀର ପ୍ରାଣାବେଗରେ ଯେଉଁ ସୃଜନଶୀଳତାର ଆଲୋକ ବିଦ୍ୟମାନ ତାହା ନିଶ୍ଚିତ ଭାବରେ ଏକ ମହନୀୟ ସମ୍ମିଳନ ।

❤ ପ୍ରଫେସର ଓ ବିଭାଗମୁଖ୍ୟ
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ, (ଓଡ଼ିଆ, ଇଂରାଜୀ ଓ ଉର୍ଦ୍ଦୁ)
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର-୮୯

## ସ୍ମୃତି ଶତଦଳ ୨୪୧

# ଷ୍ଟେଥୋସ୍କୋପ ନୁହେଁ ସେ ଅମୃତର ଯନ୍ତ୍ର

## ଡା. ସରୋଜିନୀ ଷଡଙ୍ଗୀ

❤ ଲିଙ୍କରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭



(ପୂର୍ବ ପ୍ରକାଶିତ ଉତ୍ତାରୁ)

'ନାନୀ, ଘଣ୍ଟାଏ ହେଲାଣି ଆସିଲୁଣି ଚା' କାହିଁ, ଆପଣଙ୍କ ଚା' ଗୁଣ୍ଡ କ'ଣ ଆସାମରୁ ଆସୁଛି ? ଏକଥା ଶୁଣି ଆମ କ୍ଲିନିକ୍ ରେ ଯେତେଜଣ ଥିଲେ ସମସ୍ତେ ହସି ହସି ଗଡିଗଲେ । ଏହା ଥିଲା ଜଣେ ନିମନ୍ତ୍ରିତ ଅତିଥି ଡାକ୍ତର ଦମ୍ପତିଙ୍କର କଥା । ସେ ସମୟରେ ହସପିଟାଲରୁ ଆସି ସାରା ଦିନ ରୋଗୀ ଦେଖୁ ଦେଖୁ ରାତି ହୋଇ ଯାଉଥିଲା । ଆମ ପାଇଁ କାହାଘରକୁ ନିମନ୍ତ୍ରିତ ଅତିଥି ହୋଇ ଯିବା, କିଛି ସମୟ କଥାବାର୍ତ୍ତା କରିବା ବା' କାହାକୁ ନିମନ୍ତ୍ରଣ କରି ଘରକୁ ଡାକି ସଂଧ୍ୟାରେ କିଛି ସମୟବିତାଇବା କେବେବି ସମ୍ଭବ ହୋଇ ପାରୁନଥିଲା । ତେଣୁ ଉପରୋକ୍ତ ମନ୍ତବ୍ୟଟି ସେଇ ଡାକ୍ତରଙ୍କର ଥିଲା ।

ସାମାଜିକ କର୍ତ୍ତବ୍ୟକୁ ପ୍ରଥମ ସ୍ଥାନ ଦେଇଥିବାରୁ ଆମେମାନେ କେବେବି ସାମାଜିକ ପ୍ରାଣୀ ହୋଇପାରିନଥିଲୁ, ତେଣୁ ଆମ ପଛରେ ଅନ୍ୟମାନେ 'ଅସାମାଜିକ' ବୋଲି ଷ୍ଟାମ୍ପ ଲଗାଇ ଦିଅନ୍ତି । ଏମିତି ଥରେ ଜଣେ ଡାକ୍ତର ଦମ୍ପତି ଆମ ଅତିଥି ହୋଇଥିଲେ କିନ୍ତୁ ମୁଁ ସଂଧ୍ୟାବେଳକୁ ରୋଗୀ ଭିତରେ ରହିଲି, ଆଉ ଆଖି ଉଠାଇ ଅନାଇ ପାରିଲି ନାହିଁ । ଆଗରୁ ଆମ ଘରେ କେହି ନାଁ କେହି ଭଲ କୁକ ଥାନ୍ତି । ସେମାନେ ଆଖି ପିଛୁଳାକେ ସବୁ ପ୍ରସ୍ତୁତ କରି ଦିଅନ୍ତି, କିନ୍ତୁ ଏଥରର କୁକଟି ହିଁ ପୁରା ନୂଆ । ତେଣୁ ମୁଁ ଭାବିଥିଲି ମୁଁ ସବୁ କରି ଦେବି । ଏପଟେ ପୁଅଝିଅଙ୍କୁବି କହିଥିଲି, 'ତୁମେ ପଢୁଥାଅ, ମୁଁ ନିଜେ ଆଜି ଚିକେନ କରିଦେବି' ଅଥଚ ରୋଗୀ ମେଳରେ ମୋର ଆଖି ଉଠାଇ ଚାହିଁବା ମଧ୍ୟ ଅସମ୍ଭବ ହୋଇ ପଡିଥିଲା । ଆଉ ଥରଟିଏ ଅତି ଏମର୍ଜେନ୍ସି ପରିସ୍ଥିତିରେ ବେକରେ ଷ୍ଟେଥୋସ୍କୋପ ପକାଇ ଭାତ ଗାଳୁଥିଲି ତ' ରମାରମଣ ଦେଖି କହିଲେ କୋଉ ଦିନ ପୋଡି ହୋଇଯିବ ।' ତେଣୁ ତରବରରେ ଆଉ କିଛି କାମ କରିବା ସମ୍ଭବ ନଥିଲା ।

ଅଗତ୍ୟା ରାତି ୮ଟା ବେଳକୁ ଡାକ୍ତର ଦମ୍ପତି ପହଞ୍ଚି ଗଲେ । ମୁଁ ନିଜେ ଚା କରି ଦେବି କ'ଣ ଡେରି ହୋଇଗଲା । ତେଣୁ ଅନାଡି କୁକକୁ କହିଲି ଦିଅ ତୁମେ ସବୁ କରିଦିଅ, ଖାଲି ଚିକେନକୁ ଛାଡି, ମୁଁ ଟିକେ ରୋଗୀ ଦେଖି ଯାଉଛି । ରାତି ସାଢେ ନଅଟା ବେଳକୁ ପୁଅକୁ ନିଦ ଲାଗୁଥିଲା । ଶେଷରେ ପୁଅ ମତେ ଖୁବ୍ ମଧୁର ସ୍ୱରରେ କହିଲା 'ମା ଚିକେନ ରାନ୍ଧିବା ଜିଦ୍ ଛାଡିଦିଅ, ଆଉ ଦିନେ ଆମ ପାଇଁ ରାନ୍ଧି ଦେବ । ଆଜି କୁକ୍ ଆମ ପାଇଁ ରାନ୍ଧି ଦେଉ ।' ସେଦିନ ସେ କୁକର ରନ୍ଧା ଆମେ ଓ ଅତିଥିମାନେ ଖାଇଲୁ । ତା'ପରେ କାହାକୁ ଡିନର ବା' ଲଞ୍ଚ ପାଇଁ ନିମନ୍ତ୍ରଣ କଲେ, ଆଗ ଦେଖେଁ, କେମିତି ପୂଜାରୀ ସବୁ କରିପାରିବ । ଥରେ ଥରେ ପ୍ରଥମାଷ୍ଟମୀ ପାଇଁ ସବୁ ଜିନିଷ ପ୍ରସ୍ତୁତ କରି ମଧ୍ୟ ଡେଲିଭରି ପାଇଁ ବା' ଏମର୍ଜେନ୍ସି ଅପରେସନ ପାଇଁ ଘଣ୍ଟା ଘଣ୍ଟା ଲେବର ରୁମରେ ବସି ରହିବାକୁ ପଡିଥାଏ ଏବଂ ଘରକୁ ଆସି ଆମେ ଦୁହେଁ ହଳଦୀ ପତ୍ରରେ ଏକାଠି ଏଣ୍ଡୁରି ପିଠା କରୁ । ଆମ ପଡୋଶୀ ଡାକ୍ତରାଣୀ ପ୍ରଭାସ ଅପା କୁହନ୍ତି, 'ସମବାୟ ସମିତି ଜରିଆ ରେ କେମିତି ପିଠା ହେଉଛି, ତୁମ ଘରେ ଦେଖିବା କଥା ।' ରମାରମଣ ମତେ ଡିନର ପାଇଁ ଲେବର ରୁମରୁ ନେବାକୁ ଆସିବାବେଳେ, ତିନି ଚାରୋଟି ଅପରେସନ କେସ ପଡିଯାଏ ଏବଂ ସେ ଲେବର ରୁମରେ ବସି ଅନେକ ସିରିୟସ କେଶ ଚିକିତ୍ସା ମଧ୍ୟ କରି ଦେଇ ଥାନ୍ତି । କିନ୍ତୁ ଏଭଳି ପରିସ୍ଥିତିରେ ଆମେ କେବେହେଲେ ଆମ ପ୍ରଫେସନକୁ ଦୋଷ ଦେଇନାହୁଁ ।

ବହୁତ ଡାକ୍ତର ମଧ୍ୟ କହିଥାନ୍ତି 'ଆଜ୍ଞା ଏ ମେଡିକାଲ ପାଠକୁ ଜୁହାର । ଆମେ ସାରା ଜୀବନ ଏଥିରେ ବ୍ୟସ୍ତ ରହିଲୁଣି ତେଣୁ ଆମ ପିଲାମାନଙ୍କୁ କେବେହେଲେ ଡାକ୍ତର ହେବାପାଇଁ ପ୍ରେରଣା ଦେବୁ ନାହିଁ । 'ଏନଫ ଇଜ ଏନଫ, ଆଉ ମେଡିକାଲ ପ୍ରଫେସନ ଜମା ନୁହେଁ, ପିଲାମାନେ ଡାକ୍ତର ନହୋଇ ଅନ୍ୟ କିଛି ପ୍ରଫେସନ କଲେ ବରଂ ଶାନ୍ତିରେ ରହିବେ ।'

କିନ୍ତୁ ମୁଁ ଓ ରମାରମଣ ଯେତେ ବ୍ୟସ୍ତ ରହିଲେ ମଧ୍ୟ ସବୁବେଳେ ଡାକ୍ତରୀ ପାଠ ଓ ପ୍ରଫେସନକୁ ସମ୍ମାନ ଦେଇ ଆସିଛୁଁ । ଆମ ମତରେ ଏମିତି ସବୁ ପ୍ରଫେସନ ଭଳି ଡାକ୍ତରୀ ପ୍ରଫେସନକୁ ମଧ୍ୟ ପେଶା ବୋଲି ଗ୍ରହଣ କଲେ ପ୍ରଭୁଙ୍କୁ ଅସମ୍ମାନ କରିବା ଭଳି ହେବ ତଥା ମଣିଷମାନଙ୍କୁ ଏବଂ ମଣିଷ ଶରୀରକୁ ମଧ୍ୟ ଅସମ୍ମାନ ହେବ । ଜନ୍ମ ଜନ୍ମର ତପସ୍ୟା ଫଳରେ ଡାକ୍ତରୀ ବିଦ୍ୟା ଭଳି ଜୀବନରକ୍ଷା କାରୀ ବିଦ୍ୟାଟିଏ ଠାକୁର ଦୁଇ ଆଞ୍ଜୁଳାରେ ଦେଇଥାନ୍ତି । ସେ ଦୁଇହାତରେ ପ୍ରଭୁଙ୍କର ବିନ୍ଦୁଏ କୃପାଜଳ ନ ପଡିଲେ ସେ ହାତ ରୋଗୀଙ୍କୁ ଆରୋଗ୍ୟ କରିପାରେ ନାହିଁ । ବହୁ ଜନ୍ମ ଜନ୍ମାନ୍ତରର ସାଧନା ବଳରେ ତଥା ପ୍ରଭୁଙ୍କ ପ୍ରଦତ୍ତ ଦୟା କ୍ଷମା ସହନଶୀଳତା ତଥା ଧୃତି ଭଳି ଗୁଣ ସହ ସେବା କରିବାର ମନୋଭାବ ଥିଲେ ହିଁ ଜଣେ ଡାକ୍ତର ହୋଇପାରେ । ରୋଗୀମାନଙ୍କୁ ପ୍ରଭୁହିଁ ଆରୋଗ୍ୟ କରିଥାନ୍ତି, ଡାକ୍ତରମାନେ କେବଳ ଏକ ମାଧ୍ୟମ ମାତ୍ର ।

ଡାକ୍ତରମାନେ ଏମ.ବି.ବି.ଏସ କୋର୍ସରେ ନାମଲେଖାଇବା ପରେ ପ୍ରଥମ ଦିନରେ ହିଁ ହିପୋକ୍ରାଟିସଙ୍କ ଓଥ୍ (ଶପଥ) ନେଇଥାନ୍ତି ଏବଂ ତଦନୁଯାୟୀ ସାରା ଜୀବନ କାମ କରିଥାନ୍ତି ଶପଥ ନେବାର ପର ମୁହୂର୍ତ୍ତରେ ହିଁ ଜୀବନ ଓ ମୃତ୍ୟୁର ମହାସାଗରରେ ଲମ୍ଫ ପ୍ରଦାନ କରିଥାନ୍ତି । ସମୁଦ୍ରର ସେ ପ୍ରଖର ସ୍ରୋତରେ ପ୍ରତିକୂଳ ଅବସ୍ଥାରେ ପହଁରୁ ପହଁରୁ କେତେବେଳେ ରୋଗ ସହ ରୋଗୀର ସଂଗ୍ରାମରେ ଜୀବନ ବିଜୟ ଲାଭ କରିଥାଏ ତ ଆଉ କେତେବେଳେ ମୃତ୍ୟୁ ଜୟଲାଭ କରିଥାଏ, କିନ୍ତୁ ଡାକ୍ତରମାନେ କେବେହେଲେ ହାରିଯା'ନ୍ତି ନାହିଁ, ରୋଗ ସହ ତାଙ୍କର ଯୁଦ୍ଧ ଜାରି ରଖିଥାନ୍ତି । ତେଣୁ ଆମେ ଦୁହେଁ ଓ ଆମ ପିଲାମାନେ ଆନନ୍ଦର ସହ ଏବଂ ସମ୍ମାନର ସହ ସ୍ୱଇଚ୍ଛାରେ ଏ ପ୍ରଫେସନକୁ ସ୍ୱାଗତ କରିଛୁଁ । ଠାକୁରଙ୍କ ପାଖରେ ଆମ ସମସ୍ତଙ୍କର ପ୍ରତ୍ୟୁଷର ପ୍ରଥମ ପ୍ରାର୍ଥନା ହେଉଛି ଆମ ପାଖକୁ ଆସୁଥିବା ରୋଗୀମାନେ ଆରୋଗ୍ୟ ଲାଭ କରନ୍ତୁ ।

କୌଣସି ରୋଗୀ ଡାକ୍ତର ପାଖକୁ ଖୁସିରେ ଆସନ୍ତି ନାହିଁ । ମାନସିକ ତଥା ଶାରୀରିକ ବ୍ୟଥା ଓ ଯନ୍ତ୍ରଣା ନହେଲେ କିଏ କାହିଁକି ଡାକ୍ତରଙ୍କ ପାଖକୁ ଆସିବ ? ତେଣୁ ତାଙ୍କୁ ଶାରୀରିକ ଓ ମାନସିକ ଭାବରେ ଆରୋଗ୍ୟ କରିବା ଆମର କର୍ତ୍ତବ୍ୟ ।

ଷ୍ଟେଥୋସ୍କୋପ ଆମ ପାଇଁ କେବଳ ଏକ ମେଡିକାଲ ଯନ୍ତ୍ର ନୁହେଁ ପ୍ରଭୁ ପ୍ରେରିତ ଅମୃତର ଯନ୍ତ୍ର ଯାହା ଚିରକାଳ ରୋଗୀମାନଙ୍କୁ ସଂଜୀବନୀ ମନ୍ତ୍ର ଭଳି ଜିଇଁବାର ଅକ୍ଷୟ ଆଲୋକରେ ଆଲୋକିତ କରୁଥିବ । (କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ...(୭ମ ଭାଗ)

# ଶୁଖିଲା ପତ୍ର



ମୂଳ ହିନ୍ଦୀ – ଅମରକାନ୍ତ



ଅନୁସୃଜନ– ନମିତା ପାଇକରାୟ

(ପ୍ରଥମ ଖଣ୍ଡ)

### ମନମୋହନ

ଏକଥା ଶୁଣିଲା ମାତ୍ରେ ଅପ୍ରତ୍ୟାଶିତ ଭାବେ ମନମୋହନଙ୍କ ମୁହଁ ରଙ୍ଗା ପଡ଼ିଗଲା । ମୁଁ ପୁରାପୁରି ଡରିଗଲି । ଯଦି ମନମୋହନ ଭାଇଠୁ ପ୍ରତିଶୋଧ ନେବେ । ମୁଁ ଭାବୁଥିଲି ପରିସ୍ଥିତିକୁ କେମିତି ସମ୍ଭାଳିବି ଭାବୁ ଭାବୁ ମନମୋହନ ଭାରିକଣ୍ଠରେ କହିଲେ 'ଠିକ୍ ଅଛି, ଯା ପଢ଼ିବୁ ।' ବୁଲିପଡ଼ି ମନମୋହନ ସିଧା ଚାଲିବାକୁ ଲାଗିଲେ ।

ମନମୋହନଙ୍କ ସହ ମୋର କଥାବାର୍ତ୍ତା ବନ୍ଦ ହୋଇଗଲା । ଏମିତି ଏକ ଅମୂଲ୍ୟ ବନ୍ଧୁତ୍ୱ ନଷ୍ଟ ହୋଇଗଲା । ମୋର ଖୁବ୍ ମନଦୁଃଖ ହେଲା । ମନମୋହନ ମୋର କଣ କରିଥିଲେ ? ସେ ଜଣେ ମନୋରଞ୍ଜନ ଓ ବୀର ପ୍ରକୃତିର ବ୍ୟକ୍ତିତ୍ୱ ଥିଲେ । ସେ ଶିକ୍ଷିତ, ସୁନ୍ଦର ତଥା ସଂସ୍କୃତ ସଂପର୍ଣ୍ଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସେ ଗାଁର ବାଡ଼ିଖେଳକୁ ଏକ ପାରମ୍ପରିକ ଶିଷ୍ଟ ରୂପ ପ୍ରଦାନ କରିଥିଲେ । ମୋର କୌଣସି ଖରାପ ପ୍ରକୃତିକୁ ସେ ନଜର ଅନ୍ଦାଜ କରନ୍ତି । ତାଙ୍କର ସବୁବେଳେ ଇଚ୍ଛା କି ମୁଁ କେମିତି ସୁନ୍ଦର ସ୍ୱାସ୍ଥ୍ୟ ସହ ଉନ୍ନତ ବୁଦ୍ଧିର ଅଧିକାରୀ ହୁଏ । ସେ କେବେ ବି ମୋ ଉପରେ କ୍ରୋଧ କରି ନାହାଁନ୍ତି । ସେ ସବୁବେଳେ ମୋର ଉନ୍ନତି ଚିନ୍ତା କରନ୍ତି । କେତେ ତୁଚ୍ଛ ଘଟଣା ଘଟିଲା । ଯିଏ ମୋର ଉତ୍ତରତ୍ତୋର ଉନ୍ନତି ଚାଲିଲା ମୁଁ ତା ସହ ସଂପର୍କ ଖରାପ କଲି । ସେ କଣ ଭାବିଥିବେ ଆମେ ଦୁଇ ଭାଇ ବୋଧେ ଅତି ନିଛ ପ୍ରକୃତିର ମଣିଷ । ଏ ସବୁ ଭାବ ଭାବି ମୋ ମନ ଭିତରେ ଏକ ଅପରାଧ ବୋଧ ଘର କରି ସାରିଲାଣି ।

ମନମୋହନ ସହ ସଂପର୍କ ଖରାପ ହେଲା ପରେ, ସ୍କୁଲ ଯିବା ଓ ଘରେ ପାଠ ପଢ଼ିବା ଛଡ଼ା ସ୍ୱତଃ ସବୁ ଗତିବିଧି ଆପେ ଆପେ ବନ୍ଦ ହୋଇ ଯାଇଥିଲା । ଏମିତି ତ ସବୁ ଯାହା ବନ୍ଦ ହେଲା । ଏମିତିକି ମୁଁ ଘରେ କସରତ କରିବା ବନ୍ଦ କରି ଦେଇଥିଲି । ମୋର ସସାରା ଉତ୍ସାହ ସରିଯାଇଥିଲା । ଏହା ଆଶ୍ଚର୍ଯ୍ୟର କଥା ଥିଲା ଏଇଟା ଆଶ୍ଚର୍ଯ୍ୟର କଥା ଥିଲା, ତଥାପି ମୋର ଆଶ୍ଚର୍ଯ୍ୟ ହେବାର କିଛି ନଥିଲା । ଅବଶ୍ୟ ମୋ ମନ ଭିତରେ ଡର ଥିଲା ମନମୋହନ ଅନ୍ୟ ବାଡ଼ିଖେଳାଳିଙ୍କ ସହ ମିଶି ଭାଇ ଆଉ ତାର ଅନ୍ୟସାଧୀମାନଙ୍କ ସହ ମିଶି କିଛି ଝଗଡ଼ା ଆରମ୍ଭ କରି ଦିଅନ୍ତି । କିନ୍ତୁ ଏଇଟା ମୋର ଭୁଲ ଥିଲା ଭାବିବା, ଏମିତି ଭାବିବା ଦ୍ୱାରା ଯେମିତି ମୁଁ ତାଙ୍କ ପ୍ରତି ଅନ୍ୟାୟ କରୁଛି ଲାଗୁଥିଲା । ସେ ଏମିତି କିଛିବି କଲେ ନାହିଁ । ଏମିତିକି ସେସ ପୂର୍ବପରି ଆମ ଘରକୁ ଯିବା ଆସିବା କରୁଥିଲେ । ଯେତେଦିନ ପର୍ଯ୍ୟନ୍ତ ଭାଇ ଥିଲେ ସେ ସବୁବେଳେ ଆମ ଘରକୁ ଆସୁଥିଲେ, ଘଣ୍ଟା ଘଣ୍ଟା ସଦ୍‌ଭାବନାପୂର୍ଣ୍ଣ ଗପସପ




ଆଲୋଚନା ସବୁ କରୁଥିଲେ । ଭାଇ ଯେତେବେଳେ ଅହଲାବାଦ ପଳେଇଲେ, ରମାଶଙ୍କର ଓ ଯମୁନାଙ୍କ ସହ ବସି ଗପସପ କରନ୍ତି । ବହୁତ ସମୟରେ ସେ ଆସିଲା ମାତ୍ରେ ମୁଁ ଉଠି କରି ଚାଲିଯାଏ । ଯଦି କେବେ ଉଠି କରି ଯାଇ ପାରେନି, ତାହେଲେ ତାଙ୍କ ଆଡ଼କୁ ବିଲକୁଲ ଚାହେଁ ନାହିଁ କି କିଛି କଥାବାର୍ତ୍ତା ସେଠି କରେନାହିଁ । କିନ୍ତୁ ତାଙ୍କର ଏ ବଦାନ୍ୟତା ପାଇଁ ମୁଁ ତାଙ୍କ ପାଖରେ କୃତଜ୍ଞ ଥାଏ । ହୃଦୟରେ ତାଙ୍କ ପ୍ରତି ଯେଉଁ ଉଦାର ଭାବନା ଥିଲା, ତାହା ଆହୁରି ଅଧିକ ବଢ଼ିଗଲା ।

ପ୍ରାୟତଃ ଦୁଇମାସ ଏମିତି ଏମିତି କଟିଗଲା । ଯା ଭିତରେ ଆମେ ଦୁଇଜଣ ବିଲକୁଲ କେହି କାହାସହ କଥାବାର୍ତ୍ତା ହୋଇ ନଥିଲୁ । କିନ୍ତୁ କେମିତି କେଜାଣି ମୋ ମନରେ ଇଚ୍ଛା ହେଲା କେମିତି ହେଲେ ମନମୋହନ ସାଙ୍ଗେ କଥାବାର୍ତ୍ତା ଆରମ୍ଭ ହୋଇ ଯାଆନ୍ତା କି । ସମ୍ଭବତ ଏହାର କାରଣ ହୋଇପାରେ ମୁଁ ନିଜକୁ ନିଜେ ଅପରାଧି ଭାବୁଥିଲି । ମନକୁ ମନ ମୁଁ କହୁଥିଲି ଯେଉଁ ଭୁଲ ମୁଁ କରିଛି ତାକୁ ସଜାଡ଼ି ନେବା ଉଚିତ । ଅଥବା ମନମୋହନଙ୍କ ମଧୁର ବ୍ୟକ୍ତିତ୍ୱରେ ମୁଁ ଆକର୍ଷିତ ହୋଇ ମୋ ମନ ମରିଯାଉଥାଏ । ଯାହା ବି ହେଉ ମନମୋହନଙ୍କ ପ୍ରତି ଯେଉଁ ଉପେକ୍ଷା ମୁଁ କରି ଆସୁଥିଲି ତା'ର ପରିଣାମ ଧିରେ ଧିରେ ହ୍ରାସ ପାଇବାକୁ ଲାଗିଲା । କଥାବାର୍ତ୍ତା ତ ଏବେ ବି ବନ୍ଦ ଥିଲା । କିନ୍ତୁ ମନମୋହନ ଏବେ ଆସିଲେ ମୁଁ ସେ ସ୍ଥାନରୁ ଉଠେନି । ଚୁପ୍‌ଚାପ୍ ବସି ରହେ । ଆଗେ କଥାବାର୍ତ୍ତା କରୁନଥିଲି ଏବେ କିନ୍ତୁ ତାଙ୍କ ଆଡ଼େ ଚାହେଁ । ଏହାଦ୍ୱାରା ଦୁହେଁ ଦୁହିଁଙ୍କୁ ଚାହିଁ ସ୍ମିତହାସ୍ୟ ମୁହଁରେ ଖେଳେଇଲୁ । ଏମିତି ଏମିତି କିଛିଦିନ ଚାଲିଗଲା । ତା ପରେ ଦଳରେ ବସି କଥାବାର୍ତ୍ତା କଲାବେଳେ ଦୁହେଁ ଦୁହିଁଙ୍କୁ ଅପ୍ରତକ୍ଷ ଉତ୍ତର ଦିଆନିଆ ହେଉଥିଲୁ ।

ଡିସେମ୍ବର ମାସ ଥିଲା । ବହୁତ ଥଣ୍ଡା ପଡୁଥିଲା । ସେତେବେଳେ ହାଟରେ ଭଲ ବଡ଼ବଡ଼ ପିଜୁଳୀ ମିଳୁଥିଲା । ରମାଶଙ୍କରର ଘର ବଇରୀଆରେ ଥିଲା ଆଉ ବଇରୀଆ ପିଜୁଳୀ ପାଇଁ ଖ୍ୟାତି ପାଇଥିଲା । ସେଠି ଯେଉଁ ପିଜୁଳୀ ଫଳୁଥିଲା ତା' ନାଁ ଆହ୍ଲାବାଦୀ ପିଜୁଳି ଥିଲା । ବଗିଚାରୁ ଯାହା ପିଜୁଳୀ ତୋଳା ଯାଉଥିଲଲା ସବୁ ସହରକୁ ପଠାଇ ଦିଆ ହେଉଥିଲା । ରମାଶଙ୍କର ଗାଁରେ ପିଜୁଳୀ ବଗିଚା ଥିବାରୁ ତାର ବହୁତ ଗର୍ବ ଥିଲା । ରମାଶଙ୍କର ଶ୍ରଦ୍ଧାରେ ବିଜୁଳୀକୁ ନାଶପାତୀ ନାଁ ଦେଇଥିଲା । ଏଇ ପିଜୁଳୀ କଥାବାର୍ତ୍ତା ବେଳେ ରମାଶଙ୍କର ଆମ ସମସ୍ତଙ୍କୁ ତାଙ୍କ ଗାଁକୁ ନିମନ୍ତ୍ରଣ କରିଲେ । ପରିଣାମ ସ୍ୱରୂପ ମନମୋହନ, ରମାଶଙ୍କର, ଯମୁନା ଏବଂ କାଞ୍ଚନ, ମୋର ଛୋଟ ଭାଇ ବଇରୀଆ ଗଲେ । ମୋତେ ଯିବାପାଇଁ ବାଧ୍ୟ କରୁଥିଲେ କିନ୍ତୁ ମୁଁ ମାନ କରିଦେଲି ।

ସେଦିନ ରବିବାର ଥିଲା । ଖାଇ ସାରିଲା ପରେ ବାହାର ଘରେ ବସି ପଢୁଥିଲି । ପଢୁ ପଢୁ ପ୍ରାୟ ତିନିଟା ବାଜି ଯାଇଥାଏ । ଠିକ୍ ସେହି ସମୟରେ ମନମୋହନ ଗୋଟେ ବ୍ୟାଗରେ କିଛି ଧରି ଆମ ଘରେ ପହଞ୍ଚିଲେ । ମୋ ଧ୍ୟାନ ଭାଙ୍ଗି ଗଲା । ତାଙ୍କୁ ଏକା ଦେଖି ମୁଁ ବଡ଼ ଆଶ୍ଚର୍ଯ୍ୟ ହେଲି । କାହିଁକିନା ତାଙ୍କ ସହ ଯମୁନା, ରମାଶଙ୍କର କଞ୍ଚନ ବି ଯାଇଥିଲେ । କିନ୍ତୁ ସେମାନେ କେହି ତାଙ୍କ ସହ ନଥିଲେ ।

ମନମୋହନ କେମିତି ଚାଲି ଆସିଲେ ? ସେ ଏକଲା ପଳେଇ ଆସିଛନ୍ତି, ତାଙ୍କ ସହ କେମିତି କଥାବାର୍ତ୍ତା ଆରମ୍ଭ କରିବି । ମୁଁ ପାଠ ପଢ଼ାରୁ ଧ୍ୟାନ ହଟେଇଲିନି, ଯେମିତି ମୁଁ ତାଙ୍କୁ ଦେଖିନାହିଁ ଅଭିନୟ କଲି । ସେ ବି କିଛି କହିଲେନି ମୋତେ । ଆଗକୁ ଆସି କାଠ ପଟା ଖଟ ଉପରେ ବ୍ୟାଗକୁ ଓଜାଡ଼ି ଦେଲେ । ପଚିଶ ତିରିଶଟା ପିଜୁଳୀ ବାସ୍ନାଭରା ଖଟ ଉପରେ ଗଡ଼ିଲେ । ତାଙ୍କର ଏତାଦୃଶ ବ୍ୟବହାରକୁ ମୁଁ ଚୁପ୍‌ଚାପ୍ ଲୁଚି ଲୁଚି ଦେଖୁଥିଲି । ଶେଷରେ ସେ ଖାଲି ବ୍ୟାଗକୁ ମୋଡ଼ିମାଡ଼ି ଧରିଲେ କାନ୍ଥକୁ ଅନେଇ 'ପାଣି' ବୋଲି କହିଲେ ।

ମୁଁ ତୁରନ୍ତ ଉଠିଗଲି ଭିତରକୁ, ଆଉ ପାଣି ଆଣି ମନମୋହନଙ୍କ ହାତକୁ ଦେଲି । ତାଙ୍କ ପାଣି ପିଇବାର ଶକ୍ତିକୁ ମୁଁ ଜାଣିଛି । ତେଣୁ ବଡ଼ ଲୋଟାରେ ଲୋଟାଏ ପାଣି ଆଣିଥିଲି । ଦେଖୁ ଦେଖୁ ସେ ଲୋଟାକ ଯାକ ପାଣି ପିଇଗଲେ । ସେ ଏତେ ଶୀଘ୍ର ଶୀଘ୍ର ପାଣି ପିଉଥିଲେ ଯେ ଯଦି ଏଇ ମୁହୂର୍ତ୍ତରେ ପାଣି ମିଳି ନଥାନ୍ତା ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥାନ୍ତା । ପାଣି ପିଇ ସାରି ମୋତେ ଚାହିଁଲେନି ବି ସିଧା ପବନ ବେଗରେ ବାହାରି ଗଲେ ।

ସେ ଯିବା ପରେ ଗାଡ଼ିରେ ରମାଶଙ୍କର, ଯମୁନା, କଞ୍ଚନ ଆସିଲେ । ମୋତେ ଆଶ୍ଚର୍ଯ୍ୟ ଲାଗିଲା, ଏମାନେ ସାଙ୍ଗ ହୋଇ ଯାଇ ତ ଥିଲେ ମନମୋହନ ଏମାନଙ୍କ ପୂର୍ବରୁ କେମିତି କେଉଁଥିରେ ଆସିଲେ ? କେହି କିଛି କହୁନଥିଲେ । ଆସି ପହଞ୍ଚି ଦେଖିଲେ ଖଟ ଉପରେ ପିଜୁଳି ଗଦା ହୋଇଛି । ପିଜୁଳିର ରହସ୍ୟ ପଚାରିଲେ । ମୁଁ କହିଲି ମନମୋହନ ଢ଼ାଳି କରି ଯାଇଛନ୍ତି । ସମସ୍ତେ ହସି ହସି ପିଜୁଳି ଖାଇବା ଆରମ୍ଭ କରିଦେଲେ । ମୁଁ କିନ୍ତୁ ଖାଇଲିନି । ଯଦି ମନମୋହନ ଆସନ୍ତି ଆଉ ସେ ପିଜୁଳି ମାଗନ୍ତି ତା' ହେଲେ କଣ ହେବ ଭାବିଲି । ଆରମ୍ଭରୁ ଯେହେତୁ ମୁଁ ଖାଇଲିନି । ତେଣୁ ଚିରୁଳାଏ ବି ମୋର ଖାଇବାକୁ ସେ ପିଜୁଳିର ଇଚ୍ଛା ହେଲା ନାହିଁ । ଯିଏ ଯେତେ କହିଲେ ବି ମୁଁ ଖାଇଲିନି ।

ରାତିରେ ଯେତେବେଳେ ମୁଁ ପଢୁଥିଲି ମନମୋହନ ଆମ ଘରକୁ ଆସିଲେ । ଧିରେ କରି ମୋ ଖଟ ଧାରରେ ବସିଗଲେ । ମୁଁ ତାଙ୍କ ଆଡ଼େ ଚମ୍‌କି କରି ଦେଖିଲି । ସେ ହସିଦେଲେ । କହିଲେ, ମୋତେ ଗୋଟେ ଅଧେ ପିଜୁଳି ଖୁଆଅ ।

ମୋତେ ବହୁତ ଖରାପ ଲାଗିଲା । ମୁଁ ଲଜ୍ଜିତ ହେଲି । ସଂକୋଚର ସହ କହିଲି, ସବୁ ପିଜୁଳି ତ ରମାଶଙ୍କର, ଯମୁନା ଆଉ କଞ୍ଚନ ଖାଇ ଦେଲେ ।

ଏମିତି ଆମ କଥାବାର୍ତ୍ତା ଆରମ୍ଭ ହୋଇଗଲା ପୁଣି । ମୋତେ ବହୁତ ଖୁସି ଲାଗିଲା । ଆମର ପୁଣି ପୂର୍ବର ବନ୍ଧୁତା ସତେଜ ହୋଇଗଲା । ଆମ ବନ୍ଧୁତ୍ୱ ପ୍ରଗାଢ଼ ଘନିଷ୍ଠତାରେ ପରିବର୍ତ୍ତିତ ହୋଇଗଲା । ମୋର କସରତ ପୁଣି ଜୋରସୋର ଆରମ୍ଭ ହୋଇଗଲା । ମୁଁ ପୁଣି ମନମୋହନଙ୍କ ସହ ବୁଲାବୁଲି କଲି । ତାଙ୍କରି ପରି ଚାଲିଲି, ତାଙ୍କରି ପରି କଥାବାର୍ତ୍ତା କଲି, ତାଙ୍କରି ପରି ଛାପ ପକାଇଲି । ସଂକ୍ଷେପରେ କହିଲେ ମୋର ପୁରୁଣା ଅଭ୍ୟାସ ସବୁ ପ୍ରତ୍ୟାବର୍ତ୍ତନ କଲା । ମୁଁ ପୁଣି ପ୍ରଫୁଲ୍ଲିତ ଓ ଉତ୍ସାହିତ ରହିଲି । ଆଶ୍ଚର୍ଯ୍ୟର କଥା ଭାଇ କିଛି ମାସ ପୂର୍ବରୁ ଯେଉଁ ଶିକ୍ଷା ମୋତେ ଦେଇଥିଲେ ମୁଁ ପୁରାପୁରି ଭୁଲିଗଲି । ଯଦି କେବେ ତ ମୋ ସେ କଥା ମନେ ପଡୁଥିଲା ତେବେ ମୋତେ ଲାଗୁଥିଲା ଏଗୁଡ଼ା ନିହାତି ଅଯଥା ଓ ଅସ୍ୱାଭାବିକ ଅର୍ଥହୀନ ।

ପୂର୍ବରୁ ମନମୋହନ ଓ ମୁଁ କେବଳ ସନ୍ଧ୍ୟାରେ ବୁଲୁଥିଲୁ । କିନ୍ତୁ ଏଥର ଆମେ ସକାଳୁ ସକାଳୁ ବି ବୁଲାବୁଲି କରିବା ଆରମ୍ଭ କରିଦେଇଥିଲୁ । ମନମୋହନ କହିବା ଅନୁସାରେ ଏଥର ଆମେ ଗଙ୍ଗାସ୍ନାନ କାର୍ଯ୍ୟକ୍ରମ ଆରମ୍ଭ କରିଥିଲୁ । ସେ ଭୋର ଚାରିଟାରୁ ଆମ ଘରକୁ ଆସି ମୋତେ ଉଠାଇ ଦେଉଥିଲେ । ଆମେ ଦୁଇଜଣ ପ୍ରବଳ ଥଣ୍ଡାରେ ମଧ୍ୟ ଘରୁ ବାହାରି ଯାଉଥିଲୁ ଗଙ୍ଗାସ୍ନାନ ପାଇଁ । ଏ କାର୍ଯ୍ୟ ବହୁତ କଷ୍ଟ ଦାୟକ ଥିଲା । କିନ୍ତୁ ଏହାଦ୍ୱାରା ସ୍ୱାସ୍ଥ୍ୟ ଓ ବ୍ୟକ୍ତିତ୍ୱ ବିକଶିତ ହେଉଥିଲା । ମନମୋହନଙ୍କର ଅତ୍ୟନ୍ତ ବିଶ୍ୱାସର ପାତ୍ର ମୁଁ ହୋଇ ସାରିଲିଣି । ମନମୋହନ ସହ ବୁଲାବୁଲି କରିବା ପାଇଁ ମୁଁ ଅତ୍ୟନ୍ତ ଉତ୍ସାହିତ ରହେ । ଯେତେ ଥଣ୍ଡା ହେଲେ ବି ମୁଁ ବିନା ଦ୍ୱିଧାରେ ବାହାରି ଆସେ । ରାସ୍ତାରେ ଥଣ୍ଡା ପ୍ରବଳ ହୁଏ । ମନମୋହନ ତାଙ୍କ ଚାଦର ଦେହରୁ କାଢ଼ି ମୋତେ ଘୋଡ଼େଇ ଦିଅନ୍ତି । ସେ ନିଜେ ଖାଲି କମିଜ ପିନ୍ଧି ଜୋରଜୋର ଚାଲନ୍ତି । ମୁଁ ତାଙ୍କୁ ଚାଦର ଫେରେଇ ଦିଏ । ସେ ରାଗନ୍ତି ପୁଣି ମୋତେ ଘୋଡ଼େଇ ଦିଅନ୍ତି । (କ୍ରମଶଃ)

❤ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

# କୁଡୁମୀ ସେନାର ସାମ୍ବାଦିକ ସମ୍ମିଳନୀ




ବାରିପଦା, ୧୪/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶାରେ ବସବାସ କରୁଥିବା ମହାନ୍ତ ବା କୁଡୁମୀ ଜାତିକୁ ବୋକା ବନେଇବାକୁ ପ୍ରଚେଷ୍ଟା ଜାରୀ ରଖିଛନ୍ତି । ଏହି ଜାତିର ଜଣେ ମହିଳାଙ୍କୁ ବିଧାୟକ ଏବଂ ଅନ୍ୟ ଜଣେ ମହିଳାଙ୍କୁ ରାଜ୍ୟସଭା ସଦସ୍ୟା ଭାବେ ମନୋନୀତ କରି ରାଜ୍ୟର ଲକ୍ଷ ଲକ୍ଷ କୁଡୁମୀ ମହାନ୍ତ ଲୋକଙ୍କୁ ଭୁଆଁ ବୁଲେଇବାରେ ଲାଗିଛନ୍ତି । ଆଉ ମୁଖ୍ୟମନ୍ତ୍ରୀଙ୍କ ଏଭଳି ଉଦ୍ୟମକୁ ନେଇ କୁଡୁମୀ ଜାତିର ଜନସାଧାରଣ ବେଶ ଉତ୍ସାହିତ ମଧ୍ୟ ହୋଇଥିଲେ । ତେବେ ନବୀନ ବାବୁ ଯେ ଏହି ଜାତିକୁ ଚକମା ଦେଇ ଗଲିଛନ୍ତି ଏକଥା ଧୀରେ ଧୀରେ ସମସ୍ତେ ବୁଝି ପାରିଲେଣି ବୋଲି କୁଡୁମୀ ସେନା ପ୍ରତିଷ୍ଠାତା ଶ୍ରୀ ଜୈମୁନୀ କୁମାର ମହାନ୍ତ ଏକ ସମ୍ବାଦିକ ସମ୍ମିଳନୀରେ କହିଛନ୍ତି । ନିକଟରେ ଦେଶର ଦଶଗୋଟି ଜନତାତି ତାଲିକା ବାହାରେ ଥିବା ଜାତିକୁ ଜନଜାତି ଭାବେ ମାନ୍ୟତା ଦେବା ପାଇଁ ସମସ୍ତ ପ୍ରକାର ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଂଚି ସାରିଥିବା ବେଳେ ୧୯୫୧ ମସିହା ପର୍ଯ୍ୟନ୍ତ ଜନଜାତି ତାଲିକାରେ ଥିବା କୁଡୁମୀ ଜାତିକୁ ବ୍ୟାପକ ଆନ୍ଦୋଳନ ସତ୍ୱେ ଜନଜାତି ତାଲିକାରେ ପୁନଃ ଅନ୍ତର୍ଭୁକ୍ତ କରାଯିବା ପାଇଁ ରାଜ୍ୟ ସରକାର କାହିଁକି ସୁପାରିଶ କରୁ ନାହାହାନ୍ତି ବୋଲି ପ୍ରଶ୍ନ ଉଠାଇଛନ୍ତି । କୁଡୁମୀ ଜାତିକୁ ଆଦିବାସୀ ତାଲିକାରେ ଅନ୍ତର୍ଭୁକ୍ତ କରିବା ନେଇ ଓଡିଶାରେ କୁଡୁମୀସେନା ଆନ୍ଦୋଳନ ଜାରୀ ରଖିଥିବା ବେଳେ ପଡୋଶୀ ପଶ୍ଚିମବଙ୍ଗ, ଝାରଖଣ୍ଡ, ବିହାର ଓ ଆସାମ ପ୍ରଭୃତି ରାଜ୍ୟର ବିଭିନ୍ନ ସଂଗଠନ ଆନ୍ଦୋଳନ କରି ଆସୁଛନ୍ତି । ମୟୂରଭଞ୍ଜରେ ବସବାସ କରୁଥିବା ପୁରାଣ ତଥା ତାମୁଡିଆ ପୁରାଣ ଜାତିକୁ ଆଦିବାସୀ ମାନ୍ୟତା ଦେବା ପାଇଁ ରାଜ୍ୟ ସରକାର ବିଗତ ୨୦୧୮ରୁ କେନ୍ଦ୍ରକୁ ସୁପାରିଶ କରିଛନ୍ତି । ମାତ୍ର ଦୀର୍ଘ ସାତ ଦଶନ୍ଧି ଧରି ଦାବୀ କରି ଆସୁଥିବା କୁଡୁମୀ ଜାତିଙ୍କ ଦାବୀ ପ୍ରତି ରାଜ୍ୟ ସରକାର କର୍ଣ୍ଣପାତ କରୁ ନାହାନ୍ତି, ବରଂ ଗୋଟିଏ ପରେ ଗୋଟିଏ ନିର୍ବାଚନ ବୈତରଣୀ ପାର କରିବା ପାଇଁ ଦୁଇଜଣ ମହିଳାଙ୍କୁ ମୁଣ୍ଡରେ ମୁକୁଟ ପିନ୍ଧାଇ ଲକ୍ଷ ଲକ୍ଷ କୁଡୁମୀ ଜାନସାଧାରଣଙ୍କୁ ବୋକା ବନେଇବାରେ ଲାଗିଛନ୍ତି । ଏହା ଦ୍ୱାରା ଉକ୍ତ ଦୁଇ ଜଣ କୁଡୁମୀ ମହିଳା ଓ ସେମାନଙ୍କ ପରିବାର ବର୍ଗ ଉପକୃତ ହେବେ ସତ କିନ୍ତୁ ଅନ୍ୟ ଜାତିଭାଇ ମାନଙ୍କର କୌଣସି ପ୍ରକାରର ଲାଭ ହେବ ନାହିଁ ବୋଲି ଶ୍ରୀ ମହାନ୍ତ କହିଛନ୍ତି । କୋଭିଡ କଟକଣା ଯୋଗୁଁ ଗତ ଦୁଇବର୍ଷ ଧରି ସ୍ଥଗିତ ଥିବା ଆନ୍ଦୋଳନକୁ ଖୁବ୍ ଶୀଘ୍ର ଏକ ନୂତନ ରୂପରେଖ ପ୍ରଦାନ କରିବା ସହିତ ଏକ ନିର୍ଣ୍ଣାୟକ ମୋଡରେ ପହଂଚାଇବାକୁ କୁଡୁମୀ ସେନା କର ବା ମର ଡାଂଚାରେ ଆନ୍ଦୋଳନ କରିବ ବୋଲି ଶ୍ରୀ ମହାନ୍ତ ସୂଚନା ଦେଇଛନ୍ତି ।

## ବ୍ଲକ ସ୍ତରୀୟ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ

ଭଦ୍ରକ, ୧୪/୦୫ (ନି.ପ୍ର): ଆଜି ଅଟଳ ବିହାରୀ ଉଚ୍ଚବିଦ୍ୟାଳୟ ପରିଷରରେ ବ୍ଲକ ସ୍ତରୀୟ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାଏ, ପୂର୍ବତନ ବିଧାୟକ ଧାମନଗର ମୁକ୍ତିକାନ୍ତ ମଣ୍ଡଳ,ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୌରପାଳିକା ଅଧ୍ୟକ୍ଷା ନିବେଦିତା ବେହେରା, ଭଦ୍ରକ ଜିଲ୍ଲାପାଳ ତ୍ରୀଲୋଚନ ମାଝୀ, ଭଦ୍ରକ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହିତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଯୋଗଦେଇଥିଲେ । ଏହି ସ୍ୱାସ୍ଥ୍ୟମେଳାରେ ୨୦୦୦ ରୁ ଅଧିକ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ପାଇଁ ସଚେତନ ମଧ କରାଯାଇଥିଲା ।

## ୫୦୦ ଲିଟର ମଦ, ୮ ହଜାର ଲିଟର ପୋଚ ନଷ୍ଟ କଲା ଅବକାରୀ ବିଭାଗ

ଭୁବନେଶ୍ୱର, ୧୪/୦୫ (ନି.ପ୍ର): ରାଜଧାନୀର ସାଲିଆସାହି ବସ୍ତିରେ ମଦ ତିଆରି ଚାଲୁଥିବା ଖବର ପାଇ ଚଢାଉ କରାଯାଇଛି । କେନ୍ଦ୍ରାଂଚଳ ଗୁଇନ୍ଦା ବିଭାଗ ସହ ଅବକାରୀ ବିଭାଗର ମିଳିତ ଉଦ୍ୟମରେ ଚଢାଉ ବେଳେ ମାଟି ତଳେ ଶହ ଶହ ଲିଟର ମଦ ପୋତାଯାଇଥିବା ଦେଖିବାକୁ ମିଳିଥିଲା । ଅବକାରୀ ବିଭାଗ ପୋତାଯାଇଥିବା ୫୦୦ ଲିଟରରୁ ଅଧିକ ମଦ ଏବଂ ୮ ହଜାର ଲିଟରରୁ ଅଧିକ ପୋଚକୁ ମାଟି ପକାଇ ନଷ୍ଟ କରିଛି । ଘଟଣାରେ ୫ଜଣଙ୍କୁ ଗିରଫ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଛି ।

## ହେଲିକେପ୍ଟର ଦୁର୍ଘଟଣାରେ ଓଡିଆ ପାଇଲଟଙ୍କ ମୃତ୍ୟୁରେ ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪/୦୫ (ନି.ପ୍ର): ହେଲିକେପ୍ଟର ଦୁର୍ଘଟଣାରେ ଓଡିଆ ପାଇଲଟଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଛତିଶଗଡ଼ର ରାୟପୁରରେ ହୋଇଥିବା ହେଲିକପ୍ଟର ଦୁର୍ଘଟଣାରେ ଓଡ଼ିଆ ପାଇଲଟ୍ ଗୋପାଳକୃଷ୍ଣ ପଣ୍ଡା ପ୍ରାଣ ହରାଇଥିବା ବିଷୟରେ ଜାଣି ମୁଁ ଦୁଃଖିତ । ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି ।

## ଭୌତିକ ଚିକିତ୍ସା କେନ୍ଦ୍ର ଶିବିର ଆରମ୍ଭ

ଭୁବନେଶ୍ୱର, ୧୪/୦୫ (ନି.ପ୍ର): ରେଡ୍ ସ୍ୱସ୍ତିକ ସୋସାଇଟି ଓଡ଼ିଶା, ଲାୟନ୍ସ କ୍ଲବ ଭୁବନେଶ୍ୱର ନୟାପଲ୍ଲୀ ଏବଂ ବ୍ରିଦ୍ଧରାଜନ ସେବା ସଂସ୍ଥା, ରାଜସ୍ଥାନର ମିଳିତ ଉଦ୍ୟମରେ ଏକ ଭୌତିକ ଚିକିତ୍ସା ଶିବିର ଲାୟନ୍ସ କ୍ଲବ, ନୟାପଲ୍ଲୀଠାରେ ଶୁଭାରମ୍ଭ କରାଯାଇଛି । ଉକ୍ତ ଶିବିରକୁ ଜିଲ୍ଲା ଗଭର୍ଣ୍ଣର ଲାୟନ୍ସ ପୂର୍ଣ୍ଣଚନ୍ଦ୍ର ପାଢୀ ଏବଂ ଆଗାମୀ ବର୍ଷ ପାଇଁ ମନୋନୀତ ଗଭର୍ଣ୍ଣର ସୁରେଶ ଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ । ଡ଼ାକ୍ତର ପ୍ରେମ କୁମାର ଆରୋରା ଶିବିର ପରିଚାଳନା କରିଥିଲେ । ବିନା ଔଷଧରେ ପିଠି, ଅଂଟା, କାନ୍ଧ, ବେକ ଏବଂ ଆଣ୍ଠୁର ଯନ୍ତ୍ରଣାକୁ କିପରି ଭୌତିକ ଚିକିତ୍ସା ଦ୍ୱାରା ଉପଶମ କରାଯାଇ ପାରିବ, ସେ ବିଷୟରେ ବୁଝାଇଥିଲେ । ପ୍ରଥମ ଦିନରେ ସତୁରୀରୁ ଅଧିକ ରୋଗୀଙ୍କ ଚିକିତ୍ସା କରାଯାଇଥିଲା ।

# ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ

ନୀଳଗିରି, ୧୪/୦୫ (ନି.ପ୍ର): ଆୟୁଷ୍ମାନ ଭାରତ ଆନୁକୂଲ୍ୟରେ ତରତରି ବାଳିକା ବିଦ୍ୟା ନିକେତନ ପରିସରରେ ଏକବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଅଛି । ଏହି ମେଳାକୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱାସ୍ଥ୍ୟ ମେଳାକୁ ଶୁଭ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗ ଦେଇ ସ୍ୱାସ୍ଥ୍ୟ ହିଁ ସମ୍ପଦ ବୋଲି ନିଜ ବକ୍ତବ୍ୟରେ ରଖିଥିଲେ । ଅନ୍ୟତମସମ୍ମାନୀତ ଅତିଥି ଭାବେ ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ବ୍ଲକ ଉପାଧକ୍ଷ ଜ୍ୟୋର୍ତିମୟୀ ପୁଥାଳ , ୧୧ନଂ.ଜୋନ୍ ଜିଲ୍ଲାପରିଷଦ ସଦସ୍ୟା ଶ୍ରୀମତୀ ସୁବର୍ଣ୍ଣ ମଂଜରୀ ସିଂ ଯୋଗ ଦେଇ ନିଜ ନିଜର ସ୍ୱାସ୍ଥ୍ୟ ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ଏକ ସାଧାରଣ ସଭା ବରହମପୁର ମେଡିକାଲର ସୁପରିନ୍‌ଟେଣ୍ଡେଂଟ ଡା. କାଳିଚରଣ ପାଲଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା । ଡା. ପଙ୍କଜ କୁମାର ଭୋଳ ମଂଚ ପରିଚାଳନା କରିଥିବା ବେଳେ ଲାବୋରେଟାରି ଟେକ୍‌ନିସିଆନ ଶିବାଜୀ କୁମାର ବେହେରା ସହଯୋଗ କରିଥିଲେ । ଆଜିର ସ୍ୱାସ୍ଥ୍ୟ ମେଳାରେ ବିଭିନ୍ନ ବିଭାଗର ମୋଟ ୬୨୩ଜଣ ରୋଗୀଙ୍କୁ ପରୀକ୍ଷା କରାଯାଇ ନିଦାନ ଔଷଧ ବିତରଣ କରାଯାଇଥିଲା ।

# ସଦ୍‌ଜ୍ଞାନ ଜାଗୃତି ସେବାଶ୍ରମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ




ମଥାନି, ୧୪/୦୫ (ନି.ପ୍ର): ମେଳକ ତଳତାପଣ୍ଡା ସ୍ଥିତ ସଦଜ୍ଞାନ ଜାଗୃତି ସେବାଶ୍ରମରେ, ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ, ଓଡିଶା-ପ୍ରାନ୍ତ, ଆନୁକୂଲ୍ୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆତ୍ମଜ୍ଞାନୀ ଯୋଗୀ ଅନ୍ତର୍ଯ୍ୟାମୀ ରାଉଳଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇ ଯାଇଛି । ବୃକ୍ଷ ହିଁ ଜୀବନ 'ପ୍ରାଣୀ ଯେଉଁ ଅଙ୍ଗାରକାମ୍ଳ ପରିତ୍ୟାଗ କରେ, ବୃକ୍ଷ ତାହା ଗ୍ରହଣ କରି, ପ୍ରତିଦାନ ସ୍ୱରୂପ ଅମ୍ଳଜାନ ପ୍ରଦାନ କରିଥାଏ, ଯାହାଦ୍ୱାରା ପ୍ରାଣୀ ଜୀବନ ଧାରଣ କରିଥାଏ । ଏ ତ ଉଦ୍ଭିଦ ଏବଂ ପ୍ରାଣୀର ନିବିଡ଼ ସମ୍ପର୍କ । ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ, ସୁଦାମ ଗାଆଣ, ସୁଧାଂଶୁ ଚଣ୍ଡ, ଦୀପକ ରାଉତ, କୁନ୍ତୀ ଜେନା, ସଞ୍ଜିତା ଦଳାଇ, ଗୋପିନାଥ ବାଗ, ପ୍ରତାପ ନାୟକ, ସନ୍ଧ୍ୟାରାଣୀ, ମାମା, ଅଭିରାମ ହାଁସଦା ଇତ୍ୟାଦି । ଶେଷରେ ମୁନି କୁମାରୀ ଅର୍ପିତା ରାଉଳ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ମିଷ୍ଟାନ୍ନରେ ଆପ୍ୟାୟିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ଯୋଗୀ ଅନ୍ତର୍ଯ୍ୟାମି ରାଉଳ ଏବଂ ଧର୍ମପତ୍ନୀ ସନ୍ଧ୍ୟାରାଣୀ ରାଉଳଙ୍କ ୨୮ ତମ ବିବାହ ବାର୍ଷିକ ଏବଂଗ୍ରାମବାସୀ ଦୀନବନ୍ଧୁ ଜେନା ଓ ମୋନାଲିସାଙ୍କ ଶୁଭ ବିବାହ ଉପଲକ୍ଷେ କରାଯାଇଥିଲା ।

# ଗୋଟିଏ ଦିନରେ ୧୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୪/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୨୯୦ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୯୮୦ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୩୧ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୫ ଜଣ ସଂଗରୋଧରୁ ଓ ୧୩ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରେ ୨. ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ଖୋର୍ଧା ଜିଲ୍ଲାରେ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୂଆପଡା ଜିଲ୍ଲାରେ ୧୩ ଜଣ, ରାୟଗଡା ଜିଲ୍ଲାରେ ୧ ଓ ସୁନ୍ଦରଗଡ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନଥିଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୪/୦୫ (ନି.ପ୍ର): ଦିଲ୍ଲୀର ଏକ କୋଠାରେ ଭୟଙ୍କର ଅଗ୍ନିକାଣ୍ଡରେ ୨୭ ଜଣଙ୍କ ପ୍ରାଣହାନୀ ଘଟିବା ପରେ ରାଜ୍ୟ ସରକାର ଅଗ୍ନିନିରାପତା ନେଇ ତତ୍ପର ହୋଇଛନ୍ତି । ଅଗ୍ନି ନିରାପତା ନିୟମକୁ କଡ଼ାକଡ଼ି ଲାଗୁ ପାଇଁ ଅଗ୍ନିଶମ ଡିଜି ସନ୍ତୋଷ ଉପାଧ୍ୟାୟ ସମସ୍ତ ଜିଲ୍ଲାର ସହକାରୀ ଅଗ୍ନିଶମ ଅଧିକାରୀ, ସମସ୍ତ ସର୍କଲର ଡେପୁଟି ଅଗ୍ନିଶମ ଅଧିକାରୀ ଓ ରାଜ୍ୟର ରେଞ୍ଜ ଫାୟାର ଅଫିସରଙ୍କୁ ଚିଠି ଲେଖିଛନ୍ତି । ହୋଟେଲ, ଲଜିଂ, ସିନେମା ହଲ୍ ଓ ଅତିଥି ଭବନ, ସରକାରୀ କୋଠା ଉପରେ ନଜର ରଖାଯିବ । ବଡ଼ବଡ଼ ଅଟ୍ଟାଳିକାରେ ଫାୟାର ସେଫ୍ଟି ସୁପରଭାଇଜର ନିଯୁକ୍ତି ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ସେହିଭଳି ଅଗ୍ନି ନିରାପତା ପ୍ରମାଣପତ୍ର ନଥିଲେ ନିଆଯିବ କାର୍ଯ୍ୟାନୁଷ୍ଠାନ । ସବୁ ସରକାରୀ କୋଠା, ହସ୍ପିଟାଲ, ଉଚ୍ଚ ବିଲ୍ଡିଂର ଅଡିଟ କରାଯିବ । ମେ' ୨୧ ସୁଦ୍ଧା ବିଭାଗ ପାଖରେ ଅଡିଟ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେହିଭଳି ଅଗ୍ନି ନିରାପତାରେ ତ୍ରୁଟି ଥିଲେ ୧୧୨ ଡାଏଲ କରି ସୂଚନା ଦେବାକୁ କୁହାଯାଇଛି । ସୂଚନାଯୋଗ୍ୟ ଯେ ଶୁକ୍ରବାର ସନ୍ଧ୍ୟାରେ ରାଜଧାନୀ ଦିଲ୍ଲୀର ମୁଣ୍ଡକା ମେଟ୍ରୋ ଷ୍ଟେସନ ନିକଟସ୍ଥ ଏକ ୪ ମହଲା ବିଶିଷ୍ଟ ବ୍ୟବସାୟିକ ପ୍ରତିଷ୍ଠାନରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୭ଜଣଙ୍କ ମୃତ୍ୟୁ ଘଟିଛି । ଏହି ଅଗ୍ନିକାଣ୍ଡରେ ପ୍ରାୟ ୧୬ ଜଣ ଗୁରୁତର ହୋଇଥିବା ବେଳେ ବିଭିନ୍ନ ହସ୍ପିଟାଲରେ ସେମାନଙ୍କ ଚିକିତ୍ସା ଚାଲିଛି ।

# ଜିଲ୍ଲା ଶ୍ରମ ଅଧିକାରୀଙ୍କ ଦ୍ୱାରା ବାରିପଦା ମେଡିକାଲ ଠିକା ଭିତ୍ତିକ କର୍ମଚାରୀମାନଙ୍କ ଅଭିଯୋଗର ଆଶୁ ସମାଧାନ



ବାରିପଦା, ୧୪/୦୫ (ନି.ପ୍ର): ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲର ଠିକା ଭିତ୍ତିକ କର୍ମଚାରୀମାନେ ତାଙ୍କର ଦୀର୍ଘ ଦିନର ବକେୟା ପ୍ରାପ୍ୟ, ବର୍ଦ୍ଧିତ ଦରମା, ପୋଷାକ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ନିୟମିତ ଭାବରେ ନିଯୁକ୍ତିକାରୀ ସଂସ୍ଥା ମଞ୍ଜୁ ସର୍ଭିସ୍ ଏଜେନ୍ସି ଠାରୁ ପାଉ ନଥିବାରୁ ଲିଖିତ ଭାବରେ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ । ଏହାକୁ ଭିତ୍ତିକରି ଜିଲ୍ଲା ଶ୍ରମ ଅଧିକାରୀ ମଞ୍ଜୁ ସର୍ଭିସ୍ ଏଜେନ୍ସି ଓ ଅଭିଯୋଗକାରୀ ମାନଙ୍କୁ କାର୍ଯ୍ୟାଳୟରେ ଉପସ୍ଥିତ ହେବା ପାଇଁ ଚିଠି ମାଧ୍ୟମରେ ଜଣାଇ ଥିଲେ । ଏବଂ ତା. ୧୨.୦୫.୨୦୨୨ ରିଖ ଘ.୧୧.୩୦ ସମୟରେ ମଞ୍ଜୁ ସର୍ଭିସ୍ ଏଜେନ୍ସିର ମ୍ୟାନେଜର ଓ ଠିକା ଭିତ୍ତିକ କର୍ମଚାରୀମାନେ ଏବଂ ଓଡିଶା ମେଡିକାଲ କର୍ମଚାରୀ ସଙ୍ଘ ମୟୂରଭଞ୍ଜ ଜିଲ୍ଲା ଶାଖାର କର୍ମକର୍ତ୍ତାମାନଙ୍କ ଉପସ୍ଥିତ ରହି କର୍ମଚାରୀମାନଙ୍କର ସମସ୍ତ ପ୍ରକାର ସମସ୍ୟା ଓ ଅସୁବିଧା ବିଷୟମାନ ଆଲୋଚନା ହୋଇଥିଲା ଏବଂ ସର୍ବଶେଷରେ ଜିଲ୍ଲା ଶ୍ରମ ଅଧିକାରୀଙ୍କ କହିବା ଅନୁଯାୟୀ ମଞ୍ଜୁ ସର୍ଭିସ୍ ଏଜେନ୍ସିର ମ୍ୟାନେଜର ତା. ୩୦.୦୫.୨୦୨୨ ରିଖ ସୁଦ୍ଧା ମେଡିକାଲର ଠିକା ଭିତ୍ତିକ କର୍ମଚାରୀମାନଙ୍କର ଦୀର୍ଘ ଦିନର ବକେୟା ପ୍ରାପ୍ୟ, ବର୍ଦ୍ଧିତ ଦରମା, ପୋଷାକ, ନିଯୁକ୍ତି କାର୍ଡ, ଇପିଏଫ-ଇଏସ୍ଆଇ ପ୍ରତ୍ୟେକ ମାସର ରସିଦ୍ ଯୋଗାଇ ଦିଆଯିବ ବୋଲି ଲିଖିତ ଭାବରେ ପ୍ରତିଶ୍ରୁତି ଦେଇଛନ୍ତି । ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଆଲୋଚନାରେ ଜିଲ୍ଲା ଶ୍ରମ ଅଧିକାରୀ ମୋନାଲିସା ନାୟକ, ମଞ୍ଜୁ ସର୍ଭିସ୍ ଏଜେନ୍ସିର ମ୍ୟାନେଜର ଏବଂ ରାଜ୍ୟ ମେଡିକାଲ ସଂଘର ଉପସଭାପତି ଶ୍ୟାମସୁନ୍ଦର ଦେଓ, ଜିଲ୍ଲା ସଂଘର ସମ୍ପାଦକ ଶ୍ରୀ ସୁଶିଲ କୁମାର ସାହୁ ଏବଂ ଉପଦେଷ୍ଟା ଆଇନ୍‌ଜୀବି ସୁନିଲ କୁମାର ନାୟକ ଏବଂ କାର୍ଯ୍ୟରତ ଥିବା ରୀନା ପାଣୀ, ସୁଚିସ୍ମିତା ମହାକୁଡ, ମମତା ପଟ୍ଟନାୟକ, ସୁଲିତା ସରେନ୍, ସମ୍ବାରୀ ମୁର୍ମୁ, ସୀତା ମୁର୍ମୁ, ବବିତା ମହାନ୍ତ, ସୁଦର୍ଶନ ମିଶ୍ର, ଅଖତର୍ ଖାଁ, ସତ୍ୟରଞ୍ଜନ ବିନ୍ଧାଣୀ, ରାମେଶ୍ୱର, ସୁଜିତ ପାତ୍ର, ପ୍ରଜ୍ଞା ସାମନ୍ତ ରାୟ, ଦାନଗୀ ମାରାଣ୍ଡି, ସୁମତି ମୁର୍ମୁ, ଦେବକୀ ଦାଶ, ମିନତୀ ବେହେରା, ଗୁଣବତୀ ନାୟକ, ଅନିଲ ମୁଖି, ଅର୍ଚ୍ଚନା ଦେହୁରୀ, ଚିତ୍ତରଞ୍ଜନ ବେହେରା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ । ମେଡିକାଲ ଠିକା ଭିତ୍ତିକ କର୍ମଚାରୀମାନଙ୍କର ଅଭିଯୋଗର ଆଶୁ ସମାଧାନ ହୋଇଥିବାରୁ ଓଡିଶା ମେଡିକାଲ କର୍ମଚାରୀ ସଂଘ ମୟୂରଭଞ୍ଜ ଶାଖା ତରଫରୁ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ନିଖୋଜ ବିଧାୟକଙ୍କ....

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଅନୁସାରେ ଗୁରୁବାର ସକାଳେ ସରୋଜ ୟୁନିଟ୍ ୬ ସ୍ଥିତ ରାଧାକୃଷ୍ଣ ଏନକ୍ଲେଭ ଘରୁ ବହାରକୁ ଯାଇଥିଲେ କିନ୍ତୁ ଘରକୁ ଆଉ ଫେରିନଥିଲେ । ସମୟ ଗଡିବା ସହ ଆସିକାର ପୂର୍ବତନ ବିଧାୟକ ସରୋଜ ପାଢ଼ୀ ନିଖୋଜ ଘଟଣାର ରହସ୍ୟ ବଢ଼ିଚାଲିଛି । ଭୁବନେଶ୍ୱରର ୟୁନିଟ ୬ ସ୍ଥିତ ରାଧାକୃଷ୍ଣ ଏନକ୍ଲେଭ ଆପାର୍ଟମେଣ୍ଟରେ ରହୁଥିଲେ ସରୋଜ ପାଢୀ । ଗୁରୁବାର ସକାଳ ୮ଟା ୨୦ ବେଳକୁ ଆପାର୍ଟମେଣ୍ଟରୁ ବାହାରିଥିବା ସିକ୍ୟୁରିଟି ଗାର୍ଡ କହିଛନ୍ତି । ଆପାର୍ଟମେଣ୍ଟରୁ ବାହାରକୁ ଯାଉଥିବା ସମୟର ଚିତ୍ର ଆପାର୍ଟମେଣ୍ଟ ସିସିଟିଭିରେ କଏଦ ହୋଇଛି । ତେବେ ସରୋଜ ପାଢୀ ନିଖୋଜ ହେବା ଖବର ପ୍ରଚାର ହେବା ପରେ ତାଙ୍କ ବାସଭବନ ନିକଟରେ ସମର୍ଥକଙ୍କ ଭିଡ ଦେଖିବାକୁ ମିଳିଛି । ନିଖୋଜ ନେଇ କୌଣସି କାରଣ ଜଣାପଡିନଥିଲା ବେଳେ ନିଖୋଜ ପଛରେ ରାଜନୈତିକ କାରଣ ଥାଇପାରେ ବୋଲି ସନ୍ଦେହ କରୁଛନ୍ତି ତାଙ୍କ ସମର୍ଥକ । ଅନ୍ୟପଟେ ସାନ ପୁଅ ସଙ୍ଗୀତ ପାଢ଼ୀଙ୍କ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଛି କମିସନରେଟ୍ ପୋଲିସ । କ୍ୟାପିଟାଲ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି । ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ଅନୁସନ୍ଧାନ ଚଳାଇଛି । ସମ୍ପର୍କୀୟ ମାନଙ୍କ ସହ ଆଲୋଚନା କରିବା ସହ ରେଳଷ୍ଟେସନ, ବସ ଷ୍ଟାଣ୍ଡ ଓ ବିଭିନ୍ନ ଅଞ୍ଚଳରେ ଖୋଜାଖୋଜି କରୁଛି ପୋଲିସ । ସବୁଠୁ ବଡ଼ ସନ୍ଦେହ ସୃଷ୍ଟି କରିଛି ପରିବାର ଲୋକଙ୍କ ନୀରବତା । କେବଳ ଏତଲା ଦାୟର କରି ଚୁପ ହୋଇ ବସିଛନ୍ତି । ନିଖୋଜ ସଂପର୍କରେ କିଛି କହିବାକୁ ରାଜି ହେଉନାହାନ୍ତି ପରିବାର ଲୋକ ।

# ଅନୁଗୋଳ ଜିଲ୍ଲା ଗସ୍ତରେ କେନ୍ଦ୍ରମନ୍ତ୍ରୀ



ଅନୁଗୋଳ/ଭୁବନେଶ୍ୱର,୧୪/୦୫ (ନି.ପ୍ର): ଅନୁଗୋଳ ଜିଲ୍ଲା ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର କଣିହାଁ ସମେତ ବିଭିନ୍ନ ଅଂଚଳରେ ସ୍ଥାନୀୟ ବାସୀଙ୍କୁ ଭେଟି ଗ୍ରାମାଂଚଳର ସମସ୍ୟା ଓ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଅନେକ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଥମେ କଣିହାଁ ଠାରେ ସ୍ଥାନୀୟ ଜନସାଧାରଣଙ୍କ ସହ ସାକ୍ଷାତ୍ କରି ଅଂଚଳର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ପରେ କଣିହାଁ ବାଇପାସ୍ ଛକ ସ୍ଥିତ ତାଳଚେର ପ୍ରଜାମଣ୍ଡଳ ଶହୀଦ୍ ସ୍ମୃତି ସ୍ତମ୍ଭକୁ ଯାଇ ପ୍ରଜାମଣ୍ଡଳ ଆନ୍ଦୋଳନରେ ଶହୀଦ ହୋଇଥିବା ବୀର ସଂଗ୍ରାମୀ ମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେଠାରେ ପ୍ରଜାମଣ୍ଡଳ ଭବନ ପରିସରରେ ଶାନ୍ତି ଓ ଅହିଂସାର ପ୍ରତୀକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିରେ ମଧ ମାଲ୍ୟାର୍ପଣ କରିଥିଲେ କେନ୍ଦ୍ରମନ୍ତ୍ରୀ । ଏହାପରେ କଣିହାଁ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଭବନଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନର ପୁରୋଧା ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ନାଲମ ଠାରେ ଶ୍ରୀ ନୃସିଂହ ଦେବଙ୍କ ପବିତ୍ର ଜନ୍ମୋତ୍ସବ ଅବସରରେ ଆୟୋଜିତ ଯଜ୍ଞ ପୂର୍ଣ୍ଣାହୁତି ପୂଜାରେ ସପରିବାର ସାମିଲ ହୋଇଥିଲେ ।

# ମା' ତାରାତାରିଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ତଥା ପ୍ରମୁଖ ଶକ୍ତିପୀଠ ମା' ତାରାତାରିଣୀଙ୍କ ପୀଠର ରୂପରେଖ ବଦଳିଛି । ଆସନ୍ତାକାଲି ମା'ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ହେବ । ୬ ଦିନ ଧରି କାର୍ଯ୍ୟକ୍ରମ ଜାରି ରହିବାକୁ ଥିବା ବେଳେ ୧୮ ତାରିଖରେ ଏଥିରେ ସାମିଲ ହେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ୨୦୦୪ରେ ଋଷିକୁଲ୍ୟା ମୁହାଣରେ ଥିବା ତାରାତାରିଣୀ ପୀଠର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏବେ କାମ ସରିଥିବା ବେଳେ ୧୫ ତାରିଖରୁ ୬ ଦିନ ବ୍ୟାପୀ ଆୟୋଜିତ ହେବ ପ୍ରତିଷ୍ଠା ଉତ୍ସବ । ୧୫ତାରିଖରେ ଦୀକ୍ଷା ଗ୍ରହଣ, ଅଙ୍କୁର ରୋପଣ, ୧୬ ତାରିଖରେ ଜଳଯାତ୍ରା, ଯଜ୍ଞ ଆରମ୍ଭ ସହ ୧୭ତାରିଖ ସୂର୍ଯ୍ୟପୂଜା, ବ୍ରାହ୍ମଣ ବରଣ କରାଯିବ । ୧୮ରେ ଦଶ ମହାବିଦ୍ୟା, ତ୍ରିଶୁଳ, ଧ୍ୱଜ ଓ ଦେବତା ସ୍ନାନ କରାଯାଇ ୧୯ରେ ଦେବତା ଓ ଆୟୁଦ୍ଧ ଧ୍ୱଜ ନାଶ ଏବଂ ଶେଷଦିନରେ ଧ୍ୱଜ, ପାର୍ଶ୍ୱ ଦେବତା, ସ୍ଥାପନ ସହ ଅଖଣ୍ଡ ନାମଯଜ୍ଞ, ଘୃତଯଜ୍ଞ କରାଯିବାର କାର୍ଯ୍ୟକ୍ରମ ରହିଛି । ଏହି ୬ ଦିନିଆ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାରରୁ ବହୁ ବ୍ରାହ୍ମଣ, ସନ୍ଥ, ଭକ୍ତଙ୍କ ସମାଗମ ହେବ ।

# ସପ୍ତମ ବେତନ ପ୍ରଦାନରେ ସରକାରଙ୍କର ତୃଟିପୂର୍ଣ୍ଣ ନିଷ୍ପତ୍ତି ବିରୁଦ୍ଧରେ ଆନ୍ଦୋଳନ ପାଇଁ ପ୍ରେସ୍ ମିଟ୍

ଭଦ୍ରକ, ୧୪/୦୫ (ନି.ପ୍ର): ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ତରଫରୁ ଅର୍ପ ବିନ୍ଧା ସ୍ଥିତ ସଂଘ ଅଫିସ ଠାରେ ଏକ ପ୍ରେସମିଟ୍ ହୋଇଥିଲା । ରାଜ୍ୟ ସରକାର ଶୁକ୍ରବାର ପ୍ରକାଶ କରିଥିବା ସପ୍ତମ ବେତନ ପ୍ରଦାନର ପଦ୍ଧତି (ମୋଡାଲିଟ) ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମନ୍ତବ୍ୟ ରଖୁଛନ୍ତି ଓଷ୍ଟାର କର୍ମକ ବୃନ୍ଦ । ସପ୍ତମ ବେତନ ପ୍ରଦାନର ଠିକ ପଦ୍ଧତି ନିର୍ଦ୍ଧାରଣ କରିବାକୁ ଭଦ୍ରକ ଓଷ୍ଟା ଦାବି କରିଛି । ରାଜ୍ୟ ସରକାର ଗତ ପ ାୟତ ନିର୍ବାଚନ ପୂର୍ବରୁ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷକ, ଅଧାପକ ଓ ଶିକ୍ଷା କର୍ମରରୀଙ୍କୁ ଅନ୍ୟ ସରକାରୀ କର୍ମରରୀଙ୍କ ଭଳି ସପ୍ତମ ବେତନ ପ୍ରଦାନ କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍କରି ନେଇଥିଲେ । ଗତ ଫେବୃଆରୀ ୧୧ରେ ଏହା ଉପରେ ବିଜ୍ଞପ୍ତି ପ୍ରକାଶ କଲେ । କିନ୍ତୁ ଗୁରୁବାର ଦିନ ଯେଉଁ ନିଷ୍ପି ପ୍ରକାଶ ପାଇଛି ସେଥିରେ ପରିବ ନ ହୋଇଛି । ସବୁ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସପ୍ତମ ବେତନ ଦିଆନଯାଇ କେବଳ ଶତ ପ୍ରତିଶତ ଦରମା ପାଇଥିବା ବିଦ୍ୟାଳୟକୁ ଦିଆଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି । ଉକ୍ତ ବିଜ୍ଞପ୍ତି ଓ ଆର.ଏସ୍.ପି. ରୁଲ-୨୦୧୭ ଅନୁସାରେ ପ୍ରକାଶିତ ହୋଇଛି । ବିଜ୍ଞପ୍ତିରେ କୁହାଯାଇଛି ଯେ ୭୪% ଓ ଗୋଟିଏ ଦିନ ପରେ ୧୦୦% ଦରମା ପାଇବାକୁ ଯୋଗ୍ୟ ହୋଇଥିବା ବିଦ୍ୟାଳୟକୁ ମଧ ଏଥିରୁ ବାଦ ଦିଆଯାଇଛି । ଏହା ଉପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ଭଦ୍ରକ ଓଷ୍ଟାର ନେତୃତ୍ୱ ଦାବି କରିଛନ୍ତି । ଆସନ୍ତା ୧୭ ତାରିଖ ସୁଦ୍ଧା ସରକାର ନିଷ୍ପରି ନିଅନ୍ତୁ ନଚେତ୍ର ପୁଣି ୫୦ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ବାଧହୋଇ ରାଜରାସ୍ତାକୁ ଓହ୍ଲାଇବେ । ଏହି ପଦ୍ଧତି ଅନୁସାରେ ଦରମା ଗ୍ରହଣ କରାଯିବ ନାହିଁ । ରାଜ୍ୟରେ ସମସ୍ତ ଡି.ଇ.ଓ. ଅଫିସ୍ ଆଗାମୀ ଦିନରେ ଅଚଳ କରାଯିବ ବୋଲି ରାଜ୍ୟ ଓଷ୍ଟାର ସମ୍ପାଦିକା ସୁରଜିତା ନାୟକ, ପ୍ରଦୀପ୍ତ କୁମାର ଦାସ, ଅକ୍ଷୟ ହୋତା, ରମାକାନ୍ତ ପରିଡ଼ା ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ମତବ୍ୟକ୍ତ କରିଥିଲେ ।

# ଲୋକନାଥ ବିହାରରେ ସ୍ଥାନୀୟ ସମସ୍ୟା ସମ୍ପର୍କିତ ଆଲୋଚନା

ବାଲେଶ୍ୱର,୧୪/୦୫ (ନି.ପ୍ର): ବାଲେଶ୍ୱର ପୌରପାଳିକାର ୨୩ନଂ ୱାର୍ଡ ଅନ୍ତର୍ଗତ ସହଦେବଖୁଣ୍ଟା ଲୋକନାଥ ବିହାର ଅଞ୍ଚଳବାସୀଙ୍କୁ ନେଇ ଗଠିତ ଶ୍ରୀଲୋକନାଥ ସିଭିଲ ସୋସାଇଟି ପକ୍ଷରୁ ସ୍ଥାନୀୟ ସମସ୍ୟା ସମ୍ପର୍କିତ ଆଲୋଚନାଚକ୍ର ସମ୍ବର୍ଦ୍ଧନା ପର୍ବ ଶନିବାର ଅନୁଷ୍ଠିତ ହୋଇଯାଇଛି । ସୋସାଇଟିର ସଭାପତି ରାମେଶ୍ୱର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ବସନ୍ତ କୁମାର ପଣ୍ଡା ସ୍ଥାନୀୟ ଅଞ୍ଚଳରେ ସମସ୍ୟା ଉପସ୍ଥାପନ କରିଥିଲେ । ବିଶେଷ ଏ ଅଞ୍ଚଳରେ ଅବ୍ୟବସ୍ଥିତ ଜଳ ନିଷ୍କାସନ ସମ୍ପର୍କରେ ଏଥିରେ ଆଲୋଚନା କରାଯାଇଥିଲା । ଶ୍ରୀଲୋକନାଥ ମନ୍ଦିର ନିକଟରୁ ଅରଡ଼ବଜାର ପର୍ଯ୍ୟନ୍ତ ମହାନାଳର ପୁନରୁଦ୍ଧାର ପାଇଁ ଏହି ବୈଠକରେ ଦାବି ହୋଇଥିଲା । ଏଥି ସହିତ ଉଚ୍ଚ ବିକିରଣ ଯୁକ୍ତ ମୋବାଇଲ ଟାୱାରକୁ ସ୍ଥାନାନ୍ତର ଓ ଏକ ବହୁମୁଖୀ କମ୍ୟୁନିଟି ହଲ ପାଇଁ ସୋସାଇଟି କର୍ମକର୍ତ୍ତାମାନେ ପ୍ରସ୍ତାବ ଦେଇଥିଲେ । ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ଥାନୀୟ ବାସିନ୍ଦାଙ୍କ ମୌଳିକ ସମସ୍ୟାକୁ ନେଇ ଉଦବେଗ ପ୍ରକାଶ କରିଥିଲେ । ଲୋକନାଥ ବିହାର ଭଳି କଲୋନୀରେ ବାଲେଶ୍ୱରର ବହୁ ଉଚ୍ଚ ଶିକ୍ଷିତ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଆଇନଜୀବୀ, ଡାକ୍ତର ଘର କରି ରହୁଥିବା ବେଳେ ଦୀର୍ଘଦିନ ପରେ ବି ସେମାନଙ୍କ ମୌଳିକ ସମସ୍ୟ ସମାଧାନ ନ ହେବା ଆଦୌ ଶୋଭନୀୟ ନୁହେଁ । ତେବେ ନବ ନିର୍ବାଚିତ ପୌର ପରିଷଦ ସମସ୍ୟା ସମାଧାନ ନେଇ ନିଶ୍ଚିତ ଗୁରୁତ୍ୱ ଦେବ ବୋଲି ଶ୍ରୀ ଜେନା ଆଶା ପ୍ରକାଶ କରିଥିଲେ । ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ ଏଥିରେ ସମ୍ମାନିତ ଅତିଥି ଭାବ ଯୋଗଦେଇ ଯୁଦ୍ଧକାଳୀନ ଭିତ୍ତିରେ ସ୍ଥାନୀୟ ସମସ୍ୟା ସମାଧାନକୁ ପରିଷଦ ଗୁରୁତ୍ୱର ସହ ବିଚାର କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ୱାର୍ଡ଼ କାଉନସିଲର ଶଶିରେଖା ମହାନ୍ତି, ୨୨ନଂ ୱାର୍ଡ କାଉନସିଲର ଦେବାଶିଷ ସିଂ, ଯୁବ ସଂଗଠକ ଭାଗବତ ସାହୁ, ବିଶିଷ୍ଟ ଶିକ୍ଷାବିତ ପଙ୍କଜ ଜେନା, ଯୋଗରେ ବିଶ୍ୱ ରେକର୍ଡଧାରୀ କର୍ଣ୍ଣେଲ ଲକ୍ଷ୍ମୀଧର ଭୂୟାଁ ପ୍ରମୁଖ ଏଥିରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ସୋସାଇଟି ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡାକ୍ତର ଶଶାଙ୍କ ଶେଖର ଚୌଧୁରୀ, ଡାକ୍ତର ପୂର୍ଣ୍ଣଚନ୍ଦ୍ର ଦାସ, ଆଇନଜୀବୀ ଦେବୀପ୍ରସନ୍ନ ମହାପାତ୍ର, ଈଶ୍ୱର ଚନ୍ଦ୍ର ପଣ୍ଡା, ଇଂ ବ୍ରଜମୋହନ ନାୟକ, ହେମେନ୍ଦ୍ର ମହାପାତ୍ର, ଇଂ ହରିଶ ଚନ୍ଦ୍ର ଦାସ, ଶରତ ଚନ୍ଦ୍ର ବେହେରା, ତ୍ରିଲୋଚନ ପାଣିଗ୍ରାହୀ, ଗୌରାଙ୍ଗ ଚରଣ ଦାସ ପ୍ରମୁଖଙ୍କ ସମେତ ଲୋକନାଥ ବିହାରର ବହୁ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ବାଲେଶ୍ୱର, ରବିବାର, ୧୫ ମଇ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଗତ ତିନି ବର୍ଷରେ ଉପଲବ୍ଧି ପୂର୍ଣ୍ଣ ହୋଇରହିଛି : ସମୀର କୁମାର

ନୂଆଦିଲ୍ଲୀ, ୧୪/୦୫ : ପ୍ରସାର ଭାରତୀ ହେଉଛି ସର୍ବଭାରତୀୟ ଦର୍ଶକ ଏବଂ ଦର୍ଶକଙ୍କ ସହିତ ଏକ ସାର୍ବଜନୀନ ପ୍ରସାରଣ ସେବା । ପ୍ରସାର ଭାରତୀ-ଦୂରଦଶନ ଏବଂ ଅଲ ଇଣ୍ଡିଆ ରେଡ଼ିଓର ଉଭୟ ଲୋକପ୍ରିୟତାକୁ ସୋସିଆଲ ମିଡ଼ିଆ ମାଧ୍ୟମରେ ବିସ୍ତାର କରିବାକୁ, ଏହା ମେ, ୨୦୧୯ରେ ଏକ ଡିଜିଟାଲ ୱିଙ୍ଗ୍ ଗଠନ କରିଥିଲା । ପ୍ରସାର ଭାରତୀ ନ୍ୟୁଜ୍ ସେବା ଅର୍ଥାତ୍ ପିବିଏନଏସ ଏବଂ ଡିପି (ଡିଜିଟାଲ ପ୍ଲାଟଫର୍ମ) ଏହାର ୧୦୦୦ଦିନ ପୂରଣ କରିଛି । ପିବିଏନଏସ ଏବଂ ଡିପି ମୁଖ୍ୟ ସମୀର କୁମାର ଗତ ତିନି ବର୍ଷକୁ ଅତ୍ୟନ୍ତ ସକାରତ୍ମକ ଏବଂ ସଫଳତାରେ ବର୍ଣ୍ଣନା କରିଛନ୍ତି । ଆଇଆଇଟି ଏବଂ ଆଇଆଇଏମରେ ପଢ଼ିଥିବା ତଥା ବିଦେଶର ଟପ୍ ବ୍ୟାଙ୍କିଙ୍ଗ୍ କମ୍ପାନୀ ଗୁଡ଼ିକରେ କାର୍ଯ୍ୟ କରିଥିବା ସମୀର କୁମାର କହିଛନ୍ତି ଯେ, ଟ୍ୱିଟର, ୟୁଟ୍ୟୁବ୍, ଇନଷ୍ଟାଗ୍ରାମ, ଫେସବୁକ୍ ଏବଂ ଟେଲିଗ୍ରାମର ପ୍ରଶସ୍ତ ତଥା ଉଚ୍ଚ ପ୍ରଭାବଶାଳୀ ପ୍ଲାଟଫର୍ମ ମାଧ୍ୟମରେ ଦୂରଦର୍ଶନ ଏବଂ ଅଲ ଇଣ୍ଡିଆ ରେଡ଼ିଓର ସୂଚନା ଏବଂ ଖବର ପହଂଚାଇବାକୁ ଲକ୍ଷ୍ୟ ରଖି ଆମେ କାମ କରୁଛୁ । ତାଙ୍କ କହିବା କଥା ଯେ, କୋଭିଡ଼-୧୯ ସମୟ ମଧ୍ୟରେ ଡିଜିଟାଲ ପ୍ଲାଟଫର୍ମର ଗୁରୁତ୍ୱ ଅଧିକ ଦୃତ ଗତିରେ ଉଭା ହୋଇଥିଲା । ଆମେ ସୋସିଆଲ ମିଡ଼ିଆର ସମସ୍ତ ପ୍ଲାଟଫର୍ମ ମାଧ୍ୟମରେ ସଠିକ୍ ସୂଚନା ବିସ୍ତାର କରିବା ଏବଂ କରୋନା ବିରୁଦ୍ଧରେ ଲଢ଼ିବା ବିଷୟରେଲୋକଙ୍କୁ ଅବଗତ କରାଇବା । ଦୂରଦର୍ଶନ ଏବଂ ଆକାଶବାଣୀ ରେଡ଼ିଓରେ ସ୍ୱାସ୍ଥ୍ୟ ବିଶେଜ୍ଞ, ଡାକ୍ତରଙ୍କ ଦ୍ୱାରା ପ୍ରକାଶିତ ମତ, ପ୍ରତିଷେଧକ ବ୍ୟବସ୍ଥା, ଦ୍ୱନ୍ଦକୁ ଦୂର କରିବା ପାଇଁ ପିବିଏନ୍ଏସ୍ ସେମାନଙ୍କୁ ସମସ୍ତ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ବାରମ୍ବାର ପ୍ରଚାରିତ କରୁଥିଲା । ସମୀର କୁମାର କହିଛନ୍ତି ଯେ, ପରିବର୍ତ୍ତିତ ସମୟରେ ଲୋକମାନେ ଦେଶ, ବିଶ୍ୱ ସହ ଯୋଡ଼ିହେବା କିମ୍ବା ମନୋରଂଜନ କରିବା ପାଇଁ କାର, ବସ୍, ଟ୍ରେନ୍ କିମ୍ବା ମେଟ୍ରୋ ଇତ୍ୟାଦିରେ ଯାଉଛନ୍ତି । ସୋସିଆଲ ମିଡ଼ିଆର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏହା ବିଶ୍ୱବ୍ୟାପୀ । ଭାରତୀୟ ସମାଜ ସମଗ୍ର ବିଶ୍ୱରେ ବ୍ୟାପିଛି ।

# ଚନ୍ଦନ ଯାତ୍ରାରେ ଉତ୍ସବମୁଖର ବାଲେଶ୍ୱର

ବାଲେଶ୍ୱର,୧୪/୦୫ (ନି.ପ୍ର): ବାଲେଶ୍ୱର ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଏବେ ଚାଲିଛି ପବିତ୍ର ଚନ୍ଦନ ଯାତ୍ରା । ଆବାହମାନ କାଳରୁ ଚାଲି ଆସିଥିବା ଏହି ପରମ୍ପରାକୁ ଲୋକେ ବେଶ ଶ୍ରଦ୍ଧା ଭକ୍ତିର ସହ ପାଳନ କରୁଥିବା ଦେଖିବାକୁ ମିଳିଛି । ଶ୍ରୀଜଗନ୍ନାଥ ସଂସ୍କୃତିରେ ଚନ୍ଦନଯାତ୍ରାକୁ ପୁରୀରେ ଅକ୍ଷୟ ତୃତୀୟାଠାରୁ ବୁଦ୍ଧ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ଚନ୍ଦନ ଯାତ ଓ ଚାପକେଳି ଅନୁଷ୍ଠିତ ହୋଇଥାଏ । ଅନୁରୂପ ଭାବେ ଓଡ଼ିଶାର ପ୍ରମୁଖ ସ୍ଥାନମାନଙ୍କରେ ଶ୍ରୀରାଧାକୃଷ୍ଣଙ୍କ ବିଗ୍ରହକୁ ଶୋଭାଯାତ୍ରାରେ ନେଇ ପୋଖରୀ ଓ ନଦୀରେ ଚାପକେଳି କରାଯାଇଥାଏ । ଏହିକ୍ରମରେ ସହର ସମେତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ୭ ଦିନିଆ, ୫ ଦିନିଆ, ୩ ଦିନିଆ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି । କୋଭିଡ କଟକଣା ଯୋଗୁଁ ଏହି ଉତ୍ସବ ଦୀର୍ଘ ୨ବର୍ଷ ଧରି ବନ୍ଦ ରହିଥିବା ବେଳେ ଚଳିତ ଚନ୍ଦନ ଜାତକୁ ଲୋକେ ବେଶ ହର୍ଷଉଲାସରେ ପାଳନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ୧୦ ତାରିଖରୁ ଆରମ୍ଭ ହୋଇଥିବା ବାଲେଶ୍ୱର ସହରର ମିର୍ଜାପୋଖରୀ ଚନ୍ଦନ ଯାତ୍ରା ବେଶ ଯାକଜମକରେ ଚାଲିଥିବା ପରିଲକ୍ଷିତ ହୋଇଛି । ମାଣିଖମ୍ବ, ଗୋପାଳଗାଁ, ସୁଏଲପୁର ସମେତ ଆଖପାଖ ଅଞ୍ଚଳବାସୀଙ୍କ ମିଳିତ ଉଦ୍ୟମରେ ଆୟୋଜିତ ହେଉଛି ଉତ୍ସବ । ପ୍ରତି ସଂଧ୍ୟାରେ ଘଣ୍ଟଘଣ୍ଟା, ଭଜନ କୀର୍ତ୍ତନ ତଥା ଶୋଭାଯାତ୍ରାରେ ଶ୍ରୀରାଧାକୃଷ୍ଣ ବିଗ୍ରହଙ୍କ ନାବକୁ ନିଆଯାଇ ଓ ନାବକେଳି ଅନୁଷ୍ଠିତ ହେଉଛି । ଚନ୍ଦନ ଯାତ୍ରାରେ ଲାଗିଥିବା ମେଳାରେ ଜିଲା ଓ ଜିଲା ବାହାରୁ ବହୁ ଦୋକାନୀ ଆସି ନିଜର ପସରା ମେଲାଇଥିବା ବେଳେ ପିଲାଙ୍କ ପାଇଁ ବିଶେଷ ଆକର୍ଷଣ ସାଜିଛି ରାମଦୋଳି । ସେହିପରି ଆୟୋଜିତ ହେଉଥିବା ବିଭିନ୍ନ ସାଂସ୍କୃତିକ ମେଳାରେ ଲୋକଙ୍କୁ ଦୀର୍ଘ ସମୟ ଧରି ବାନ୍ଧି ରଖୁଥିବା ଦେଖିବାକୁ ମିଳିଛି । ବିଶେଷ କରି ଭଜନ ଓ ଭକ୍ତିଗୀତର କାର୍ଯ୍ୟକ୍ରମ, ଡ୍ୟାନ୍ସ, ସଙ୍ଗୀତ ବିଚିତ୍ରା ବା ମେଲୋଡ଼ି କାର୍ଯ୍ୟକ୍ରମକୁ ଦର୍ଶକ ବେଶ ମନଭରି ଉପଭୋଗ କରୁଛନ୍ତି । ସଂଧ୍ୟାଠାରୁ ରାତି ପ୍ରାୟ ୧୧ଟା ପର୍ଯ୍ୟନ୍ତ ଏଠାରେ ଲୋକଙ୍କ ଗହଳି ଲାଗି ରହୁଛି । ଏନେଇ ଟାଉନହଲ ଛକରୁ ଲୋକ ଗଳହଳି ଲାଗିଛି । ମେଳାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସିନେମାଛକଠାରୁ ଆରମ୍ଭ କରି ଟାଉନହଲ ଛକ, ଏମିତିକି ମିର୍ଜା ପୋଖରୀ ଚତୁପାର୍ଶ୍ୱର ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ ହୋଇଛନ୍ତି । ଉତ୍ସବ କମିଟି ସଭାପତି କାଉନସିଲର ପଦ୍ମଲୋଚନ ଲେଙ୍କା ଓ ସମ୍ପାଦକ ଶ୍ରମିକ ନେତା ଅରୁଣ କୁମାର ସ୍ୱାଇଁ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ସଦସ୍ୟମାନଙ୍କ ସକ୍ରିୟ ସହଯୋଗରେ ସବୁକିଛି ଠିକଠାକ ଚାଲିଥିବା ଲକ୍ଷ୍ୟ କରାଯାଇଛି ।

# ବାଲେଶ୍ୱର ଜିଲ୍ଲା ନିଶା ନିବାରଣ ଅଭିଯାନର ବାର୍ଷିକ ସମ୍ମିଳନୀ ଜୁନ୍ ୫ରେ




ବାଲେଶ୍ୱର, ୧୪/୦୫ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ, ବାଲେଶ୍ୱରର କାର୍ଯ୍ୟକାରୀ ସମିତି ବୈଠକ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ନେଳିଆବାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବାର୍ଷିକ ସମ୍ମିଳନୀ ସମ୍ବନ୍ଧରେ ଆଲୋଚନା କରାଯାଇ ତା୫।୬।୨୨ରିଖ ରବିବାରରେ ଅନୁଷ୍ଠିତ ହେବାକୁ ସ୍ଥିର କରାଗଲା । ସମ୍ମିଳନୀର ସ୍ଥାନ ଓ ସମୟ ଆଗାମୀ ବୈଠକରେ ଆଲୋଚନା କରାଯାଇ ସମ୍ମିଳନୀ ଉପଲକ୍ଷେ ବିଭିନ୍ନ କମିଟିମାନ ଗଠନ କରାଗଲା । ପ୍ରତିବର୍ଷ ପରି ଏବର୍ଷ ମଧ ମୁଖପତ୍ର ପ୍ରକାଶନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର ହେଲା । 'ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ' (ଏନ୍.ଏଫ୍.ଏଚ୍.ଏସ୍)-୫ର ଦ୍ୱିତୀୟ ପର୍ଯ୍ୟାୟ ଅନୁସାରେ ଜାତୀୟ ହାର(୧୮%)ଠାରୁ ଓଡ଼ିଶା ମଦ୍ୟପାନରେ ଆଗୁଆ (୨୯%)ଥିବା ନେଇ ସାଧାରଣ ସଂପାଦିକା ମମତା ମହାପାତ୍ର ତଥ୍ୟ ଉପସ୍ଥାପନ ସହ ଆଲୋଚନା କରିଥିଲେ । କମିଟିର ସଦସ୍ୟମାନେ ଉଭୟ ଗ୍ରାମାଂଚଳ ଓ ସହରାଂଚଳରେ ମଦ୍ୟପାନ ହାର ବୃଦ୍ଧି ପାଇଥିବାରୁ ଉଦ୍‌ବେଗ୍ ପ୍ରକଟ କରି ସରକାରଙ୍କୁ ଅନୁରୋଧ କରିଛନ୍ତି ଯେ ସରକାର ଏଭଳି ଏକ ମଦ ବିରୋଧି ଅବକାରୀ ନୀତି ଆପଣାନ୍ତୁ ଯଦ୍ୱାରାକି ଓଡ଼ିଶା ଜାତୀୟ ସ୍ତରରେ ଲଜ୍ଜିତ ହେବ ନାହିଁ । ସମ୍ମିଳନୀକୁ ସଫଳ କରିବାକୁ ନିଶା ବିରୋଧରେ ଲଢୁଥିବା ବ୍ୟକ୍ତି ବିଶେଷ, ମହିଳା ସଂଗଠନ ଓ ସାମାଜିକ ସଂଗଠନମାନଙ୍କୁ ମଧ ସହଯୋଗ କରିବାକୁ ଅନୁରୋଧ କରାଗଲା । ବୈଠକରେ ଉପଦେଷ୍ଟା ସୁବ୍ରତ କର, ଉପ-ସଭାପତି ଡ. କ୍ଷିତୀଶ୍ୱର ଦାଶ ଓ ସମରେନ୍ଦ୍ର ଦାସ, କୋଷାଧକ୍ଷ ପ୍ରଫୁଲ୍ଲ କୁମାର ଦାସ, ତ୍ରିଦିପ ନାୟକ, ଗୀତାଞ୍ଜଳି ସିଂହ, କମଳାକାନ୍ତ ଦାଶ, ଭାରତୀ ପଣ୍ଡା, ପ୍ରସନ୍ନ କୁମାର ପାଢ଼ୀ, ସୀତାରାମ ପ୍ରଧାନ, ରମେଶଚନ୍ଦ୍ର ପ୍ରଧାନ, ବେଣୁଧର ସାହୁ, ସ୍ମୃତି ଦାସ, ଅବନ୍ତୀ ପ୍ରଧାନ, ମୀନା ସେଠୀ, ପ୍ରଣିତା ମିଶ୍ର, ବସନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଯୋଗେଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଲାତି-ଚିକେନ ଦରବୃଦ୍ଧିକୁ ନେଇ ଚିନ୍ତାରେ ଖାଉଟି

ବାଲେଶ୍ୱର,୧୪/୦୫ (ନି.ପ୍ର): ଖାଇବା ତେଲ ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବଢ଼ିବାକୁ ନେଇ ସାଧାରଣ ଲୋକେ ଅସନ୍ତୋଷ ପ୍ରକାଶ କରୁଥିବା ବେଳେ ଏବେ ବିଲାତି ଓ ଚିକେନର ଆକାଶଛୁଆଁ ଦରବୃଦ୍ଧି ଗରିବ ତଥା ମଧ୍ୟବିତ୍ତ ବର୍ଗଙ୍କ ଜୀବନଚର୍ଯ୍ୟା ଉପରେ ପ୍ରଭାବ ପକାଇଛି । ନିକଟ ଅତୀତରେ ବଜାରରେ ଲେମ୍ବୁ ଦର ହଠାତ ବଢ଼ିବା ଭଳି ଏବେ ଟମାଟୋ ଓ ଚିକେନର ଦରବୃଦ୍ଧି ଜନ ଅସନ୍ତୋଷର କାରଣ ହୋଇଛି । ସପ୍ତାହେ ପୂର୍ବରୁ ଟମାଟୋ କେଜିକୁ ୬୦ରୁ ୭୦ ଟଙ୍କାରେ ମିଳୁଥିବା ବେଳେ ବଜାରରେ ଏହା ହଠାତ ଶହେ ପାର ହୋଇଛି । ସେହିଭଳି ୧୮୦ରୁ ୨୦୦ ଟଙ୍କାରେ ମିଳୁଥିବା ଚିକେନ କେଜି ଏବେ ୩ ଶହ ଟଙ୍କା ଛୁଇଁବା ଜନସାଧାରଣଙ୍କୁ ଚିନ୍ତାରେ ପକାଇଛି । ଧନୀକ ଶ୍ରେଣୀର ଲୋକଙ୍କ ପାଇଁ ଏହି ଦରବୃଦ୍ଧି କିଛି ପ୍ରଭାବ ପକାଉ ନଥିବା ବେଳେ ଗରିବ ତଥା ମଧ୍ୟବିତ୍ତ ବର୍ଗଙ୍କୁ କଷ୍ଟ ଦେଉଛି । ତେବେ ଗ୍ରୀଷ୍ମ ଋତୁରେ ଟମାଟୋ ଚାଷ ହେଉ ନଥିବା ବେଳେ ପଡ଼ୋଶୀ ପଶ୍ଚିମବଙ୍ଗ ଏବଂ ବେଙ୍ଗାଲୁରୁ ଉପରେ ଓଡ଼ିଶା ବଜାର ନିର୍ଭଶଶୀଳ ହୋଇଥାଏ ବୋଲି ବାଲେଶ୍ୱରର ବ୍ୟବସାୟୀମାନେ କହିଛନ୍ତି । ପ୍ରତିକୂଳ ପାଗ ଯୋଗୁଁ କର୍ଣ୍ଣାଟକ ରାଜ୍ୟରେ ଆଶାନୁରୂପ ଟମାଟୋ ଚାଷ ହୋଇନଥିବା ବେଳେ ବେଙ୍ଗାଲୁରୁ ବଜାରରେ ଟମାଟୋର ଦର ଚଢ଼ା ରହିଛି । ଅନ୍ୟପକ୍ଷରେ ପଶ୍ଚିମବଙ୍ଗର ଜୟନଗର ଓ ବିହାରର କେତେକ ସ୍ଥାନରୁ ବାଲେଶ୍ୱରକୁ ଆସୁଥିବା ଟମାଟୋ ପର୍ଯ୍ୟାପ୍ତ ହେଉ ନଥିବାରୁ ଦର ବୃଦ୍ଧି ପାଉଥିବା ବ୍ୟବସାୟୀମାନେ ଯୁକ୍ତି ଦର୍ଶାଇଛନ୍ତି । ସେହିଭଳି ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଚିକେନ ଦରବୃଦ୍ଧିର କାରଣ ବୋଲି କହିଛିନ୍ତି କିଛି ବ୍ୟବସାୟୀ । ଗ୍ରୀଷ୍ମ ଋତୁରେ କୁକୁଡାଙ୍କ ମୃତ୍ୟୁହାର ବୃଦ୍ଧି ସାଙ୍ଗକୁ କୁକୁଡା ଦାନା ଓ ଚିଆଁର ଆକାଶଛୁଆ ମୂଲ୍ୟ ବୃଦ୍ଧି ଯୋଗୁଁ ଚିକେନ ଦର ବଢ଼ିଥିବା ସେମାନେ କହିଛନ୍ତି । ହଠାତ ଚିଆଁ ଓ ଦାନା ମୂଲ୍ୟ ବୃଦ୍ଧି ଯୋଗୁଁ ଗ୍ରାମାଞ୍ଚଳ ଚାଷୀମାନେ ମାନେ ବ୍ରୟଲର କୁକୁଡ଼ା ଚାଷ ଏକ ପ୍ରକାର ବନ୍ଦ କରିଦେଇ ସାରିଲେଣି । ଚାହିଦା ଅନୁସାରେ ଚିକେନ ନ ମିଳିବା ଫଳରେ ବଜାର ଦର ବୃଦ୍ଧି ପାଉଥିବା ବ୍ୟବସାୟୀମାନେ କହିଛନ୍ତି ।

## ଆଇଇଡି ବ୍ଲାଷ୍ଟରେ ଜବାନ ଆହତ

ନୂଆଦିଲ୍ଲୀ, ୧୪/୦୫ : ବିଜାପୁର ଜିଲ୍ଲାରେ ଏରିୟା ଡୋମିନେଶନ ସମୟରେ ନକ୍ସଲଙ୍କ ଦ୍ୱାରା ଲଗାଇଥିବା ଆଇଇଡିରେ ବ୍ଲାଷ୍ଟ ହେବାରୁ ଛତିଶଗଡ଼ ସଶସ୍ତ୍ର ବଳ(ସିଏଏଫ୍) ୮ତମ ବାହିନୀର ଜଣେ ଜବାନ ଗମ୍ଭୀର ରୂପରେ ଘାୟତ ହୋଇଛନ୍ତି । ଏଏସ୍‌ପି ପଙ୍କଜ ଶୁକ୍ଲା କହିଛନ୍ତି ଯେ ଆହତ ଜବାନଙ୍କ ନେଲସନାରରେ ପ୍ରାଥମିକ ଚିକିତ୍ସା ପରେ ଏୟାରଲିଫ୍ଟ କରି ରାୟପୁର ପଠାଇ ଦିଆଯାଇଛି ।

# ବିଦ୍ୟୁତ ଟ୍ରାନ୍ସଫର୍ମର ସଂସ୍ପର୍ଶ ରେ ଆସି ଯୁବକ ଗୁରୁତର

ଖୋର୍ଦ୍ଧା,୧୪/୦୫ (ନି.ପ୍ର): ବିଦ୍ୟୁତ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଜଣେ ଯୁବକ ଗୁରୁତର ହୋଇଛନ୍ତି ।ଗୁରୁତର ଜଣକ ହେଲେ ବାଣପୁର ବ୍ଲକ ରତନପୁର ଗ୍ରାମର କୃଷ୍ଣ ବେହେରାଙ୍କ ପୁଅ ଗୋଲଖ ବେହେରା (୨୬) ।ତେବେ ଘର ସାମ୍ନା ରେ ବିପଦ ସଂକୁଳ ଅବସ୍ଥା ରେ ଥିବା ଏକ ଟ୍ରାନ୍ସଫର୍ମର କଡ଼ ଦେଇ ଘରକୁ ଫେରୁଥିବା ସମୟରେ ଟ୍ରାନ୍ସଫର୍ମର ସଂସ୍ପର୍ଶ ରେ ଆସିଥିଲେ । ସ୍ଥାନୀୟ ଲୋକ ଉକ୍ତ ରାସ୍ତା ଦେଇ ଯାଉଥିବା ସମୟରେ ଗୋଲଖ ବେହେରା ଟ୍ରାନ୍ସଫର୍ମର ଲାଗିଥିବା ଦେଖିଥିଲେ ।ପରେ ବିଦ୍ୟୁତ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ପରିବାର ଲୋକେ ଓ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ବାଣପୁର ମେଡିକାଲ ରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲ କୁ ସ୍ଥାନାନ୍ତର କରାଯାଇଛି । ତେବେ ରାସ୍ତା କଡରେ ଥିବା ବିପଦ ସଂକୁଳ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର ସୁରକ୍ଷା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ସତ୍ୱେ ଟ୍ରାନ୍ସଫର୍ମର ର ଚତୁରପାର୍ଶ୍ୱରେ ଆଧା ପନ୍ତରିଆ ହୋଇ ପଡିଥିବା ପାଚେରୀ ନେଇ ଏଭଳି ଦୁଃଖଦ ଘଟଣା ଘଟିଛି ବୋଲି ଗ୍ରାମବାସି ଅଭିଯୋଗ କରିଛନ୍ତି ।

# ପଂଚଲିଙ୍ଗେଶ୍ୱର ବନମହୋତ୍ସବ ଉଦ୍‌ଘାଟିତ



ନୀଳଗିରି, ୧୪/୦୫ (ନି.ପ୍ର): ପଂଚଲିଙ୍ଗେଶ୍ୱର ବନମହୋତ୍ସବ କମିଟି ପକ୍ଷରୁ ପଂଚଲିଙ୍ଗେଶ୍ୱର ବନମହୋତ୍ସବ ଶନିବାର ଦିନ ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଅଛି । ଉଦ୍‌ଘାଟିତ ଭାବେ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ମାନ୍ୟବର ସୁଦାମ ମାରାଣ୍ଡି ମଂଚାସୀନ ରହି ଉତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଂଚଲିଙ୍ଗେଶ୍ୱର ଠାରେ ଏଭଳି ବନମହୋତ୍ସବ ପାଳନକୁ ଭୂୟସୀ ପ୍ରଶଂସା କରିବା ସହ ଆୟୋଜକଙ୍କୁ ଧନ୍ୟବାଦ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରି ପ୍ରଥମ ସନ୍ଧ୍ୟା ତଥା ଉଦ୍‌ଘାଟନ ସନ୍ଧ୍ୟାରେ ଶୁଭ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ପୂର୍ବତନ ସାଂସଦ ତଥା ଜିଲ୍ଲା ବିଜେଡି ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ମଂଚାସୀନ ରହି ମହୋତ୍ସବ ହିଁ ଲୁକାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ଏକତାର ପ୍ରତୀକ ବୋଲି ନିଜ ବକ୍ତବ୍ୟରେ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ସନ୍ତୋଷ ଖଟୁଆ ମଂଚାସୀନ ରହି ବନମହୋତ୍ସବ ବିଷୟରେ ଆଲୋକପାତ କରିବା ସହ ପଂଚଲିଙ୍ଗେଶ୍ୱର ଶୈବପୀଠର ଉତୋରତର କାମନା କରିଥିଲେ । ସମ୍ମାନୀତ ଅତିଥି ଭାବେ ନୀଳଗିରି ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ, ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ, ଶ୍ୟାମସୁନ୍ଦରପୁର ପଂଚାୟତ ସରପଂଚ ପୁରଷ୍ତମ ସେଠୀ, ବର୍ଷିୟାନ କମ୍ୟୁନିଷ୍ଟ ନେତା କୈଳାସ ପଣ୍ଡା, ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝି, ଏନ.ଏ.ସି. ଅଧକ୍ଷା ଅମ୍ବିକା ଦାସ, ବାଉଁଶବଣିଆ ସରପଂଚ, ବାଉଁଶବଣିଆ ସମିତିସଭ୍ୟ, ସୀମନ ଦାସ ମହାପାତ୍ର, ଜିଲ୍ଲା ଛାତ୍ର ବିଜେଡି ସଭାପତି, ମଂଚାସୀନ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ । ବନମହୋତ୍ସବ କମିଟିର ସଭାପତି ତଥା ନୀଳଗିରିର ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ ସଭାପତିତ୍ୱ କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ସାମ୍ବାଦିକ ଅଶେଷ କୁମାର ସ, ସାମ୍ବାଦିକ ବିଶ୍ୱମ୍ବର ଦାଶ, ସୁକାନ୍ତ କୁମାର ଦାଶ, ଭବାନୀଶଙ୍କର ପ୍ରଧାନ, ପରିବେଶବିତ ମନୋରଜଂନ ଦାସ, ବିଶିଷ୍ଟ ପଥର ଶିଳ୍ପୀ ଦିବ୍ୟଜ୍ୟୋତି ବେହେରାଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କମିଟି ସଦସ୍ୟମାନେ ସହଯୋଗ କରିଥିଲେ ।

# ୟୁଥ୍ ଫେଷ୍ଟ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା



ନୀଳଗିରି, ୧୪/୦୫ (ନି.ପ୍ର): ନୀଳଗିରି ୟୁଥ୍ ଫେଷ୍ଟ ଏସୋସିଏସନ ପକ୍ଷରୁ ୩ ଦିନ ଧରି ନୀଳଗିରି କେ.ସି. ହାଇସ୍କୁଲ ପଡ଼ିଆରେ ଚଳିଥିବା ବେଳେ ଆଜି ଉଦ୍‌ଯାପନୀ ସନ୍ଧ୍ୟାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୁବପୀଢ଼ି ହିଁ ସୁସ୍ଥ ସମାଜ ଗଠନର ଦର୍ପଣ ସଦୃଶ ବୋଲି ନିଜ ବକ୍ତବ୍ୟରେ ପ୍ରଦାନ କରିଥିଲେ । ହରିଉଦ୍ୟୋଗର ପରିଚାଳକ ସଂଗ୍ରାମ ଦାସ ମଂଚାସୀନ ରହି ୟୁଥ୍ ଫେଷ୍ଟ ମହୋତ୍ସବର ଏପରି ନିଆରା ପରମ୍ପରାକୁ ଭୂୟସୀ ପ୍ରଶଂସା କରିଥିଲେ । ସେହିପରି ଜେ.ଏସ.ପି. କମ୍ପାନୀର ଭାଇସ ପ୍ରେସିଡେଂଟ ଅସିତ କୁମାର ପାତ୍ର ଯୋଗ ଦେଇ ଯୁବପୀଢ଼ିଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଡା. ପ୍ରତାପ ରଥଙ୍କୁ ସେବାଶ୍ରୀ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସତ୍ୟଜିତ, ପ୍ରଜ୍ଞା, ବ୍ରହ୍ମପୁରର ପ୍ରିନ୍ସ ଡେନ୍ସ ଗ୍ରୁପ, ପୁରୀର ମାଲଖମ୍ବ ଡେନ୍ସ ଗ୍ରୁପ, ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ମୁଗ୍ଧ କରିଥିଲେ । ଏହି ୟୁଥ୍‌ଫେଷ୍ଟ କାର୍ଯ୍ୟକ୍ରମରେ ଏସୋସିଏସନର ସଦସ୍ୟ ତାପସ କୁମାର ପରିଡ଼ା, ସବ୍ୟସାଚୀ ମହାପାତ୍ର, ନଟୁ ସରକାର, ରମେଶ ରାଉତ, କୁମାର ରାୟ, ପ୍ରଦୀପ ଦାସ, ଗୟାଧର ବେହେରା, ଚିନ୍ମୟୀ ବାବୁ, ରଶ୍ମିରଂଜନ ରାଉତ, ବିସ୍ମୟ ମଲିକ, ମନୋରଂଜନ ଦାସବାବୁ, ବିଶ୍ୱରଂଜନ ମହାନ୍ତି, ମହେଶ୍ୱର ଖୁଂଟିଆ, ସମେତ ବହୁ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ୧୮ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର, ୧୪/୦୫ (ନି.ପ୍ର): ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବିଜୁଳି , ଘଡଘଡି ସହ କାଳବୈଶାଖୀ ଜନିତ ଝଡ ବର୍ଷା ଜାରି ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଦିନର ତାପମାତ୍ରାରେ ସେପରି କୌଣସି ବଡ଼ ଧରଣର ପରିବର୍ତ୍ତନ ଘଟିବାର କୌଣସି ସମ୍ଭାବନା ନାହିଁ । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧରେ ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ବାଲେଶ୍ୱର, କୋରାପୁଟ, ମାଲକାନାଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ୯ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୧୫ରୁ ୧୬ ତାରିଖ ମଧ୍ୟରେ ଦେବଗଡ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୁରଭଂଜ ଓ ବାଲେଶ୍ୱର ଜିଲ୍ଲାରେ ଘଂଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିପାରେ । ଏହି ସମୟ ମଧ୍ୟରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡା, ଗଜପତି, ରାୟଗଡା ,କନ୍ଧମାଳ, ଯାଜପୁର ଓ ଭଦ୍ରକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସମ୍ଭାବନା ରହିଛି । ଏହି ସମସ୍ତ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

# ସପ୍ତମ ବେତନ ପ୍ରଦାନରେ ସରକାରଙ୍କର ତୃଟିପୂର୍ଣ୍ଣ ନିଷ୍ପତ୍ତି ବିରୁଦ୍ଧରେ ଆନ୍ଦୋଳନ ପାଇଁ ପ୍ରେସ୍ ମିଟ୍




ଭଦ୍ରକ, ୧୪/୦୫ (ନି.ପ୍ର): ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ତରଫରୁ ଅପରିବିନ୍ଧା ସ୍ଥିତ ସଂଘ ଅଫିସ ଠାରେ ଏକ ପ୍ରେସମିଟ୍ ହୋଇଥିଲା । ରାଜ୍ୟ ସରକାର ଶୁକ୍ରବାର ପ୍ରକାଶ କରିଥିବା ସପ୍ତମ ବେତନ ପ୍ରଦାନର ପଦ୍ଧତି (ମୋଡାଲିଟ) ଅତ୍ୟନ୍ତ ଦୁର୍ଭାଗ୍ୟଜନକ, ଏଭଳି ମନ୍ତବ୍ୟ ରଖୁଛନ୍ତି ଓଷ୍ଟାର କର୍ମକର୍ତ୍ତାବୃନ୍ଦ । ସପ୍ତମ ବେତନ ପ୍ରଦାନର ଠିକ ପଦ୍ଧତି ନିର୍ଦ୍ଧାରଣ କରିବାକୁ ଭଦ୍ରକ ଓଷ୍ଟା ଦାବି କରିଛି । ରାଜ୍ୟ ସରକାର ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କୁ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ସପ୍ତମ ବେତନ ପ୍ରଦାନ କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଥିଲେ । ଗତ ଫେବୃଆରୀ ୧୧ରେ ଏହା ଉପରେ ବିଜ୍ଞପ୍ତି ପ୍ରକାଶ କଲେ । କିନ୍ତୁ ଗୁରୁବାର ଦିନ ଯେଉଁ ନିଷ୍ପତ୍ତି ପ୍ରକାଶ ପାଇଛି ସେଥିରେ ପରିବର୍ତ୍ତନ ହୋଇଛି । ସବୁ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସପ୍ତମ ବେତନ ଦିଆନଯାଇ କେବଳ ଶତ ପ୍ରତିଶତ ଦରମା ପାଇଥିବା ବିଦ୍ୟାଳୟକୁ ଦିଆଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି । ଉକ୍ତ ବିଜ୍ଞପ୍ତି ଓ ଆର.ଏସ୍.ପି. ରୁଲ-୨୦୧୭ ଅନୁସାରେ ପ୍ରକାଶିତ ହୋଇଛି । ବିଜ୍ଞପ୍ତିରେ କୁହାଯାଇଛି ଯେ ୭୪% ଓ ଗୋଟିଏ ଦିନ ପରେ ୧୦୦% ଦରମା ପାଇବାକୁ ଯୋଗ୍ୟ ହୋଇଥିବା ବିଦ୍ୟାଳୟକୁ ମଧ ଏଥିରୁ ବାଦ ଦିଆଯାଇଛି । ଏହା ଉପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚୀବ ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ଭଦ୍ରକ ଓଷ୍ଟାର ନେତୃତ୍ୱ ଦାବି କରିଛନ୍ତି । ଆସନ୍ତା ୧୭ ତାରିଖ ସୁଦ୍ଧା ସରକାର ନିଷ୍ପତ୍ତି ନିଅନ୍ତୁ ନଚେତ୍ର ପୁଣି ପଚାଶ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ବାଧହୋଇ ରାଜରାସ୍ତାକୁ ଓହ୍ଲାଇବେ । ଏହି ପଦ୍ଧତି ଅନୁସାରେ ଦରମା ଗ୍ରହଣ କରାଯିବ ନାହିଁ । ରାଜ୍ୟରେ ସମସ୍ତ ଡି.ଇ.ଓ. ଅଫିସ୍ ଆଗାମୀ ଦିନରେ ଅଚଳ କରାଯିବ ବୋଲି ରାଜ୍ୟ ଓଷ୍ଟାର ସମ୍ପାଦିକା ସୁରଜିତା ନାୟକ, ପ୍ରଦୀପ୍ତ କୁମାର ଦାସ, ଅକ୍ଷୟ ହୋତା, ରମାକାନ୍ତ ପରିଡ଼ା, ବୈକୁଣ୍ଠ ବିଶ୍ୱାଳ, ପର୍ଶୁରାମ ପାତ୍ର, କମଳାକାନ୍ତ ନାୟକ, ପ୍ରଭାତ ପାଣିଗ୍ରାହୀ, ଶଶିଶେଖର କରଶର୍ମା, ହେମନ୍ତ ସୂତାର, ଦେବବ୍ରତ ତ୍ରିପାଠୀ, ଅରୁଣ ଶତପଥୀ, ବସନ୍ତ ବିଶ୍ୱାଳ, ସୁବଳ ପତ୍ରୀ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ମତବ୍ୟକ୍ତ କରିଥିଲେ ।

## ଭାରତୀୟ ପୁରୁଷ ହକି ଦଳର ଅଧିନାୟକ ଘୋଷିତ ହୋଇଥିବାରୁ ବିରେନ୍ଦ୍ର ଲାକ୍ରାଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪/୦୫ (ନି.ପ୍ର): ଭାରତୀୟ ପୁରୁଷ ହକି ଦଳର ଅଧିନାୟକ ଘୋଷିତ ହୋଇଥିବାରୁ ବିରେନ୍ଦ୍ର ଲାକ୍ରାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ଇଣ୍ଡୋନେସିଆରେ ହେବାକୁ ଥିବା ହିରୋ ମେନ୍ସ ଏସିଆ କପରେ ଭାରତୀୟ ଦଳର ଅଧିନାୟକ ଘୋଷିତ ହୋଇଥିବାରୁ ବିରେନ୍ଦ୍ର ଲାକ୍ରାଙ୍କୁ ଅଭିନନ୍ଦନ । ଭାରତୀୟ ଦଳକୁ ଶୁଭେଚ୍ଛା ।

# କବି ତଥା ଜ୍ୟୋତିର୍ବିଦ ସ୍ୱର୍ଗତ ତ୍ରିଲୋଚନ ଖଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧାବାର୍ଷିକ ପାଳିତ



ବାଲିଆପାଳ, ୧୪/୦୫ (ନି.ପ୍ର): ଆଜି ପୂର୍ବାହ୍ନରେ କବି ତଥା ଜ୍ୟୋତିର୍ବିଦ ତ୍ରିଲୋଚନ ଖଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିସଭା ଓ ସ୍ମରଣିକା ଉନ୍ମୋଚିତ ହୋଇଯାଇଛି । ମଣିଷକୁ ତାର କର୍ମ ଚିରଞ୍ଜିବୀ କରାଏ । ଏହି ମର୍ମରେ ଆୟୋଜିତ ସ୍ମୃତିସଭାରେ କବି ତଥା ସୁସାହିତ୍ୟିକ ବ୍ରଜେନ୍ଦ୍ରନାଥ ଗିରିଙ୍କ ପୌରହିତ୍ୟରେ ରେବତୀର ସଂପାଦିକା ତଥା ସମାଜସେବୀ ସୁବାସିନୀ ଜେନା ମୁଖ୍ୟ ଅତିଥି , ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳୀପଦ ପଣ୍ଡା ମୁଖ୍ୟବକ୍ତା,ବରେଣ୍ୟ ଅତିଥି ଭାବରେ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ନାଗରିକ ମଂଚର ସଭାପତି ନାରାୟଣ ପ୍ରସାଦ ସାହୁ, ଅନୁସନ୍ଧାନ ଅଧିକାରୀ କେନ୍ଦ୍ରୀୟ ଜଳ ଆୟୋଗ ଡ.ନିର୍ମଳ ଚନ୍ଦ୍ର ଭୂୟାଁ, ପ୍ରଫେସର କୁଞ୍ଜକାନ୍ତ ପାତ୍ର, ପ୍ରାକ୍ତନ ଅଧକ୍ଷ ଡ.ବିଜୟ କୁମାର ଦେ,ସମାଜସେବୀ ଭୃଗୁରାମ ବିଶ୍ୱାଳ, ଶିକ୍ଷାବିତ୍ ଶ୍ରୀହରି ମଣ୍ଡଳ,ସମାଜସେବୀ ବଳରାମ ସାହୁ,ସମାଜସେବୀ ଗୋବିନ୍ଦ ଦାସ, କବି ନଳିନୀକାନ୍ତ ପାଢୀ, ଅଧାପକ ଦୟାନିଧି ସାହୁ, ଶ୍ରୀ ହରି ପିଳା,ମନୋଜ ସି, ଡା.ବଙ୍କିମ ଚନ୍ଦ୍ର ଜେନା,ଜନ୍ମେଜୟ ସାହୁ,ଭୀମ ଚରଣ ବେହେରା,ବିଜୟ କୁମାର ପାତ୍ର,ଶଚୀନ୍ଦ୍ର ନନ୍ଦୀ ପ୍ରମୁଖ ଖଣ୍ଡାଙ୍କ ସ୍ମୃତିଚାରଣ କରିଥିବା ବେଳେ ବ୍ୟଙ୍ଗକବି ଅର୍ଦ୍ଧେନ୍ଦୁ ପ୍ରାଣୀଗ୍ରାହୀ ଅତିଥି ପରିଚୟ ,ଶିକ୍ଷାବିତ୍ ଝାଡେଶ୍ୱର ପ୍ରଧାନ ସ୍ୱାଗତ ଭାଷଣ, କବି ସନ୍ୟାସୀ ବେହେରା ବେଦ ପାଠ କରିଥିଲେ । ତ୍ରିଲୋଚନ ଖଣ୍ଡାଙ୍କ କନିଷ୍ଠପୁତ୍ର ବିଭୂତି ଭୂଷଣ ଖଣ୍ଡା ପ୍ରତିକା ସଂପାଦକ ତଥା ଜ୍ୟେଷ୍ଠପୁତ୍ର ଇନ୍ଦୁଭୂଷଣ ଖଣ୍ଡା,ବୋଧି,କନ୍ୟା-ଜାମାତା ତଥା ବନ୍ଧୁବର୍ଗ ଏହି କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ । ଏହି ଅବସରରେ ସ୍ମୃତି ଶାମୁକାର କବି ତ୍ରିଲୋଚନାୟ ସ୍ମୃତି ସ୍ମରଣିକା ଅତିଥି ମାନଙ୍କଦ୍ୱାରା ଉନ୍ମୋଚିତ ହୋଇଥିଲା । ପରିଶେଷରେ ଡ.କୃଷ୍ଣାକୁମାରୀ ନାୟକ କୃତଜ୍ଞତା ଜଣାଇଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo